

ଟୀପ୍ପଣୀ

# ୬

# ସାମାଜିକ ସମୁହ (Social Groups)

**ପୂ**ର୍ବ ଅଧ୍ୟାୟରେ ଆମେ ସମାଜ ସମୁଦାୟ, ସଂଘ ଓ ଅନୁଷ୍ଠାନ ପ୍ରଭୃତି ମୌଳିକ ସମାଜ ବିଜ୍ଞାନର ଧାରଣା ବିଷୟରେ ଶିଖିଲେ । ବର୍ତ୍ତମାନ ସୁଦ୍ଧା ଏହା ସ୍ପଷ୍ଟ ହୋଇଯାଇଛି ଯେ ଏହି ସବୁ ଶବ୍ଦ ସେହିସବୁ ସମୁହମାନଙ୍କୁ ଦର୍ଶାନ୍ତି ଯାହା ମନୁଷ୍ୟମାନଙ୍କ ଜୀବନଯାପନ ଉପରେ ଆଲୋକପାତ କରନ୍ତି । ତେବେ ଆମେ ନିର୍ଦ୍ଦିଷ୍ଟ ଭାବରେ ସାମାଜିକ ସମୁହ ଶବ୍ଦର ପ୍ରୟୋଗ କରୁ ଓ ଜଣାଇଦେଉ ଯେ ଲୋକମାନେ କିପରି ପରସ୍ପର ସହିତ ଏକ ସଂଯୁକ୍ତି ସମଗ୍ରଭାବରେ ରୁହନ୍ତି । ସାମାଜିକ ସମୁହମାନେ ହେଉଛନ୍ତି ସେହି ମୌଳିକ ଏକକ, ଯେଉଁଠାରେ ଲୋକମାନେ ଜୀବନଯାପନ କରନ୍ତି ଓ ଅର୍ଥପୂର୍ଣ୍ଣ ଆନ୍ତଃକ୍ରିୟାରେ ପ୍ରବେଶ କରନ୍ତି । ସମାଜ ବିଜ୍ଞାନୀ, ସମାଜର କାର୍ଯ୍ୟକାରିତାକୁ ବୁଝିବା ପାଇଁ ଏହି ଶବ୍ଦ ବା ଧାରଣାକୁ ବ୍ୟବହାର କରନ୍ତି ।

ଆପଣମାନେ ଅନୁଭବ କରିଥିବେ ଯେ ଲୋକମାନେ ସମାଜରେ ରୁହନ୍ତି ଓ ଏହାଦ୍ୱାରା ଜଣାଯାଏ ଯେ ସମାଜରେ ରହିବା ଅର୍ଥ ଏକାକୀ ବା ପୃଥକ୍ ଭାବରେ ରହିବାଠାରୁ ଭିନ୍ନ । କାରଣ ମନୁଷ୍ୟ ତା'ର ସମସ୍ୟା, ଚିନ୍ତାଧାରା ଓ ଅନୁଭୂତିକୁ ବାଣ୍ଟିବା ପାଇଁ ଆଖପାଖରେ ସାଙ୍ଗସାଥୀଙ୍କର ଆବଶ୍ୟକତା ଅନୁଭବ କରେ । ଏଥିପାଇଁ ମନୁଷ୍ୟକୁ ସାମାଜିକ ପ୍ରାଣୀ କୁହାଯାଏ । ସେମାନେ ସମାଜରେ ରୁହନ୍ତି, କିନ୍ତୁ ଆମେ ଆଗରୁ ଜାଣିଛୁ ଯେ ସମାଜ ଅମୂର୍ତ୍ତ । ଏହା ଦେଖାଯାଏ ନାହିଁ । ଏହାଦ୍ୱାରା କେବଳ ସାମାଜିକ ପ୍ରତିମାନ ର ଅସ୍ତିତ୍ୱ ଓ କାର୍ଯ୍ୟକାରିତାରୁ ଅନୁଭବ କରାଯାଏ । ପ୍ରତିମାନ ବ୍ୟକ୍ତିମାନଙ୍କର ବ୍ୟବହାରକୁ ନିୟନ୍ତ୍ରଣ ଓ ସଂଚାଳନ କରେ । ତେଣୁ ଆମମାନଙ୍କ ସମ୍ମୁଖରେ ଏକ ବଡ଼ ପ୍ରଶ୍ନ - ଯେ ଯଦି ଆମେ ସମାଜକୁ ଦେଖି ପାରୁ ନାହେଁ, ତେବେ ଏହା କ'ଣ ବୁଝାଏ । ଏହି ପରିପ୍ରେକ୍ଷୀରେ ସମୁହର ଗୁରୁତ୍ୱ ରହିଛି ।

## ଉଦ୍ଦେଶ୍ୟ :-

**ଏହି ଅଧ୍ୟାୟ ପଢ଼ିବା ପରେ ଆପଣମାନେ -**

- ➩ ସାମାଜିକ ସମୁହର ସଂଜ୍ଞା ପ୍ରଦାନ କରିପାରିବେ ;
- ➩ ସାମାଜିକ ସମୁହର ଲକ୍ଷଣମାନଙ୍କୁ ବୁଝିପାରିବେ ;
- ➩ ସାମାଜିକ ସମୁହର ପ୍ରକାର ଭେଦକୁ ଜାଣିପାରିବେ ; ଏବଂ
- ➩ ସମାଜ ଓ ସମୁହ, ତଥା ସଂଘ ଓ ସମୁଦାୟ ମଧ୍ୟରେ ପ୍ରଭେଦ ଦର୍ଶାଇ ପାରିବେ ।



ଟୀପ୍‌ପଣୀ

## ୬.୧ ସମୂହ କ'ଣ ?

ଏକ ସାମାଜିକ ସମୂହ ସାଧାରଣତଃ, ଲୋକମାନଙ୍କର ଏପରି ଏକ ସମଷ୍ଟି ଯେଉଁମାନେ ନିୟମିତ ଭାବରେ ଭାବର ଆଦାନ ପ୍ରଦାନ କରନ୍ତି । ସମୂହ ସାମାଜିକ ପ୍ରାଣୀମାନଙ୍କ ମଧ୍ୟରେ ସାମାଜିକ ସଂପର୍କ ସ୍ଥାପନ କରିଥାଏ । ସମାଜର ଏକକ ଭାବରେ ସମୂହ, ସମାଜର ସମସ୍ତ ଲକ୍ଷଣ ବହନ କରିଥାଏ, ଫରକ କେବଳ ଏତିକି ଯେ ସମାଜ ଏକ ଅମୂର୍ତ୍ତ ଧାରଣା ହୋଇଥିଲାବେଳେ ସମୂହ ଏକ ମୂର୍ତ୍ତ ଅସ୍ତିତ୍ୱ । ଆମେ ପରିବାର ଭଳି ସମୂହରେ ବାସକରୁ । ଆମେ ବଂଶ ଓ ଗୋତ୍ର ଭଳି ସମୂହରେ ମଧ୍ୟ ସମ୍ବନ୍ଧିତ ହୋଇଥାଉ । ତେଣୁ ସମାଜବିଜ୍ଞାନୀମାନେ ସମାଜ ବିଜ୍ଞାନକୁ ସମୁହମାନଙ୍କର ଏକ ବିଜ୍ଞାନ ବୋଲି କହିଛନ୍ତି । ସବୁ ସମାଜରେ ସବୁବେଳେ ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ଅର୍ଥପୂର୍ଣ୍ଣ ଆନ୍ତଃକ୍ରିୟାରେ ପ୍ରବୃତ୍ତ ଥାନ୍ତି । ଏହି ସବୁ ଆନ୍ତଃକ୍ରିୟା ସାମୂହିକଭାବରେ ଘଟେ ତଥା ସାମୁହିକ ପରିଚୟ ଥିବା ବ୍ୟକ୍ତି, ବ୍ୟକ୍ତି ମଧ୍ୟରେ ମଧ୍ୟ ଘଟିଥାଏ । ଏହି ପରିଚୟ ସାମାଜିକ ସମୂହ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

## ୬.୨ ସାମାଜିକ ସମୂହର ଲକ୍ଷଣ

ସାମାଜିକ ସମୂହର ସଂଜ୍ଞା ଓ ଉପରୋକ୍ତ ବର୍ଣ୍ଣନାରୁ ନିମ୍ନଲିଖିତ ଲକ୍ଷଣମାନ ସ୍ପଷ୍ଟ ପ୍ରତୀୟମାନ ହୁଏ ।

୧. **ବ୍ୟକ୍ତିମାନଙ୍କର ସାଂଖ୍ୟ :** ସମୂହରେ ସର୍ବନିମ୍ନ ଦୁଇଜଣ ସଦସ୍ୟ ରହିବା ଦରକାର ।

୨. **ସଦସ୍ୟତା ସଚେତନତା :** ସମୂହର ପ୍ରତ୍ୟେକ ସଦସ୍ୟ, ନିଜର ସଦସ୍ୟତା ପ୍ରତି ସଚେତନ ଥାଆନ୍ତି ।

୩. **ସଂଗଠିତ ଢାଞ୍ଚା :** ପ୍ରତ୍ୟେକ ସମୂହର ଢାଞ୍ଚାଗତ ସଂଗଠନ ଥାଏ ।

୪. **ଅର୍ଥ ଓ ଉଦ୍ଦେଶ୍ୟ ସହିତ ଆନ୍ତଃକ୍ରିୟା :** ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ ପାଇଁ ସଦସ୍ୟମାନଙ୍କ ମଧ୍ୟରେ ଆନ୍ତଃକ୍ରିୟା ହୁଏ ।

୫. **ଆପଣାପଣର ଭାବନା :** ଏହା ଏକ ସମୂହରେ ଥିବା "ଆମେ" ମନୋଭାବନାକୁ ବୁଝାଏ ।

୬. **ସାଧାରଣ ଲକ୍ଷ୍ୟ ଓ ଅଭିରୁଚି :** ସମୂହର ସଦସ୍ୟମାନଙ୍କର ପ୍ରାୟତଃ ସାଧାରଣ ଲକ୍ଷ୍ୟ ଥାଏ ଓ ତାହାକୁ ହାସଲ କରିବା ପାଇଁ ସେମାନେ ଏକତ୍ର କାର୍ଯ୍ୟ କରନ୍ତି । ଯେପରିକି ଏକ କ୍ରିକେଟ କ୍ଲବର ସଦସ୍ୟମାନେ କ୍ରିକେଟ ଖେଳି ମ୍ୟାଚ୍ ଜିତିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି ।

୭. **ସମୂହ ପ୍ରତିମାନ :** ପ୍ରତ୍ୟେକ ସମୂହର ନିଜର ନିୟମାବଳୀ ଓ ପ୍ରତିମାନ ଥାଏ ଯାହାକୁ ଏହାର ସଦସ୍ୟମାନେ ମାନନ୍ତି ।

୮. **ତୁଳନାତ୍ମକ ଭାବେ ସ୍ଥାୟୀ :** ପ୍ରତ୍ୟେକ ସମୂହର ଏକ ଆପେକ୍ଷିକ ସ୍ଥାୟିତ୍ୱ ରହିଛି ।

୯. **ନିର୍ଦ୍ଦିଷ୍ଟ ନାମ :** ଅଧିକାଂଶ କ୍ଷେତ୍ରରେ ସମୂହର ନିଜର ନାମ ଥାଏ ।

୧୦. **ଭାଷା ଓ ପ୍ରତୀକ ଭଳି ସାଂସ୍କୃତିକ ଚିହ୍ନ :** ପ୍ରତ୍ୟେକ ସମୂହର ଆଚରଣର ନିୟମ, ଆନ୍ତଃକ୍ରିୟାର ଶୈଳୀ, ଭାଷା ଓ ପ୍ରତୀକ ଥାଏ, ଯାହା ମାଧ୍ୟମରେ ଏହାର ସଦସ୍ୟମାନେ ଯୋଗାଯୋଗ ରକ୍ଷାକରନ୍ତି ।

୧୧. **ପାରସ୍ପରିକ ସମ୍ବନ୍ଧ :** ସମୂହର ସଦସ୍ୟମାନେ ଏକ ପାରସ୍ପରିକ ଭାବନାରେ ପରସ୍ପର ସହ ସମ୍ବନ୍ଧିତ ହୋଇଥାଆନ୍ତି । ଉଦାହରଣ ସ୍ୱରୂପ, ପରିବାରର ସଦସ୍ୟମାନେ ଜ୍ଞାତିତ୍ୱ ସମ୍ବନ୍ଧରେ ସମ୍ବନ୍ଧିତ ହୋଇଥାଆନ୍ତି ।



ଟୀପ୍‌ପଣୀ

## ୬.୩ କିଛି ସମ୍ବନ୍ଧିତ ଶବ୍ଦାବଳୀ

ସମୂହକୁ ବୁଝିବାକୁ ହେଲେ ଆମକୁ ଏହା ସହିତ ସମ୍ବନ୍ଧିତ ଶବ୍ଦମାନଙ୍କୁ ଜାଣିବାକୁ ହେବ । ଏହା ନିମ୍ନରେ ଦିଆଗଲା ।

**ସମଷ୍ଟି :** ଏହା ବ୍ୟକ୍ତିମାନଙ୍କର ଏପରି ଏକ ସଂଗ୍ରହ ଯେଉଁମାନଙ୍କ ମଧ୍ୟରେ ଅପେକ୍ଷାକୃତ କମ୍ ଆନ୍ତଃ କ୍ରିୟା ହୋଇଥାଏ । ଯେମିତିକି ବାଟରେ ଯାଉଥିବା ଲୋକମାନଙ୍କୁ ଏକ ସମଷ୍ଟିର ଉଦାହରଣ ଭାବେ ଗ୍ରହଣ କରି ହେବ ।

**ଭିଡ଼ :** କୌଣସି ନିଶ୍ଚିତ ସମୟରେ ବ୍ୟକ୍ତିମାନଙ୍କର ଏକାଠି ହେବା । ଉଦାହରଣସ୍ୱରୂପ ଆମେ ବେଳେବେଳେ ଆମ ଆଖ ପାଖରେ ଦେଖୁ ଯେ ଲୋକମାନେ ଏକାଠି ହୋଇ ପଥପ୍ରାନ୍ତ ନାଟକ ଦେଖନ୍ତି । ଏହି ଲୋକମାନଙ୍କର ଏକାଠି ହେବାକୁ ଭିଡ଼ କୁହାଯାଏ । ଭିଡ଼ ଦୁଇ ପ୍ରକାରର

**ସକ୍ରିୟ ଭିଡ଼ :** ନାଟକ ଦେଖିଲାବେଳେ କୌଣସି ରୋଚକ ପ୍ରସଙ୍ଗକୁ ଦେଖି ଲୋକମାନଙ୍କର ତାଳି ବଜାଇବା ।

**ନିଷ୍କ୍ରିୟ ଭିଡ଼ :** ବଜାରରେ ଜିନିଷ କିଣୁଥିବା ଲୋକଙ୍କର ସମଷ୍ଟି ।

**ବର୍ଗ ବା ବିଭାଗ :** ବିଶେଷ ସାଧାରଣ ଲକ୍ଷଣ ଥିବା ଲୋକମାନଙ୍କର ସମଷ୍ଟି, ଯେପରିକି ସମାନ ଲିଙ୍ଗର ବ୍ୟକ୍ତିମାନେ ବା ସମାନ ଆୟଥିବା ଲୋକମାନେ ।

ବର୍ତ୍ତମାନ, ଆସନ୍ତୁ ଦେଖିବା ସାମାଜିକ ସମୁହ ଏହି ଶବ୍ଦମାନଙ୍କଠାରୁ କିପରି ଭିନ୍ନ

ସାମାଜିକ ସମୁହ ହେଉଛି ସାଧାରଣତଃ ବ୍ୟକ୍ତିମାନଙ୍କର ଏକ ସଙ୍ଗଠିତ ସମଷ୍ଟି । ଯେଉଁମାନଙ୍କର ସଦସ୍ୟତା ସଚେତନତା ଥାଏ ଓ ସେମାନେ କୌଣସି ବିଶିଷ୍ଟ ଉଦ୍ଦେଶ୍ୟ ନ ରଖି ନିୟମିତ ଭାବରେ ପରସ୍ପର ସହ ଭାବର ଆଦାନ ପ୍ରଦାନ କରନ୍ତି । ସମୁହ ସାମାଜିକ ପ୍ରାଣୀମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ସ୍ଥାପନ କରେ ଓ ଏହା ବର୍ଗ/ବିଭାଗ ଓ ଭିଡ଼ଠାରୁ ଅଧିକ ସ୍ଥାୟୀ ଅଟେ । ଏକ ସମାଜର ସମସ୍ତ ଲକ୍ଷଣ ସମୁହରେ ଦେଖିବାକୁ ମିଳେ, କିନ୍ତୁ ଏହି ଧାରଣା ମାଧ୍ୟମରେ ଆମେ ସମାଜର ମୂର୍ତ୍ତ ରୂପକୁ ଦର୍ଶାଉ । ଏହା ସାମାଜିକ ପ୍ରାଣୀମାନଙ୍କର ଏକ ସଂଗ୍ରହ/ସମଷ୍ଟି, ଯେଉଁମାନେ ସାମାଜିକ ସମ୍ପର୍କ ଦ୍ୱାରା ସଂଯୁକ୍ତ ହୋଇଥାନ୍ତି । କିଛି ସମାଜ ବିଜ୍ଞାନୀ ସମୁହକୁ "ସାମାଜିକ ପ୍ରସ୍ତର" କହିଥାଆନ୍ତି । କାରଣ ସେମାନଙ୍କ ମତରେ ପ୍ରସ୍ତରମାନଙ୍କ ଭଳି ସମୁହମାନେ ସମାଜ ନିର୍ମାଣ କରନ୍ତି ।



**ଚିତ୍ର. ୧ ପରିବାର ସମୂହ**



ଟୀପ୍‌ପଣୀ

ପ୍ରତ୍ୟେକ ମଣିଷ ଏକାଧିକ ସମୁହ ଯଥା ପରିବାର, ସାଙ୍ଗ ସାଥୀ ମେଳ, କ୍ଲବ ଓ ପଡ଼ୋଶୀ ସମୂହ ଇତ୍ୟାଦିର ସଦସ୍ୟ ହୋଇଥାଏ । ଏହି ସବୁ ସମୁହମାନଙ୍କର ବ୍ୟକ୍ତିମାନେ ଆନ୍ତଃ ପ୍ରକ୍ରିୟା କରନ୍ତି । ବେଳେବେଳେ ସେମାନଙ୍କର ସାଧାରଣ ଲକ୍ଷ୍ୟ ଥାଏ ଓ ସେମାନେ ଏକାପରି କାର୍ଯ୍ୟରେ ଭାଗ ନିଅନ୍ତି । ଏକ ସମୁହର ସଦସ୍ୟମାନେ ସେମାନଙ୍କର କାର୍ଯ୍ୟକଳାପ ବିଷୟରେ ସଚେତନ ଥା’ନ୍ତି ।ସେମାନେ ସେମାନଙ୍କର ପାରସ୍ପରିକ ଆନ୍ତଃକ୍ରିୟା ମିଳିତ ଭାବେ କରିଥା’ନ୍ତି ।

## ସାମାଜିକ ସମୁହ ହେଉଛି ଏକ ପରିବର୍ତ୍ତନଶୀଳ ଅସ୍ତିତ୍ୱ ।

ନୂତନ ସଦସ୍ୟମାନଙ୍କର ଯୋଗଦାନ ଓ ପୁରାତନ ସଦସ୍ୟମାନଙ୍କର ପ୍ରସ୍ଥାନ ଦ୍ୱାରା ସମୁହର ଗଠନରେ ପରିବର୍ତ୍ତନ ହୁଏ । ପରିସ୍ଥିତି ଅନୁଯାୟୀ ଏକ ସମୁହ ବଡ଼ ବା ଛୋଟ ହୋଇପାରେ । ବେଳେବେଳେ ସମୁହ ସୃଷ୍ଟି ହୋଇଥିବା ଉଦ୍ଦେଶ୍ୟରେ ପରିବର୍ତ୍ତନ ହୁଏ ଓ ନୂତନ ପରିବର୍ତ୍ତନ ସବୁ ସମୁହ ମଧ୍ୟରେ ପ୍ରବେଶ କରେ । ଏହା ସମୁହର ନମନୀୟତାକୁ ଦର୍ଶାଏ । ବେଳେବେଳେ ଏକ ସମୁହ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ସୃଷ୍ଟି ହୋଇଥାଏ, ପରେ ଏହା ସଂଘରେ ପରିବର୍ତ୍ତିତ ହୁଏ କିନ୍ତୁ, ଅଧିକାଂଶ କ୍ଷେତ୍ରରେ ଏହାର ଉଦ୍ଦେଶ୍ୟ ଉଭୟ ମଧ୍ୟରେ ସମ୍ମିଳିତ ହୋଇଯାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୬.୧

ଏକ ବାକ୍ୟରେ ଉତ୍ତର ଦିଅନ୍ତୁ ।

(କ) ସାମାଜିକ ସମୁହ କହିଲେ କ’ଣ ବୁଝ ?

_______________________________________________

(ଖ) ସାମାଜିକ ସମୁହକୁ “ସାମାଜିକ ପ୍ରସ୍ତର” କୁହାଯାଇପାରିବ କି ? ଯଦି ହଁ, ତେବେ କାହିଁକି ?

_______________________________________________

(ଗ) ଆପଣମାନେ ଏହି ବକ୍ତବ୍ୟ ସହ ଏକମତ କି ସମାଜ, ସମୁହମାନଙ୍କ ଦ୍ୱାରା ଗଠିତ ।

_______________________________________________

(ଘ) ସମୁହର ଏକ ଉଦାହରଣ ଦିଅନ୍ତୁ ।

_______________________________________________

## ୬.୪ ସମୁହର ପ୍ରକାର

ସମାଜ, ସମୁହମାନଙ୍କ ଦ୍ୱାରା ଗଠିତ ହୁଏ ଓ ସମୁହ ବିଭିନ୍ନ ପ୍ରକାରର ଥାଏ । ସମୁହର ପ୍ରକାର ଭେଦ ବୁଝିବା ପାଇଁ ସମାଜବିଜ୍ଞାନୀ ସେମାନଙ୍କର ବିଭିନ୍ନ ଶ୍ରେଣୀବିଭାଗ ବା ବର୍ଗୀକରଣ କରିଥାଆନ୍ତି । କେତେକ



ଟୀପ୍‌ପଣୀ

ସମୂହ ସ୍ୱାଭାବିକ ଭାବେ ଗଠିତ ହୁଅନ୍ତି । ଯେପରିକି ଛୋଟ ପିଲାମାନେ ଏକ ସମୁହ ଭାବରେ ସମାଜର ସ୍ୱାଭାବିକ ସଦସ୍ୟତା ଗ୍ରହଣ କରନ୍ତି । ଅନ୍ୟ କେତେକ ସମୁହ, ଯେପରିକି କିଛି ଲୋକଙ୍କ ଦ୍ୱାରା କ୍ରିକେଟ କ୍ଲବ ଗଠନ, ତଥା ଏହାର ସଦସ୍ୟ ହେବା, ଏହି ସମୁହମାନେ ତାତ୍‌କାଳିକ ପରିସ୍ଥିତି ଗତ କାରଣରୁ ସୃଷ୍ଟି ହୋଇଥାଆନ୍ତି । ଆମେ ମନେ ରଖିବା ଉଚିତ ହେବ ଯେ ଆମେ ସମସ୍ତେ ସମାଜର କୌଣସି ନା କୌଣସି ସମୁହର ସଦସ୍ୟ । ତେବେ ଏପରି କିଛି ସମୁହ ଅଛନ୍ତି, ଯେଉଁମାନେ ବ୍ୟକ୍ତିର ଘରୋଇ ସୀମା ମଧ୍ୟରେ ଥାଆନ୍ତି । ଯେପରିକି ପରିବାର ଓ ଜ୍ଞାତି ସମୁହ ଇତ୍ୟାଦି । ଅନ୍ୟ କେତେକ ସମୁହ ବ୍ୟକ୍ତିର ସାର୍ବଜନିକ ଜୀବନ ସହ ସମ୍ବନ୍ଧିତ ହୋଇଥାଆନ୍ତି, ଯେପରିକି ରାଜନୈତିକ ଦଳ ଓ କ୍ଲବର ସଦସ୍ୟତା ଇତ୍ୟାଦି ।

> ଏକ ସଂଘ ହିସାବରେ ପରିବାରକୁ ଏକ ସମୁହର ଆଖ୍ୟା ଦିଆଯାଇପାରେ କିନ୍ତୁ ଅନୁଷ୍ଠାନ ହିସାବରେ ଏହା ଏକ ସମୁହ ନୁହେଁ ।

କିଛି ସମାଜ ବିଜ୍ଞାନୀମାନଙ୍କର ପରାମର୍ଶ ଅନୁଯାୟୀ ସମୁହର ବର୍ଗୀକରଣରେ ‘ଆକାର’କୁ ଏକ ମାପକାଠି ଭାବରେ ଗ୍ରହଣ କରାଯାଇପାରେ । ଉଦାହରଣ ସ୍ୱରୂପ ଦୁଇଜଣ ବ୍ୟକ୍ତି ମଧ୍ୟ ସମୁହ ଗଠନ କରିପାରିବେ । ସ୍ୱାମୀ ଓ ସ୍ତ୍ରୀ ଯେଉଁ ସମୁହ ଗଠନ କରନ୍ତି ତାହାକୁ ‘dyad’ ବା ଯୁଗଳ ସମୁହ କୁହାଯାଏ । ଅନ୍ୟ ପକ୍ଷରେ ଆମମାନଙ୍କର ଅନ୍ୟ ପ୍ରକାର ସମୁହ ଅଛି ଯାହାକୁ ‘triad’ ବା ‘ତ୍ରିମୂର୍ତ୍ତି’ କୁହାଯାଏ ଓ ଏହାକୁ ତିନି ଏବଂ ଅଧିକ ଲୋକ ଗଠନ କରନ୍ତି ଏବଂ ଅନ୍ୟ ଏକ ପ୍ରକାର ସମୁହ ରହିଛି ଯାହାର ବହୁତ ସଂଖ୍ୟାରେ ସଦସ୍ୟ ଥାଆନ୍ତି, ଯେପରିକି ଯୁବ କ୍ଲବ ।

ଜର୍ମାନୀ ସମାଜ ବିଜ୍ଞାନୀ ଫର୍ଡ଼ିନାଣ୍ଡ ଟନିସ୍ ଦୁଇ ପ୍ରକାର ମୁଖ୍ୟ ସମୁହ କଥା କହିଛନ୍ତି -

**Gemeinshaft** (ଜେମିନ ସାଫ୍ଟ) ବା ସମୁଦାୟ

**Gesellchaft** (ଜେସେଲ ସାଫ୍ଟ) ବା ସଂଘ

ଔପଚାରିକ ନିୟମର ଉପସ୍ଥିତି ବା ଅନୁପସ୍ଥିତି ଆଧାରରେ ସମୁହକୁ **ଔପଚାରିକ** ବା **ଅନୌପଚାରିକ** ଆଖ୍ୟା ଦିଆଯାଇପାରେ । ପରିବାର ଏକ ଅନୌପଚାରିକ ସମୁହ ହେଲାବେଳେ, ସ୍କୁଲ ହେଉଛି ଏକ ଔପଚାରିକ ସମୁହ ।

ସମ୍ବନ୍ଧ ବା ସଂସର୍ଗର ଲକ୍ଷଣ ଅନୁସାରେ ସମୁହକୁ ପ୍ରାଥମିକ, ଗୌଣ ଓ ଆଂଶିକ ଭାବରେ ବର୍ଗୀକରଣ କରାଯାଇପାରିବ ।

ସମୁହ

ପ୍ରାଥମିକ | ଗୌଣ | ଆଂଶିକ



ଟୀପ୍‌ପଣୀ

### ୬.୪.୧ ପ୍ରାଥମିକ ସମୂହ (Primary Group)

*ପରିବାର ଓ କ୍ଷୁଦ୍ର ଗ୍ରାମ, ଯେଉଁଠାରେ ମୁହାଁମୁହିଁ ପ୍ରତ୍ୟକ୍ଷ ସଂସର୍ଗ ଓ ଘନିଷ୍ଠ ସମ୍ପର୍କ ଥାଏ, ତାହାକୁ ପ୍ରାଥମିକ ସମୂହ କୁହାଯାଏ ।* ପ୍ରାଥମିକ ସମୂହ ଓ ଅନ୍ୟ ସମୂହ (ଯାହାକୁ ବର୍ତ୍ତମାନ ଗୌଣ ସମୂହ କୁହାଯାଉଛି) ହେଉଛନ୍ତି ମୌଳିକ ଧାରଣାର ଅଂଶ ବିଶେଷ । ଯେ କୌଣସି ସମାଜର ସାମାଜିକ ସଂରଚନାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଗ ହେଉଛି ପ୍ରାଥମିକ ସମୂହ ।

ପ୍ରାଥମିକ ସମୂହର ବାହ୍ୟ ଲକ୍ଷଣ ମାନ ହେଲା-

- କ୍ଷୁଦ୍ର ଆକାର
- ମୁହାଁ ମୁହିଁ ପ୍ରତ୍ୟକ୍ଷ ଆନ୍ତଃ-କ୍ରିୟା; ଏବଂ
- ଶାରିରୀକ ସାନ୍ନିଧ

ପ୍ରାଥମିକ ସମୂହର ଅନ୍ତଃ-ବିଶେଷତ୍ୱ ହେଲା

- ଆମେ ମନୋଭାବନା
- ପରୋପକାରିତା - ସମୂହ ପାଇଁ ସଦିଚ୍ଛା
- ସ୍ୱତଃ-ସ୍ଫୁର୍ତ୍ତ ବିକାଶ
- ସ୍ଥାୟିତ୍ୱ
- ସଂପର୍କ ନିଜେ ଏକ ଉଦ୍ଦେଶ୍ୟ, ମାଧ୍ୟମ ନୁହେଁ
- ଅନୌପଚାରିକ ସାମାଜିକ ପ୍ରତିମାନ (ନୀତି ନିୟମ)ର ବହୁଳତା ଓ ଆବେଗାତ୍ମକ ପାରିସ୍ପାରିକ ବ୍ୟକ୍ତିଗତ ସଂପର୍କ ।

### ୬.୪.୨ ଗୌଣ ସମୂହ (Secondary Group)

ଯେଉଁଠାରେ ସଂପର୍କ ସବୁ ଅବୈୟକ୍ତିକ, ଯେଉଁଠାରେ ମୁହାଁମୁହିଁ ପ୍ରତ୍ୟକ୍ଷ ସଂସର୍ଗ ନ ଥାଏ, ସେହି ସମୂହକୁ ଗୌଣ ସମୂହ କୁହାଯାଏ । ଯଥା - ରାଜନୈତିକ ଦଳ, ଜାତି, ଓ ଟ୍ରେଡ଼ ଇଉନିଅନ ଇତ୍ୟାଦି ।

ଗୌଣ ସମୂହର ବାହ୍ୟ ଲକ୍ଷଣ ମାନ ହେଲା

- ବୃହତ୍ ଆକାର - ରେଡ଼କ୍ରସ ସୋସାଇଟି ସମଗ୍ର ପୃଥିବୀର ସଦସ୍ୟମାନଙ୍କୁ ନେଇ ଗଠିତ ।
- ପରୋକ୍ଷ ସମ୍ପର୍କ-ସଦସ୍ୟମାନେ ନିଜ ନିଜ ମଧ୍ୟରେ ଅପ୍ରତ୍ୟକ୍ଷ ମାଧ୍ୟମରେ ଯୋଗାଯୋଗ ରକ୍ଷା କରନ୍ତି ଯେପରିକି ଚିଠିପତ୍ର, ଫ୍ୟାକ୍ସ ଓ ଟେଲିଫୋନ ଇତ୍ୟାଦି ।
- ଲକ୍ଷ୍ୟ ବା ଉଦ୍ଦେଶ୍ୟ କେନ୍ଦ୍ରିତ : ଏକ ନିର୍ଦ୍ଦିଷ୍ଟ ଆବଶ୍ୟକତାର ପରିପୂରଣ ହେଉଛି ଏହି ସମୂହର ଏକ ମୁଖ୍ୟ କାର୍ଯ୍ୟ ।
- ଅବୈୟକ୍ତିକ ସଂପର୍କ : ସଦସ୍ୟମାନେ ପରସ୍ପରକୁ ମୁହାଁ ମୁହିଁ ନ ଭେଟି ମଧ୍ୟ ସେମାନଙ୍କର କାର୍ଯ୍ୟ କରନ୍ତି ।
- ସଦସ୍ୟତା ବିକଳ୍ପ / ସ୍ୱେଚ୍ଛାକୃତ ସଦସ୍ୟତା : ସଦସ୍ୟତା ବାଧ୍ୟତାମୂଳକ ନୁହେଁ । ଜଣେ ଯଦି ଚାହିଁବ ତାହାହେଲେ ରୋଟାରୀ କ୍ଲବ ଅଥବା ରେଡ଼କ୍ରସ ସୋସାଇଟିର ସଦସ୍ୟ ହୋଇପାରିବ ।



ଟୀପ୍‌ପଣୀ

**ପ୍ରାଥମିକ ଓ ଗୌଣ ସମୂହ ମଧ୍ୟରେ ପ୍ରାର୍ଥନା :**

| ଲକ୍ଷଣମାନ | ପ୍ରାଥମିକ ସମୂହ | ଗୌଣ ସମୂହ |
|---|---|---|
| ଆକାର | କ୍ଷୁଦ୍ର | ବୃହତ୍ |
| ଆନ୍ତଃକ୍ରିୟାର ସମୟସୀମା | ନିରନ୍ତର ଜାରିରହେ | ଅଳ୍ପସମୟ ପାଇଁ |
| ସାନିଧ୍ୟତାର ପ୍ରକୃତି | ଅଧିକ, ମୁହାଁ ମୁହିଁ | କମ, ଅପ୍ରତ୍ୟକ୍ଷ |
| ଅଭିରୁଚିର ସ୍ୱରୂପ | ବହୁବିଧ | ନିର୍ଦ୍ଦିଷ୍ଟ |
| ସମ୍ପର୍କର ସ୍ୱରୂପ | ଘନିଷ୍ଠ | ଅବୈୟୋକ୍ତିକ |
| ଅଧିକ ଦେଖାଯାଏ | ଗ୍ରାମ୍ୟ ସମାଜରେ | ସହରୀ ସମାଜରେ |

## ୬.୪.୩ ଆଂଶିକ ସମୂହ (Tertiary Group)

ଏହି ସମୂହ, ସମାନ ଲକ୍ଷଣ ଥିବା ଅନେକ ସମୂହମାନଙ୍କୁ ନେଇ ଗଠିତ ହୁଏ ଓ ଆନ୍ତଃକ୍ରିୟା କେବଳ ବୈଚାରିକ ସ୍ୱରୂପରେ ହୋଇଥାଏ । ଯଥା - ଶ୍ରମ ସଂଗଠନମାନଙ୍କ ପରି ସଂଘ, ଯାହା ଅନେକ ସଂଗଠନକୁ ନେଇ ଗଠିତ ହୁଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୬.୨

ଏକ ବାକ୍ୟରେ ଉତ୍ତର ଦିଅନ୍ତୁ ।

୧. ସମ୍ବନ୍ଧର ସ୍ୱରୂପ ଆଧାରରେ ସମୂହର କେଉଁ ତିନିଟି ବର୍ଗୀକରଣ ରହିଛି ?

୨. କେଉଁ ସମୂହରେ ମୁହାଁ ମୁହିଁ ପ୍ରତ୍ୟକ୍ଷ ସଂପର୍କ ଦେଖାଯାଏ ?

୩. ରାଜନୈତିକ ଦଳ କେଉଁ ସମୂହର ଅନ୍ତର୍ଗତ ?

## ୬.୫ ସମୂହମାନଙ୍କର ଢାଞ୍ଚା ବା ସଂରଚନା ?

ସଂରଚନା ଆଧାରରେ ସମୂହର ଶ୍ରେଣୀବିଭାଗ ନିମ୍ନୋକ୍ତ ମତେ ହୋଇଥାଏ ।

ଭୂ-ସମାନ୍ତର ବା ଦିଗ୍‌ବଳାୟାତ୍ମକ ସମୂହ **(Horizontal Group)** : ଏହି ସମୂହ ବ୍ୟକ୍ତିମାନଙ୍କର ଏ ପରି ଏକ ସଂଗଠିତ ସମଷ୍ଟି, ଯେଉଁମାନେ କୌଣସି ଉଚ୍ଚନୀଚକ୍ରମକୁ ଗୁରୁତ୍ୱ ନ ଦେଇ ଆନ୍ତଃକ୍ରିୟା କରନ୍ତି । ଉଦାହରଣସ୍ୱରୂପ ସାଙ୍ଗସାଥୀ ସମୂହ ଓ ସମବୟସ୍କ ସମୂହ ।



ଟୀପ୍‌ପଣୀ

**ଉର୍ଦ୍ଧ୍ୱାଧର ସମୂହ (Vertical Group)**

ଉର୍ଦ୍ଧ୍ୱାଧର ସମୂହ ହେଉଛି ସେହି ସମୂହ ଯେଉଁଥିରେ ବ୍ୟକ୍ତିମାନଙ୍କର ସଂଗଠିତ ସମଷ୍ଟି, ପରସ୍ପର ସହିତ ଉଚ୍ଚନୀଚ କ୍ରମର ସଚେତନତା ସହିତ ଆନ୍ତଃକ୍ରିୟା କରନ୍ତି, ଯେପରି କି ଜାତି, ଶ୍ରେଣୀ ଓ ଅମଲାତନ୍ତ୍ର । ଭାରତୀୟ ସମାଜରେ ଜାତିମାନେ ସର୍ବଦା ଉର୍ଦ୍ଧ୍ୱାଧର ରୀତିରେ ସଂଗଠିତ ହୋଇଥାଆନ୍ତି ।

**ଅନ୍ତର୍ସମୂହ ଓ ବହିର୍ସମୂହ : (In-group & Out-group)**

ଅନୁଭୂତି ଆଧାରରେ ଅନ୍ତର୍ସମୂହ ଓ ବହିର୍ସମୂହ ମଧ୍ୟରେ ପ୍ରଭେଦ କରାଯାଇଛି । ଅନ୍ତର୍ସମୂହ ହେଉଛି ବ୍ୟକ୍ତିମାନଙ୍କର ସେହି ସମଷ୍ଟି ଯେଉଁଥିରେ ସେମାନେ ଅନ୍ତର୍ସାମୂହିକ ଘନିଷ୍ଠତା ସହିତ ଭାବର ଆଦାନ ପ୍ରଦାନ କରିଥାଆନ୍ତି । ଏହି ବ୍ୟକ୍ତିମାନେ (ସଦସ୍ୟମାନେ) ଅନେକ ଅନ୍ୟାନ୍ୟ ସମୂହମାନଙ୍କ ପ୍ରତି ଦ୍ୱେଷ, ପୂର୍ବାଗ୍ରହ ତଥା ଉତ୍କୃଷ୍ଟ-ନିକୃଷ୍ଟତାର ଭାବନା ରଖିଥାଆନ୍ତି ଓ ସେହି ଅନ୍ୟାନ୍ୟ ସମୂହମାନେ ସେମାନଙ୍କ ପାଇଁ "ବହିର୍ସମୂହ" ହୋଇଥାଆନ୍ତି । ଅନ୍ତର୍ସମୂହମାନେ ବହିର୍ସମୂହର ମୂଲ୍ୟାଙ୍କନ ନିଜ ସଂସ୍କୃତି ଆଧାରରେ କରିଥାଆନ୍ତି । ତେଣୁ, ଉତ୍କୃଷ୍ଟତା -ନିକୃଷ୍ଟତାର ଦିଗ ସବୁ ଉତ୍ପନ୍ନ ହୁଏ । ଏହି ସଚେତନତାକୁ "ସ୍ୱସମୂହ ଶ୍ରେଷ୍ଠତା" ବା ଇଥନୋସେଣ୍ଟ୍ରିଜିମ୍ କୁହାଯାଏ ।

ଉଦାହରଣସ୍ୱରୂପ, ଏକ ଗ୍ରାମରେ ଉଚ୍ଚଜାତି ଓ ନିମ୍ନଜାତିମାନେ ନିଜେ ଏକ ଏକ ଅନ୍ତର୍ସମୂହ, କିନ୍ତୁ ପରସ୍ପର ପାଇଁ ସେମାନେ ବହିର୍ସମୂହ ଅଟନ୍ତି । ସାଧାରଣ ଭାବରେ ଅନ୍ତର୍ସମୂହମାନଙ୍କୁ "ଆମେ-ସମୂହ" ଓ ବହିର୍ସମୁହମାନଙ୍କୁ "ସେମାନେ-ସମୁହ" ବୋଲି ବୁଝାଯାଏ । ଏହିଦୁଇ ସମୂହ, ସଦସ୍ୟମାନଙ୍କର ଅନୁଭୂତି ଆଧାରରେ ପରସ୍ପରଠାରୁ ଭିନ୍ନ ଅଟନ୍ତି ।

କିଛି ସମାଜ ବିଜ୍ଞାନୀ ସଂସର୍ଗର ସମୟସୀମା ଆଧାରରେ ଦୁଇ ପ୍ରକାରର ସମୂହ ମଧ୍ୟରେ ପ୍ରଭେଦ କରନ୍ତି- କ୍ଷଣିକ ସମୂହ ଓ ସଂଯୋଗ ସମୂହ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି, ଯିଏ ବସ୍‌ଷ୍ଟାଣ୍ଡରେ ଦେଖାହୁଏ, ଏକ କ୍ଷଣିକ ସମୂହ ଅଟେ ଓ ବହୁସମୟ ଧରି ଲାଗି ରହୁଥିବା ସମୂହ ଯଥା -ସାଙ୍ଗ-ସାଥୀ ସମୂହକୁ ସଂଯୋଗ ସମୂହ କୁହାଯାଏ ।

ସମାଜ-ଶାସ୍ତ୍ରୀୟ ସାହିତ୍ୟରେ ଆମକୁ **"ସନ୍ଦର୍ଭ ସମୂହ"**ର ଅବତାରଣା ମଧ୍ୟ ମିଳେ । ଏହାକୁ ସଦସ୍ୟତା ସମୂହ ସନ୍ଦର୍ଭରେ ପ୍ରୟୋଗ କରାଯାଏ । କୌଣସି ବ୍ୟକ୍ତି ଯେଉଁ ସମୂହ ସହିତ ସମ୍ପର୍କ ରଖେ, ସେ ତାହାର ସଦସ୍ୟ ଓ ସେହି ସମୂହ ତାର ସଦସ୍ୟତା ସମୂହ ଅଟେ ଓ ବ୍ୟକ୍ତି ଯେଉଁ ସମୁହର ପ୍ରତିମାନ ତଥା ଆଦର୍ଶର ଅନୁକରଣ କରେ ସେହି ସମୂହ, ବ୍ୟକ୍ତିପାଇଁ ସନ୍ଦର୍ଭ ସମୂହ ଅଟେ । ଅନ୍ୟ ଭାଷାରେ କହିଲେ, ବ୍ୟକ୍ତି ଯେଉଁ ସମୁହକୁ ନିଜର କାର୍ଯ୍ୟକଳାପ ଓ ବ୍ୟବହାର ପାଇଁ ଏକ ଆଦର୍ଶ ରୂପରେ ଦେଖେ ଓ ସବୁବେଳେ ସେହି ସମୁହର ସଦସ୍ୟ ହେବାକୁ ଚାହେଁ । ଉଦାହରଣ ସ୍ୱରୂପ କୌଣସି ଗାଁର ଗରିବ କୃଷି ଶ୍ରମିକ ପାଇଁ ସେହି ଗାଁର ଜମିଦାରମାନେ ସନ୍ଦର୍ଭ ସମୂହ ଅଟନ୍ତି । ସେହିପରି ଶିକ୍ଷିତ ବେକାରମାନଙ୍କ ପାଇଁ ବେତନଭୋଗୀ ଚାକିରିଆ ହେଉଛନ୍ତି ସନ୍ଦର୍ଭ ସମୂହ ।

**ସମୁହମାନେ ନିଜର ଲକ୍ଷଣ/ଚରିତ୍ର ଆଧାରରେ 'ମୁକ୍ତ' କିମ୍ବା 'ଆବଦ୍ଧ' ହୋଇପାରନ୍ତି ।**

**ମୁକ୍ତ ସମୁହ** ହେଉଛନ୍ତି ସେହିମାନେ, ଯେଉଁମାନଙ୍କର ସଦସ୍ୟତା ସ୍ୱେଚ୍ଛାକୃତ ଓ ସଦସ୍ୟମାନଙ୍କର ସାମାଜିକ ସଂଚାଳନ ସମ୍ଭବ ହୋଇଥାଏ । ଯେପରିକି ଫୁଟବଲ କ୍ଲବ ।

**ବ୍ୟକ୍ତିମାନଙ୍କ ବ୍ୟକ୍ତିତ୍ୱକୁ ରୂପରେଖ ଦେବାରେ ସମୂହ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାରକ ।**

ଆବଦ୍ଧ ସମୁହମାନଙ୍କରେ **ସଦସ୍ୟତାକୁ ନେଇ କଟକଣା ଥାଏ ସଦସ୍ୟମାନଙ୍କର ସଂଚାଳନ କଷ୍ଟକର ହୋଇଥାଏ । ଯେପରିକି ଜାତି ସମୂହ ।**



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୬.୩

ନିମ୍ନୋକ୍ତ ଶୂନ୍ୟସ୍ଥାନକୁ ଉପଯୁକ୍ତ ଶବ୍ଦରେ ପୂରଣ କରନ୍ତୁ ।

୧. ଭୂ-ସମାନ୍ତରାଳ ସମୁହ ର ଏକ ଉଦାହରଣ ହେଉଛି _________ ସମୁହ ।

୨. ଜାତି, ଶ୍ରେଣୀ ଓ ଅମଲାତନ୍ତ୍ର ହେଉଛନ୍ତି _________ ସମୁହର ଉଦାହରଣ ।

୩. ଶିକ୍ଷିତ ବେକାରମାନଙ୍କ ପାଇଁ ବେତନଭୋଗୀ ଶ୍ରେଣୀ ହେଉଛନ୍ତି _________ ସମୁହ ।

୪. ମୁକ୍ତ ସମୁହରେ ସଦସ୍ୟମାନଙ୍କର ସଂଚଳନ (ବା ଗତିଶୀଳତା) _________ ।

## ୬.୬ ସମୁହ ଓ ସମାଜ ମଧ୍ୟରେ ପାର୍ଥକ୍ୟ

| ସମୁହ | ସମାଜ |
|---|---|
| ଲୋକମାନଙ୍କର ସଂଗ୍ରହ | ସାମାଜିକ ସଂପର୍କର ଏକ ବ୍ୟବସ୍ଥା |
| ଏକ କୃତ୍ରିମ ସୃଷ୍ଟି | ସ୍ୱତଃ-ସ୍ଫୁର୍ତ୍ତ ଓ ପ୍ରାକୃତିକ |
| ସମୁହ ସଂଗଠିତ ହୋଇଥାଏ | ଏହା ସମୁହମାନଙ୍କର ଏକ ହୁଗୁଳା ସଂଗ୍ରହ |
| ସମୁହମାନେ ଅସ୍ଥାୟୀ ହୋଇପାରନ୍ତି | ସମାଜ ସ୍ଥାୟୀ ଅଟେ |
| ସମୁହ ହେଉଛି ଏକ ମୂର୍ତ୍ତ ସମଷ୍ଟି | ଲୋକମାନଙ୍କର ଏକ ଅମୂର୍ତ୍ତ ଧାରଣା |
| ସମୁହରେ "ଆମେ ମନୋଭାବନା" ଥାଏ । | ପରସ୍ପର ସହିତ ସମ୍ବନ୍ଧିତ ହେବାର ଭାବନା ଥାଏ । |

## ୬.୭ ସମୁହ ଓ ଅନୁଷ୍ଠାନ ମଧ୍ୟରେ ପାର୍ଥକ୍ୟ

| ସମୁହ | ଅନୁଷ୍ଠାନ |
|---|---|
| ଲୋକମାନଙ୍କର ଏକ ସଂଗ୍ରହ | ଲକ୍ଷ୍ୟ ଭିତ୍ତିକ କାର୍ଯ୍ୟକାରୀ ଅସ୍ତିତ୍ୱ |
| ସମୁହ ଅସ୍ଥାୟୀ ହୋଇପାରେ | ସର୍ବଦା ସ୍ଥାୟୀ ଅଟନ୍ତି |



ଟୀପ୍ପଣୀ

## ୬.୮ ସମୁହ ଓ ସମୁଦାୟ ମଧ୍ୟରେ ପାର୍ଥକ୍ୟ

| ସମୁହ | ସମୁଦାୟ |
|---|---|
| ସମୁହକୁ ସୃଷ୍ଟି କରାଯାଏ | ପ୍ରାକୃତିକ ବିକାଶ ଓ ସୃଜନ ହୋଇଥାଏ |
| କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ଗଠନ ହୁଏ | ସମୁଦାୟ ଏହାର ସମ୍ପୂର୍ଣ୍ଣ ଜୀବନ ସହିତ ସମ୍ବନ୍ଧିତ ଥାଏ |
| ତୁଳନାତ୍ମକ ଭାବେ ଅସ୍ଥାୟୀ | ସମ୍ବନ୍ଧିତ ଥାଏ ତୁଳନାତ୍ମକ ଭାବେ ସ୍ଥାୟୀ |
| ସମୁହ ସମୁଦାୟର ଅଂଶ । | ସମୁଦାୟରେ ଅନେକ ସମୁହ ଥାଏ । |

## ପାଠ୍ୟଗତ ପ୍ରଶ୍ନାବଳୀ ୬.୪

ସଠିକ୍ ଉତ୍ତର ପାଇଁ ଠିକ୍ ☑ ଚିହ୍ନ ଓ ଭୁଲ୍ ଉତ୍ତର ପାଇଁ ଭୁଲ୍ ☒ ଚିହ୍ନ ଦିଅନ୍ତୁ ।

୧. "ଆମେ-ମନୋଭାବନା" ପ୍ରାଥମିକ ସମୂହରେ ଦେଖାଯାଏ ।

୨. ସମୁହର ଏକ ମାନକ ନିୟମ ଓ ପ୍ରତିମାନ ଥାଏ ।

୩. ସମୁହରେ ଅନେକ ସମୁଦାୟ ଥାଆନ୍ତି ।

## କ'ଣ ଶିଖିଲେ

- ⇨ ମନୁଷ୍ୟ ରହୁଥିବା ମୌଳିକ ଏକକକୁ ସାମାଜିକ ସମୁହ କୁହାଯାଏ ।
- ⇨ ସମୁହମାନେ, ସମାଜର ସମସ୍ତ ଲକ୍ଷଣ ବହନକାରୀ ଏକକ ଅଟନ୍ତି ।
- ⇨ ପ୍ରତ୍ୟେକ ମନୁଷ୍ୟ ଏକ ବା ଏକାଧିକ ସମୁହର ସଦସ୍ୟ ଅଟେ ଯେପରିକି ପରିବାର, ସାଙ୍ଗସାଥୀ ସମୁହ ।
- ⇨ ବ୍ୟକ୍ତିମାନଙ୍କର ସଂଗଠିତ ସମଷ୍ଟିକୁ ସମୁହ କୁହାଯାଏ ।
- ⇨ ପ୍ରତ୍ୟେକ ସମୁହର ଏକ ପ୍ରକାର "ଆମେ-ମନୋଭାବନା" ରହିଛି ।
- ⇨ ପ୍ରାଥମିକ ସମୁହରେ ପ୍ରତ୍ୟକ୍ଷ ଓ ମୁହାଁମୁହିଁ ସଂପର୍କ ଥାଏ ।
- ⇨ ସମାଜ ବିଜ୍ଞାନୀମାନେ ଅନେକ ପ୍ରକାରର ସମୁହକୁ ଚିହ୍ନଟ କରିଛନ୍ତି ।



ଟୀପ୍ପଣୀ

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ପ୍ରାଥମିକ ସମୁହ ଓ ଗୌଣ ସମୁହ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୨. ସାମାଜିକ ସମୁହର ଲକ୍ଷଣମାନ ଲେଖ ।

୩. ସମୁହ ଓ ସମୁଦାୟ ମଧ୍ୟରେ ପାର୍ଥକ୍ୟ କ'ଣ ଥାଏ ?

୪. ନିଜ ଭାଷାରେ ଅନ୍ତର୍ସମୁହ ଓ ବହିର୍ସମୁହକୁ ବର୍ଣ୍ଣନା କର ।

---

## ପାରିଭାଷିକ ଶବ୍ଦାବଳୀ (Glossary) :

ପରୋପକାରିତା (Altruism) ସମୁହର ହିତ, ତ୍ୟାଗର ଭାବନା ।

ଉଚ୍ଚ-ନୀଚକ୍ରମ (Hierarchy) - ଅସମାନ ସମ୍ବନ୍ଧ ।

ପୂର୍ବାଗ୍ରହ (Prejudices) - ବଦ୍ଧମୂଳଭ୍ରାନ୍ତ ଧାରଣା ।

## ପାଠ୍ୟାନ୍ତର୍ଗତ ପ୍ରଶ୍ନାବଳୀମାନଙ୍କ ଉତ୍ତର

***୬.୧***

(କ) ସମାଜର ମୌଳିକ ଏକକ ଯେଉଁଥିରେ ମନୁଷ୍ୟମାନେ ରହନ୍ତି ।

(ଖ) ହଁ

(ଗ) ହଁ

(ଘ) ପରିବାର / ରାଜନୈତିକ ଦଳ

***୬.୨***

୧. ପ୍ରାଥମିକ, ଗୌଣ ଓ ଆଂଶିକ

୨. ପ୍ରାଥମକି ସମୁହ

୩. ଗୌଣ ସମୁହ



ଟୀପ୍‌ପଣୀ

**୬.୩**

୧. ସାଙ୍ଗସାଥୀ ସମୁହ

୨. ଉର୍ଦ୍ଧ୍ୱାଧର ସମୁହ

୩. ସନ୍ଦର୍ଭ ସମୁହ

୪. ସମ୍ଭବ

**୬.୪**

୧. ଠିକ୍

୨. ଭୁଲ୍

୩. ଭୁଲ୍

**ସହାୟକ ପୁସ୍ତକମାଳା (Book References) :**


| | |
|---|---|
| R.M. MacIver & G.H. Page : | Society (1985) |
| T.B. Bottomore : | Sociology (1972) |
| Anthony Giddens : | Sociology (1993) |
| C.H. Cooley : | Social Orgnisation (1909) |
| R.K. Merton : | Social Theory and Social Structure (1968) |



ଟୀପ୍‌ପଣୀ

# ୭

# ସାମାଜିକ ସଂରଚନା ଓ ସାମାଜିକ ବ୍ୟବସ୍ଥା

# (Social Structure & Function)

ଏକ ଉଚ୍ଚ ବିଦ୍ୟାଳୟରେ ପ୍ରତିବର୍ଷ ଛାତ୍ରଛାତ୍ରୀ ବଦଳନ୍ତି । କିଛି ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇ ନୂଆ ଶ୍ରେଣୀରେ ପ୍ରବେଶ କରନ୍ତି । ଜଣେ ନୂଆଛାତ୍ର ଅନ୍ୟ ବିଦ୍ୟାଳୟରୁ ସ୍ଥାନାନ୍ତରିତ ହୋଇ ଆସେ ଅନ୍ୟ ଜଣେ ପାଠ ଛାଡ଼ି ସ୍କୁଲରୁ ପଳାଇଯାଏ କାରଣ ଆର୍ଥିକ ସମସ୍ୟା, ତାକୁ ପଢ଼ିବାର ସୁଯୋଗ ଦିଏ ନାହିଁ । ତେବେ ଏତେ ସବୁ ପରିବର୍ତ୍ତନ ମଧ୍ୟରେ, ଏକ ସାମାଜିକ ବ୍ୟବସ୍ଥା ହିସାବରେ ଆମେ ଅଧିକାଂଶ ନିତ୍ୟ ନୈମିତିକ ଆଚରଣ(ଯେପରିକି ଦାନ୍ତ ଘଷିବା, ସକାଳ ଜଳଖିଆ ଖାଇବା ଓ ବିଦ୍ୟାଳୟକୁ ଯିବା)କୁ ଏତେ ସହଜ ଭାବରେ ଗ୍ରହଣ କରି ନେଇଥାଉ ଯେ ଆମେ ସେସବୁ ପ୍ରତି ବିଶେଷ ଧ୍ୟାନ ଦେଇ ନ ଥାଉ । କିନ୍ତୁ, ଏହି ନିର୍ଦ୍ଦିଷ୍ଟ କାର୍ଯ୍ୟ ସବୁ ମାନବ ସମାଜର ରଚନା ବାବଦରେ ସୁରାକ ଦେଇଥାଆନ୍ତି । ଆମେ ଯଦି ଆମର ଦୈନିକ ଜୀବନକୁ ନିରୀକ୍ଷଣ କରିବା ତେବେ ଦେଖିବା ଯେ ଆମର ଆଚରଣକୁ ସାମାଜିକ ସଂରଚନା କେତେ ମାତ୍ରାରେ ପ୍ରଭାବିତ କରୁଛି । ଆମ ବିଦ୍ୟାଳୟ ଓ ନିଯୁକ୍ତି ଦାତା ଆମର ଶୋଇବା ଓ ଉଠିବା ସମୟ ନିର୍ଦ୍ଧାରଣ କରି ଥାଆନ୍ତି । ଆହୁରି ମଧ୍ୟ ଆମେ କେତେବେଳେ ଖାଇବୁ ଓ କାମରୁ ଅବ୍ୟାହତି ନେବୁ, ଅଧିକାଂଶ ସମୟରେ ଆମ ଅଭିଭାବକ ଓ ଚାକିରି ବଜାରର ଆବଶ୍ୟକତା ଆମର ଲକ୍ଷ୍ୟ ଓ ସଫଳତାକୁ ସଠିକ୍ ରୂପରେଖ ଦେଇଥାଆନ୍ତି ।

## ଉଦ୍ଦେଶ୍ୟ

**ଏହି ଅଧ୍ୟାୟ ପଢ଼ିବାପରେ ଆପଣମାନେ -**

- ➪ ସାମାଜିକ ସଂରଚନାର ସଂଜ୍ଞା ଦେଇପାରିବେ;
- ➪ ଏହାର ବିଶେଷ ଲକ୍ଷଣମାନଙ୍କୁ ବିଶ୍ଳେଷଣ କରିପାରିବେ;
- ➪ ସାମାଜିକ ସଂରଚନାର ଭିତ୍ତିକୁ ବର୍ଣ୍ଣନା କରି ପାରିବେ, ଯେପରିକି ଆବଶ୍ୟକତା, ଭୂମିକା ଓ ପ୍ରସ୍ଥିତି;
- ➪ ସାମାଜିକ ବ୍ୟବସ୍ଥାର ଅର୍ଥକୁ ବ୍ୟାଖ୍ୟା କରିପାରିବେ; ଏବଂ
- ➪ ସାମାଜିକ ବ୍ୟବସ୍ଥାର ଢାଞ୍ଚାର ଅର୍ଥକୁ ବ୍ୟାଖ୍ୟା କରିପାରିବେ ।


ଟୀପ୍‌ପଣୀ

## ୭.୧ ସାମାଜିକ ସଂରଚନା ଓ ସାମାଜିକ ସଂଗଠନ

### ୭.୧.୧. ସାମାଜିକ ସଂରଚନାର ସଂଜ୍ଞା

ସାମାଜିକ ସଂରଚନା, ଦୈନିକ, ନିତ୍ୟ ନୈମିତ୍ତିକ ଜୀବନର ସମସ୍ତ କାର୍ଯ୍ୟର କୁଶଳତା ପୂର୍ଣ୍ଣ ସମ୍ପାଦନରେ ସାହାଯ୍ୟ କରିଥାଏ । ଏହା ଅସଂଖ୍ୟ ମନୁଷ୍ୟମାନଙ୍କୁ ସେହିସବୁ ସୂକ୍ଷ୍ମ କାର୍ଯ୍ୟ କରିବା ପାଇଁ ଯୋଗ୍ୟ କରେ; ଯାହା ସବୁ ଅନ୍ୟ ଦୃଷ୍ଟିରେ ସବୁ ଛୋଟ ଛୋଟ କାମ ପୂର୍ବରୁ କରିବାକୁ ପଡ଼େ । ଏହା ମଧ୍ୟ ସମୂହ ଓ ସମାଜମାନଙ୍କୁ ଏକ ପ୍ରକାର ସ୍ଥାୟିତ୍ୱ ଓ ନିରନ୍ତରତା ପ୍ରଦାନ କରେ । ମୂଳତଃ ସାମାଜିକ ସଂରଚନା ହେଉଛି ଏକ ସାମାଜିକ ବାସ୍ତବତା, ଯାହା ଆମ ଦୈନିକ ଜୀବନକୁ ପ୍ରଭାବିତ କରେ । ଅନ୍ୟ ଭାଷାରେ କହିଲେ ଆପେକ୍ଷିକ ସାମାଜିକ ସଂପର୍କ ଦିଗରେ ସଂଗଠିତ ସମାଜକୁ ସାମାଜିକ ସଂରଚନା କୁହାଯାଏ । ପୁନଶ୍ଚ, ସାମାଜିକ ସଂରଚନା ସମାଜର ସମ୍ଭାବିତ ସମ୍ବନ୍ଧମାନଙ୍କୁ ବ୍ୟବସ୍ଥିତ କରିବାର ଏକ ମାଧ୍ୟମ ଅଟେ । ସାମାଜିକ ସଂରଚନା ଓ ସାମାଜିକ ବ୍ୟବସ୍ଥା ଘନିଷ୍ଠ ଭାବରେ ସମ୍ପର୍କିତ । କୌଣସି ସଂରଚନାର ଅଭାବରେ ସମାଜର କୌଣସି ଏକକ କାର୍ଯ୍ୟ କରି ପାରିବ ନାହିଁ । ତେବେ, ଆମକୁ ମନେ ରଖିବାକୁ ହେବ, ସମାଜ ବିଜ୍ଞାନରେ ସାମାଜିକ ସଂରଚନାର ସଂଜ୍ଞାକୁ ନେଇ ମତୈକ୍ୟ ନାହିଁ । କୌଣସି ଏକ ନିର୍ଦ୍ଦିଷ୍ଟ ସଂଜ୍ଞା, ଏକ ନିର୍ଦ୍ଦିଷ୍ଟ ସମାଜ ବିଜ୍ଞାନୀର ସାମାଜିକ ବାସ୍ତବତା ଦିଗରେ ଏକ ନିଜସ୍ୱ ଆଭିମୁଖ୍ୟ ଅଟେ । କିଛି ସମାଜବିଜ୍ଞାନୀ ସାମାଜିକ ସଂରଚନାକୁ ସାମାଜିକ ମୂଲ୍ୟବୋଧ ଆଧାରରେ ବ୍ୟାଖ୍ୟା ଓ ବର୍ଗୀକରଣ କରନ୍ତି । ସେହିପରି ଅନ୍ୟକେତେକ ସମାଜ ଶାସ୍ତ୍ରୀ ପରିବାର, ବିଦ୍ୟାଳୟ କିମ୍ବା ସେନାବାହିନୀ ଭଳି ସଂରଚନାମାନଙ୍କରେ ଲକ୍ଷ୍ୟ ହାସଲକୁ ମହତ୍ତ୍ୱ ଦେଇଛନ୍ତି, ଯାହାକୁ ସାମାଜିକ ସଂରଚନାର ପ୍ରାଣ କେନ୍ଦ୍ର କୁହାଯାଏ । ସମାଜ ବିଜ୍ଞାନୀମାନେ ପ୍ରାୟତଃ ସଂଘ, ଅନୁଷ୍ଠାନ ଓ ସମୁହମାନଙ୍କର ଅଧ୍ୟୟନକୁ ସାମାଜିକ ସଂରଚନାର ବିଶ୍ଳେଷଣରେ ଅନ୍ତର୍ଭୁକ୍ତ କରିଛନ୍ତି । ସରଳ ଭାଷାରେ କହିଲେ, 'ସଂରଚନା' ଶବ୍ଦର ଅର୍ଥ ହେଲା ବିଭିନ୍ନ ଅଂଗ/ଉପାଦାନମାନଙ୍କର ଏକ ବ୍ୟବସ୍ଥିତ ସଜ୍ଜୀକରଣ । ଅନ୍ୟ ଶବ୍ଦରେ, ଏହା, ଏହାର ଅଂଗ/ଭାଗମାନଙ୍କ ମଧ୍ୟରେ ଥିବା ସ୍ଥିର ତଥା ଅନ୍ତର୍ନିହିତ ସଂପର୍କ । ସାଧାରଣତଃ, ସଂରଚନା ଏପରି ଏକ ବ୍ୟବସ୍ଥା, ଯାହା ମାନବୀୟ ବ୍ୟବହାରକୁ ନିୟନ୍ତ୍ରିତ ଓ ନିର୍ଦ୍ଦେଶିତ କରିଥାଏ । ସମାଜ ବୈଜ୍ଞାନିକ ଭାଷାରେ କହିଲେ, ସଂରଚନା, ସଂଗଠନର ଧାରାକୁ ଦର୍ଶାଏ ଯାହା ମାନବୀୟ ବ୍ୟବହାରକୁ ରାସ୍ତା ଦେଖାଏ । ଏହା ମଧ୍ୟ କିଛି ବିଶେଷ ମାନବୀୟ ବ୍ୟବହାର ଉପରେ କଟକଣା ଲଗାଏ । ସାମାଜିକ ସଂରଚନା, ସମାଜ ବା ସମୁହର ଏକକମାନଙ୍କର ପାରସ୍ପାରିକ ସ୍ୱନ୍ଧକୁ ଦର୍ଶାଏ । କିଛି ସମାଜବିଜ୍ଞାନୀଙ୍କ ମତରେ ସାମାଜିକ ସଂରଚନା ଶବ୍ଦର ପ୍ରୟୋଗ ପରସ୍ପର ସହ ସମ୍ବନ୍ଧିତ ଅନୁଷ୍ଠାନ, ଏଜେନ୍ସି, ସାମାଜିକ ଧାରା ତଥା ଭୂମିକା ଓ ପ୍ରସ୍ଥିତି ମାନଙ୍କର ନିର୍ଦ୍ଦିଷ୍ଟ ସଜ୍ଜୀକରଣକୁ ବୁଝାଏ, ଯାହା ସମୂହମାନଙ୍କରେ ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥାଏ । ଏହା ମଧ୍ୟ କୁହାଯାଇପାରେ ସେ ସାମାଜିକ ସଂରଚନା ମୋଟାମୋଟି ଆମ ସମାଜର ଏକ ଗଠନ ଅଟେ । ଏହାର ଅଂଗମାନେ ହେଲେ ସମୁହ, ଅନୁଷ୍ଠାନ, ସଂଘ ଓ ସଂଗଠନ । ଆମେ ଜାଣିଛୁ ଯେ ସବୁ ସ୍ତ୍ରୀ-ପୁରୁଷ ପରସ୍ପର ସହ ସମ୍ବନ୍ଧ ସ୍ଥାପନ କରନ୍ତି ଓ ତାହାକୁ ଏକ ଢାଞ୍ଚାଗତ ସ୍ୱରୂପ ନିଅନ୍ତି । ଏହା ସମୁହ, ସଂଘ ବା ସଂଗଠନ ହୋଇପାରେ । ସାମାଜିକ ସଂରଚନା ଏହି ସବୁ ଢାଞ୍ଚାଗତ ଏକକକୁ ନେଇ ଗଠିତ ହୁଏ ଯାହା ମାଧ୍ୟମରେ ସମାଜ କାର୍ଯ୍ୟ କରେ । ପ୍ରକୃତରେ ଆମେ ଏହି ପୃଥିବୀକୁ ଆସିବା ପୂର୍ବରୁ ଏହି ସଂରଚନା ବିଦ୍ୟମାନ ରହିଛି, ଏହା ଆମ ପୂର୍ବରୁ ଅନେକ ପିଢ଼ିକୁ ପ୍ରଭାବିତ କରିଛି । ଏହା ଏକ ନିରନ୍ତର ପ୍ରକ୍ରିୟା ମାଧ୍ୟମରେ ଆମର ବ୍ୟବହାର ତଥା ଦୃଷ୍ଟିକୋଣକୁ ରୂପରେଖ ଦିଏ । ଏହି ପ୍ରକ୍ରିୟା ସମାଜରେ ଆମର ପ୍ରସ୍ଥିତି ସହିତ ଘନିଷ୍ଠ ଭାବରେ ଜଡ଼ିତ ।

ଟୀପ୍ପଣୀ




ସାମାଜିକ ସଂରଚନାର ଅର୍ଥ ସହଜ ଭାବରେ ବୁଝିବା ପାଇଁ ଆମକୁ ଶରୀରଗଠନର ଉଦାହରଣ ନେବାକୁ ହେବ । ଶରୀର, ଏହାର ବିଭିନ୍ନ ଅଂଗ ଯଥା- ହାତ, ଗୋଡ଼, ମୁହଁ, ନାକ, କାନ ଇତ୍ୟାଦିର ଏକ ବ୍ୟବସ୍ଥିତ ଢାଞ୍ଚା ଅଟେ । ଶରୀର, ଏହି ପରସ୍ପର ସହ ସମ୍ବନ୍ଧିତ ଓ ପରସ୍ପର ନିର୍ଭରଶୀଳ ଅଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ କରେ । ସେହିପରି ସାମାଜିକ ସଂରଚନା ମଧ୍ୟ ବିଭିନ୍ନ ଅଂଗ ଯଥା-ପରିବାର, ବିଦ୍ୟାଳୟ, କାରଖାନା, କାର୍ଯ୍ୟାଳୟ, ସ୍ୱେଚ୍ଛାସେବୀ ବେସରକାରୀ ସଂସ୍ଥା, ଜେଲ, ପୁଲିସ, ଡାକ୍ତରଖାନା ଇତ୍ୟାଦିକୁ ନେଇ କାର୍ଯ୍ୟ କରେ ।

## ପାଠ୍ୟଗତ ପ୍ରଶ୍ନାବଳୀ ୭.୧

ସଠିକ୍ ଉତ୍ତରରେ ଠିକ୍ ଚିହ୍ନ (✓) ଦିଅନ୍ତୁ ।

୧. ସାମାଜିକ ସଂଗଠନ କହିଲେ ବୁଝାଯାଏ-

(କ) ଭୂମିକା ଓ ପ୍ରସ୍ଥିତି

(ଖ) ଏକ ମୂଲ୍ୟବୋଧ

(ଗ) ସମୂହ ଓ ସମାଜର ଏକକମାନଙ୍କର ଏକ ପ୍ରକାର ଘନିଷ୍ଠ କାର୍ଯ୍ୟକାରୀ ସଂପର୍କ

୨. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସାମାଜିକ ସଂରଚନାର ଏକ ଏକକ ?



ଟୀପ୍ପଣୀ

(କ) ଏକ ପ୍ରସ୍ଥିତି

(ଖ) ଏକ ସଂଗଠନ

(ଗ) ଏମାନେ ସମସ୍ତେ

୩. ଏକ ସଂଗଠନ କହିଲେ ବୁଝାଯାଏ

(କ) ସାମାଜିକ ସଂପର୍କମାନଙ୍କର ସମନ୍ୱୟ

(ଖ) ଅଂଗ/ଭାଗମାନଙ୍କର ସମନ୍ୱୟ

(ଗ) ନିର୍ଦ୍ଦିଷ୍ଟ କେତେକ ସ୍ଥିତି

## ୭.୨ ସାମାଜିକ ସଂରଚନାର ଲକ୍ଷଣ

ମନୁଷ୍ୟମାନଙ୍କର ଆନ୍ତଃ ସମ୍ବନ୍ଧ ଓ ସଂଗଠନରୁ ସାମାଜିକ ସଂରଚନାର ସୃଷ୍ଟି । ଏଥିରେ ଲୋକମାନେ କେତେକ ସାଧାରଣ ଲକ୍ଷ୍ୟ ହାସଲ କରିବା ପାଇଁ ସଂଗଠିତ ହୋଇଥାଆନ୍ତି । ଲକ୍ଷ୍ୟ ହାସଲ କରିବାକୁ ହେଲେ, ସାମାଜିକ ସଂରଚନା କେତେକ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ ହେବା ଦରକାର । ସେମାନେ ହେଲେ-

୧. **ନିୟମଭିତ୍ତିକ ବ୍ୟବସ୍ଥା (Normative System) :** ଏହି ବ୍ୟବସ୍ଥା ସମାଜରେ ମୂଲ୍ୟବୋଧ ଓ ଆଦର୍ଶବାଦ ସ୍ଥାପନ କରେ । ଏହି ନିୟମ ସବୁ ଅନୁସାରେ ସଂଘ ଓ ଅନୁଷ୍ଠାନମାନେ ପରସ୍ପର ସହ ସମ୍ପର୍କିତ ହୋଇଥାଆନ୍ତି । ସମାଜଦ୍ୱାରା ସ୍ୱୀକୃତ ନିୟମ ଅନୁସାରେ ବ୍ୟକ୍ତିମାନେ ନିଜ ନିଜର କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । ଉଦାହରଣ ସ୍ୱରୂପ. ବୃଦ୍ଧାଶ୍ରମର ଧାରଣା ଭାରତରେ ଆମେରିକା ଭଳି ଗ୍ରହଣୀୟ ନୁହେଁ । ଢାଞ୍ଚାଗତ ନିୟମାବଳୀରେ ଭିନ୍ନତା ପରିଲକ୍ଷିତ ହୁଏ । ଯାହାକି ଭିନ୍ନ ଭିନ୍ନ ମୂଲ୍ୟବୋଧକୁ ପ୍ରତିଫଳିତ କରେ । ଭାରତୀୟ ମୂଲ୍ୟବୋଧ ଅନୁସାରେ ଜଣେ ବରିଷ୍ଠ ନାଗରିକକୁ ବୃଦ୍ଧାଶ୍ରମ ପଠାଇବାର ଚିନ୍ତାଧାରା, ଆମେରିକା ପରି ଗ୍ରହଣୀୟ ତଥା ଅଭିନନ୍ଦନୀୟ ନୁହେଁ । ପରିଣାମ ସ୍ୱରୂପ ଆମେ ଏହି ଦୁଇ ସମାଜର ସଂରଚନାରେ ଭିନ୍ନତା ଦେଖୁ ।

୨. **ସ୍ଥିତି ବ୍ୟବସ୍ଥା (Position System) :** ସ୍ଥିତିବ୍ୟବସ୍ଥା ବ୍ୟକ୍ତିମାନଙ୍କର ପ୍ରସ୍ଥିତି ଓ ଭୂମିକାକୁ ଦର୍ଶାଏ । ବ୍ୟକ୍ତିର ଭିନ୍ନ ଭିନ୍ନ ପ୍ରକାରର ଆଶା ଆକାଂକ୍ଷା ଥାଏ । ସାମାଜିକ ସଂରଚନାର ଉପଯୁକ୍ତ କାର୍ଯ୍ୟକାରିତା ଉପଯୁକ୍ତ ପ୍ରସ୍ଥିତି ଓ ଭୂମିକା ପ୍ରଦାନ ଉପରେ ନିର୍ଭର କରେ । ଉଦାହରଣସ୍ୱରୂପ ଆମେ ପଦ ବା ପ୍ରସ୍ଥିତି ଶବ୍ଦ ଶୁଣି ତାହାକୁ ପ୍ରତିଷ୍ଠା ଭାବୁ । ସମାଜ ବିଜ୍ଞାନରେ ବ୍ୟକ୍ତି ଅକ୍ତିଆର କରିଥିବା ସ୍ଥାନକୁ ପ୍ରସ୍ଥିତି କୁହାଯାଏ । ସେହିସ୍ଥାନ ବା ସ୍ଥିତିର ସମ୍ମାନୀୟ ପଦ ଥାଇପାରେ ଯେପରିକି ନ୍ୟାୟାଧୀଶ, ଡାକ୍ତର ଅଥବା ନିମ୍ନ ପ୍ରତିଷ୍ଠିତ କଣ୍ଡକ୍ଟର । ଏହା ସହିତ ଆମେ ଏକା ସାଙ୍ଗରେ ଅନେକ ସ୍ଥିତି ଅକ୍ତିଆର କରିଥାଉ । ଆପଣ ଏକ ସାଙ୍ଗରେ ଜଣେ ପୁଅ/ଝିଅ ବା ଛାତ୍ରାଛାତ୍ରୀ ହୋଇପାରନ୍ତି । ନିଶ୍ଚିତ ଭାବରେ ଆମର ପ୍ରସ୍ଥିତି ବଦଳେ, ଯେତେବେଳେ ଆମ ଜୀବନ ଓ ସମାଜରେ ଆମର ପଦରେ ପରିବର୍ତ୍ତନ ହୁଏ ।

୩. **ଅନୁମତି ବ୍ୟବସ୍ଥା (Sanction System) :** ପ୍ରତିମାନକୁ ଠିକ୍ ଭାବରେ ଲାଗୁ କରିବା ପାଇଁ ପ୍ରତ୍ୟେକ ସମାଜରେ ଏକ ଅନୁମତି ବ୍ୟବସ୍ଥା ରହିଛି । ଏହା କୌଣସି ସମାଜର ଦଣ୍ଡ ଓ ପୁରସ୍କାର



ଟୀପ୍ପଣୀ

ବ୍ୟବସ୍ଥାରୁ ମଧ୍ୟ ଜଣାପଡ଼େ । ସାମାଜିକ ସଂରଚନାର ବିଭିନ୍ନ ଅଂଗମାନଙ୍କର ସମନ୍ୱୟ ସାମାଜିକ ପ୍ରତିମାନ ପ୍ରତି ଆଜ୍ଞାଧୀନତା ଉପରେ ନିର୍ଭର କରେ ଓ ଅଣ-ଆଜ୍ଞାଧୀନମାନେ ଦଣ୍ଡିତ ହୁଅନ୍ତି । ତେବେ ଅଣ-ଆଜ୍ଞାଧୀନତା, ମଧ୍ୟ ସମାଜର ଏକ ଆବଶ୍ୟକ ଲକ୍ଷଣ ଅଟେ କାରଣ ଏହା ବିନା ସାମାଜିକ ପରିବର୍ତ୍ତନ ହୁଏ ନାହିଁ । ଏହା ସାମାଜିକ ପ୍ରକ୍ରିୟାର ଏକ ପ୍ରଭାବଶାଳୀ ବିରୋଧାଭାସ ଅଟେ । ସାମାଜିକ ସଂରଚନାର ସ୍ଥିରତା ଅନୁମତି ବ୍ୟବସ୍ଥାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ନିର୍ଭର କରେ, ଯାହା ଆମକୁ ଦେଶର ସାମାଜିକ ଓ ରାଜନୈତିକ ପରିବେଶ ଉପରେ ବିଶେଷ ସୂଚନା ଦିଏ । ଉଦାହରଣ ସ୍ୱରୂପ, ଧର୍ଷଣ ଅପରାଧ ପାଇଁ ମୃତ୍ୟୁଦଣ୍ଡ ଦିଆଯିବାକୁ ନେଇ ଭାରତରେ ଏକ ଗଭୀର ବିତର୍କ ଚାଲିଛି । ଏହା ମୁଖ୍ୟତଃ ଗୁଜୁରାଟ ଦଙ୍ଗା ପରବର୍ତ୍ତୀ ସମୟରେ ଦରଜ କରାଯାଇଥିବା ଧର୍ଷଣ ଘଟଣାକୁ ନେଇ ସୃଷ୍ଟି ହୋଇଥିବା ସ୍ଥିତି, କିନ୍ତୁ ଭାରତରେ ଧର୍ଷଣ ଅପରାଧ ହ୍ରାସ-ବୃଦ୍ଧିକୁ ନେଇ ନୁହେଁ । ବିତର୍କ ଅଧିକ ରୋଚକ ହେଉଛି । ଅନୁମତି ସକାରାତ୍ମକ ବା ନକାରାତ୍ମକ ହୋଇପାରେ । ସମାଜ ବିଜ୍ଞାନରେ A (ଏ) ଗ୍ରେଡ୍ ପାଇବା ଏକ ସକାରାତ୍ମକ ଅନୁମତି ହୋଇଥିଲାବେଳେ F (ଏଫ୍) ଗ୍ରେଡ୍ ପାଇବା ନକାରାତ୍ମକ ଅନୁମତି ଅଟେ ।

୪. **ପୂର୍ବ ଆନୁମାନିକ ପ୍ରତିକ୍ରିୟା ବ୍ୟବସ୍ଥା (A System of anticipated response) :** ପ୍ରତିଦିନ ଆମେ "କାର୍ଯ୍ୟନୀତି' ଭଳି ଶବ୍ଦ ଶୁଣୁ ତଥା କୌଣସି ବିଜ୍ଞାପନ ହୋର୍ଡ଼ିଙ୍ଗ ଦେଖୁ ଯେଉଁଥିରେ ଲେଖାଥାଏ "ସହର ଆପଣଙ୍କର ଏହାକୁ ସଫା ରଖନ୍ତୁ" । ଏହିସବୁ ପୂର୍ବ ଆନୁମାନିକ ପ୍ରକ୍ରିୟା ବ୍ୟବସ୍ଥାର ପ୍ରକାର୍ଯ୍ୟ ଅଟନ୍ତି । ଏହି ବ୍ୟବସ୍ଥା ବ୍ୟକ୍ତିମାନଙ୍କୁ ସାମାଜିକ ବ୍ୟବସ୍ଥାରେ ଅଂଶ ଗ୍ରହଣ କରିବାକୁ ପ୍ରବର୍ତ୍ତାନ୍ତି । ଏହା ଏହି ତଥ୍ୟକୁ ଆଲୋକିତ କରେ, ଯେ ବ୍ୟକ୍ତିମାନେ ନିଜର ଦାୟିତ୍ୱକୁ ଅନୁଭବ କରି ପାଳନ କରନ୍ତି । ଏହିସବୁ ଉପରେ ନିର୍ଭର କରି ସାମାଜିକ ସଂରଚନା ସଫଳତାର ସହ କାର୍ଯ୍ୟକରେ ।

### ୭.୨.୧ ସାମାଜିକ ସଂଗଠନର ଅର୍ଥ

ସାମାଜିକ ସଂଗଠନର ଧାରଣା, ସାମାଜିକ ସଂରଚନାରେ ସମାବିଷ୍ଟ ଥାଏ । ସାମାଜିକ ସଂରଚନାର ସମ୍ବନ୍ଧ, ମୁଖ୍ୟ ମୁଖ୍ୟ ପ୍ରକାର ସାମୟିକ ସଂଗଠନ ଯେପରିକି, ଅନେକ ସମୂହ, ସଂଘ ଓ ଅନୁଷ୍ଠାନ ସହିତ ଥାଏ । ବର୍ତ୍ତମାନ ଦେଖିବା ସଂଗଠନର ଅର୍ଥ କ'ଣ, ସଂଗଠନ ଶବ୍ଦର ଅର୍ଥ ବ୍ୟକ୍ତି ଓ ଅଂଶ/ଅଙ୍ଗମାନଙ୍କର ସଜ୍ଜୀକରଣ । ତେଣୁ ଗୀର୍ଜା, କଲେଜ, ଖେଳ ସମୁହ ଓ ରାଜନୈତିକ ଦଳମାନେ ହେଲେ ସଂଗଠନର ଉଦାହରଣ । ଏହି ସମସ୍ତ କ୍ଷେତ୍ରରେ ଅଂଗ/ଭାଗମାନଙ୍କର ଏକ ସଜ୍ଜୀକରଣ ହୋଇଥାଏ ଯେଉଁମାନେ ପରସ୍ପର ନିର୍ଭରଶୀଳ । ଆମେ ଏକ କଲେଜର ଉଦାହରଣ ନେଇପାରିବା, କଲେଜରେ ଅଧ୍ୟକ୍ଷ, ପ୍ରଫେସର, କିରାଣୀ ପ୍ରଭୃତି ଥାଆନ୍ତି । ଏହା ଭିନ୍ନ ଭିନ୍ନ ଅଙ୍ଗମାନଙ୍କର ଏକ ସଜ୍ଜୀକରଣ ଛଡ଼ା ଆଉ କିଛି ନୁହେଁ, ଏଠାରେ ସମସ୍ତଙ୍କର ଭୂମିକା ଓ ସାମାଜିକ ସଂପର୍କର ସମନ୍ୱୟ ରହିଛି ।

ଅନେକ ପ୍ରକାରର ସଂଗଠନ ଥାଏ । ରାଜନୈତିକ ବ୍ୟାପାରରେ ଜଡ଼ିତ ଥିବାରୁ ରାଷ୍ଟ୍ରକୁ ଏକ ରାଜନୀତିକ ସଙ୍ଗଠନ କୁହାଯାଏ । ଗୀର୍ଜା ଏକ ଧାର୍ମିକ ସଂଗଠନ ଭାବରେ ଲୋକଙ୍କର ଆଧ୍ୟାତ୍ମିକ ପ୍ରସଙ୍ଗମାନଙ୍କର ଧ୍ୟାନ ରଖେ । ଏହିସବୁ ସମାଜର ଏକ ଏକ ସଙ୍ଗଠନ ଅଟନ୍ତି । 'ସଂଗଠନ' ଓ 'ସାମାଜିକ ସଂରଚନା' ଏହି ଦୁଇ ଶବ୍ଦ ଅତି ଘନିଷ୍ଠ ଭାବରେ ସମ୍ବନ୍ଧିତ । ସଂଗଠନ ସାମାଜିକ ସଂପର୍କମାନଙ୍କର ସମନ୍ୱୟ ଉପରେ ଗୁରୁତ୍ୱ ଦେଲାବେଳେ ସାମାଜିକ ସଂରଚନା ସାମାଜିକ ସ୍ଥିତି ଓ ନିୟମାବଳୀ ଉପରେ ଗୁରୁତ୍ୱାରୋପ କରେ ।



ଟୀପ୍‌ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୭.୨

ଉପଯୁକ୍ତ ଶବ୍ଦରେ ଶୂନ୍ୟସ୍ଥାନ ପୂରଣ କର ।

(କ) ଭୂମିକା କହିଲେ ___________ ଆଚରଣକୁ ବୁଝାଏ । (ପ୍ରଦତ୍ତ, ଅପେକ୍ଷିତ, ନିଶ୍ଚିତ)

(ଖ) ସମାଜରେ ଏକ ବ୍ୟକ୍ତିର ସ୍ଥିତିକୁ ______________ କୁହାଯାଏ । (ଦର୍ଜା, ସ୍ଥିତି, ପ୍ରସ୍ଥିତି)

(ଗ) ସାମାଜିକ ସଂରଚନାର ସଦସ୍ୟମାନେ ଏକ ସାଧାରଣ ____________ ପାଇଁ ପରସ୍ପର ସମ୍ବନ୍ଧିତ ଥାଆନ୍ତି । (ଲକ୍ଷ, ନିୟମ, ଆଇନ)

(ଘ) ସାମାଜିକ ସଂରଚନାର ସ୍ଥିରତା _____________ ର ପ୍ରଭାବ ଉପରେ ନିର୍ଭର କରେ ।
(ଅନୁମତି, ସକାରାତ୍ମକ, ନକାରାତ୍ମକ)

(ଙ) ଏକ ବୟୋଜ୍ୟେଷ୍ଠ ମହିଳା ହେବା, ଡାକ୍ତର, ଅନାଥ ଶିଶୁ, ଓକିଲ ହେବାକୁ ___________ କୁହାଯାଏ । (ପ୍ରସ୍ଥିତି, ମୂଲ୍ୟବୋଧ, ଆବଶ୍ୟକ)

## ୭.୩ ସାମାଜିକ ସଂରଚନା ଭିତ୍ତି

ଆମେ ପୂର୍ବରୁ ଆଲୋଚନା କରିଛେ ଯେ ସାମାଜିକ ସଂରଚନା, ଅଂଶମାନଙ୍କର ପାରସ୍ପରିକ ଅନ୍ତର୍ସମ୍ବନ୍ଧକୁ ନେଇ ଗଠିତ । ଫଳତଃ ସମାଜର ସୁପରିଚାଳନା ସମ୍ଭବ ହୁଏ । ଅନୁଷ୍ଠାନ, ସଂଗଠନ, ସଂଘ ଓ ସମୁହ ଇତ୍ୟାଦି ସମସ୍ତେ ସାମାଜିକ ସଂରଚନାର ଅଂଶ ବିଶେଷ । ସାମାଜିକ ସଂରଚନାର କାର୍ଯ୍ୟକୁ ବୁଝିବାକୁ ହେଲେ ତାହାର ଭିତ୍ତି ବା ମୂଳଦୁଆର ବିଶ୍ଳେଷଣ କରିବା ଦରକାର ।

୧. **ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମରତ ରହିବାର ଆବଶ୍ୟକତା :** ସାମାଜିକ ସଂରଚନାର ମୁଖ୍ୟ ଉପାଦାନ ହେଲା ମନୁଷ୍ୟ । ମନୁଷ୍ୟମାନଙ୍କର ଭିନ୍ନ ଭିନ୍ନ ମନୋବୃତ୍ତି ଓ ସ୍ୱାର୍ଥ ରହିଛି ଓ ସାମାଜିକ ସଂରଚନା ନିଜର ଘଟକମାନଙ୍କର ଅନ୍ତର୍ସମ୍ବନ୍ଧକୁ ନେଇ ଅଗ୍ରସର ହୁଏ । ଏହିସବୁ ଅନ୍ତର୍ସମ୍ବନ୍ଧର ମୂଳ ହେଉଛି ସାଧାରଣ ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ । ଉଦାହରଣ ସ୍ୱରୂପ ପରିବାର ଓ ଜ୍ଞାତିତ୍ୱ ବ୍ୟବସ୍ଥା ହେଉଛି ସାମାଜିକ ସଂରଚନାର ଏକ ଅଂଶ । ଏଠାରେ ସମସ୍ତ ସଦସ୍ୟ ପରିବାରର ସୁଖଶାନ୍ତି ପାଇଁ ଅନ୍ତର୍ସମ୍ବନ୍ଧିତ ହୋଇ ଥାଆନ୍ତି ।

୨. **କୌଣସି ଭୂମିକା ଓ ପ୍ରସ୍ଥିତିକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତି ରହିବା :** ପ୍ରତ୍ୟେକ ସାମାଜିକ ସଂରଚନା ଏହାର ସଦସ୍ୟମାନଙ୍କୁ ପୂର୍ବସ୍ଥିତିକୃତ ପ୍ରସ୍ଥିତି ଓ ଭୂମିକା ପ୍ରଦାନ କରିଥାଏ । ପ୍ରସ୍ଥିତି ହେଉଛି ସାଧାରଣତଃ ସମାଜଦ୍ୱାରା ପରିଭାଷିତ ସମାଜ ବା ସମୁହରେ ଥିବା ଏକ ସ୍ଥିତି । ଭୂମିକା ହେଉଛି କୌଣସି ବ୍ୟକ୍ତିଦ୍ୱାରା ଗ୍ରହଣ କରାଯାଇଥିବା ସେହି ଆଚରଣ, ଯାହା ସମାଜ ଓ ସମୁହ ତାହାଠାରୁ ଆଶା କରେ । ଏକ ପ୍ରସ୍ଥିତି ସହିତ ଅନେକ ସମ୍ବନ୍ଧିତ ଭୂମିକା ସାମିଲ ଥାଏ । ଇଂରାଜୀ ଭାଷା ଶିକ୍ଷକମାନେ ଶିକ୍ଷାଦାନ ସହିତ ଅନେକ କାର୍ଯ୍ୟ ଯଥା - ଚିନ୍ତିତ ଅଭିଭାବକଙ୍କୁ ଦେଖା କରିବା, ନାଟକ, ଡ୍ରାମା ଆଦି ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବା, ପାଠାଗାର ପାଇଁ ବହି ଅର୍ଡ଼ର କରିବା ଇତ୍ୟାଦି ଅନେକ କାର୍ଯ୍ୟ କରିଥାଆନ୍ତି । ପ୍ରସ୍ଥିତି ଓ ଭୂମିକାମାନ ସମାଜର ପ୍ରଥା, ପରମ୍ପରା ରୀତିନୀତି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଏହି ସବୁ ପ୍ରସ୍ଥିତିମାନେ ବିଭିନ୍ନ ଅନୁଷ୍ଠାନ, ଏଜେନ୍‌ସି ଓ ଆଚରଣ ଧାରାକୁ ଜନ୍ମ ଦେଇଥା'ନ୍ତି । ଯେତେବେଳେ ଏମାନେ ନିର୍ଦ୍ଦିଷ୍ଟ ଭାବରେ



ଟୀପ୍‌ପଣୀ

ଅନ୍ତର୍ସମ୍ବନ୍ଧିତ ଓ ସଂଗଠିତ ହୁଅନ୍ତି, ସେତେବେଳେ ସାମାଜିକ ସଂରଚନା ଗଠିତ ହୁଏ । ଏକ ସାମାଜିକ ସଂରଚନାରେ ପ୍ରତ୍ୟେକ ମନୁଷ୍ୟଙ୍କୁ ନିର୍ଦ୍ଦିଷ୍ଟ ଭୂମିକା ଓ ପ୍ରସ୍ଥିତି ଦିଆଯାଇଥାଏ । ବ୍ୟକ୍ତିର ମୃତ୍ୟୁ ହେଲେ ମଧ୍ୟ ସେହି ପ୍ରସ୍ଥିତି ଓ ଭୂମିକାରେ କୌଣସି ପରିବର୍ତ୍ତନ ହୋଇ ନଥାଏ । ଯେଉଁ ନୂଆ ବ୍ୟକ୍ତି ମୃତ ବ୍ୟକ୍ତିର ସ୍ଥାନ ନିଏ, ସେ ସେହି ପ୍ରସ୍ଥିତି ଅନୁସାରେ ତାର ଭୂମିକା ନିର୍ବାହ କରିଥାଏ । ଯଦି ଏକ ନୂଆ ପ୍ରସ୍ଥିତି ମିଳେ (ଯେପରିକି ଛାଡ଼ପତ୍ର ହୋଇଥିବା ଏକାକୀ ମହିଳାର ପ୍ରସ୍ଥିତି, ଭାରତୀୟ ସମାଜରେ), ତେବେ ଏହି ପ୍ରସ୍ଥିତି ପାଇଁ ନୂଆ ଭୂମିକା ସବୁ ନିର୍ଦ୍ଧାରିତ ହୋଇପାରେ । ନୂତନ ପ୍ରସ୍ଥିତି ସହ ଯୋଡ଼ା ଯାଉଥିବା ଭୂମିକା ସବୁ ଧୀରେ ଧୀରେ ନୂଆ ପ୍ରସ୍ଥିତି ଅକ୍ତିଆର କରୁଥିବା ବ୍ୟକ୍ତିମାନଙ୍କର କାର୍ଯ୍ୟ ଦ୍ୱାରା ପରିଭାଷିତ ହୁଏ ।

୩. **ପ୍ରତିମାନ ଓ ଲୋକାଚାର** : ପ୍ରତିମାନ ହେଉଛି ସମାଜ ଦ୍ୱାରା ସ୍ୱୀକୃତ ଆଚରଣ । ଏହା ବ୍ୟକ୍ତିର ଭୂମିକାର ସଂଜ୍ଞା ପ୍ରଦାନ କରିଥାଏ । ସାମାଜିକ ସଂରଚନାର ସଦସ୍ୟମାନଙ୍କୁ ସ୍ଥିତି ଓ ଭୂମିକା ପ୍ରଦାନ କରିବାରେ ପ୍ରତିମାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି । ଏହା ସାମାଜିକ ସଂରଚନାର ସ୍ଥିରତା ରକ୍ଷାକରିବାରେ ସାହାଯ୍ୟ କରେ । ଏକ ପରିବାରର ନିଜସ୍ୱ ନିର୍ଦ୍ଦିଷ୍ଟ ପ୍ରତିମାନ ଥାଏ । ଶିକ୍ଷାନୁଷ୍ଠାନର ନିଜସ୍ୱ ନୀତିନିୟମ ଥାଏ । ଏ ସମସ୍ତ ସାମାଜିକ ସଂରଚନାକୁ ସ୍ଥିର, ନିରନ୍ତର ରଖିବାରେ ସାହାଯ୍ୟ କରନ୍ତି । ଉଦାହରଣ ସ୍ୱରୂପ ପରିବାରରେ ପିତାକୁ ତାଙ୍କର ଭୂମିକା ନିର୍ବାହ କରିବାକୁ ପଡ଼େ, ସେହିପରି ମା ଓ ପିଲାମାନଙ୍କୁ ସେମାନଙ୍କର ନିଶ୍ଚିତ ଭୂମିକା ତୁଲାଇବାକୁ ପଡ଼େ । କିନ୍ତୁ ପରିବାରର ସଦସ୍ୟମାନଙ୍କର ଦାୟିତ୍ୱ ନିର୍ବାହକୁ ନେଇ ଭାରତୀୟ ଓ ଆମେରିକୀୟ ସମାଜ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ଦେଖିବାକୁ ମିଳେ । ଭାରତୀୟ ପାରିବାରିକ ଢାଞ୍ଚାରେ, ପରିବାରର ସଦସ୍ୟମାନଙ୍କର ଯତ୍ନ ନେବାର ଦାୟିତ୍ୱ ମା'ଙ୍କର ଥିବାବେଳେ ଆମେରିକୀୟ ପରିବାରରେ ସନ୍ତାମାନେ ନିଜେ ନିଜର ଯତ୍ନ ନେଇଥାଆନ୍ତି । ପୁନଶ୍ଚ, ଭୂମିକାକୁ ନେଇ ଅପେକ୍ଷା/ଆଶା, ଯଥା ଭୂମିକାର ସାମାଜିକ ପରିଭାଷା, ଭୂମିକାର ପ୍ରକୃତ ନିର୍ବାହ ସହିତ ଖାପ ଖାଏ ନାହିଁ । ସାମାଜିକ୍ ଆନ୍ତଃକ୍ରିୟାରେ ବେଳେବେଳେ ଭୂମିକା । ସଂଘର୍ଷ ସୃଷ୍ଟି ହୋଇଥାଏ, ବିଶେଷ କରି ସେତେବେଳେ ଯେତେବେଳେ, ଦୁଇ ଭୂମିକାର ପରସ୍ପର ବିରୋଧୀ ଆଶା ସଂଘର୍ଷ କରନ୍ତି । ଉଦାହରଣ ସ୍ୱରୂପ, ପୁରୁଷ ପ୍ରଧାନ ସମାଜରେ କର୍ମଜୀବି ମହିଳାମାନେ ମା'ର ଭୂମିକା ତଥା ଚାକିରୀଆର ଭୂମିକା ମଧ୍ୟରେ ସଂଘର୍ଷକୁ ଅନୁଭବ କରନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୭.୩

ଠିକ୍ ଉତ୍ତର ବାଛନ୍ତୁ

୧. ସାମାଜିକ ସଂରଚନାର ମୁଖ୍ୟ ଉପାଦାନ ହେଲା-

(କ) ସମୁହ

(ଖ) ଅନୁଷ୍ଠାନ

(ଗ) ମନୁଷ୍ୟ



ଟୀପ୍ପଣୀ

୨. ପ୍ରସ୍ଥିତି ହେଉଛି-

(କ) କୌଣସି ସମାଜ ବା ସମୂହରେ ଥିବା ସାମାଜିକ ପରିଭାଷିତ ସ୍ଥିତି ।

(ଖ) କାହାଠାରୁ ଆଶା କରାଯାଇଥିବା ଏକ ସାମାଜିକ ପରିଭାଷିତ ଆଚରଣ ।

(ଗ) ଉପରୋକ୍ତ ସମସ୍ତ

୩. ଭୂମିକା ହେଉଛି-

(କ) କୌଣସି ସମୂହ ବା ସମାଜରେ କିଛି ପ୍ରସ୍ଥିତି ହାସଲ କରିଥିବା ବ୍ୟକ୍ତିଠାରୁ ଆଶା କରାଯାଉଥିବା ଆଚରଣ ।

(ଖ) କୌଣସି ସମାଜ ବା ସମୂହରେ ଥିବା ସାମାଜିକ ପରିଭାଷିତ ପ୍ରସ୍ଥିତି ।

(ଗ) ଉପରୋକ୍ତ କେହି ନୁହେଁ ।

## ୭.୪ ସାମାଜିକ ବ୍ୟବସ୍ଥାର ଅର୍ଥ (Meaning of Social System)

"ସାମାଜିକ ବ୍ୟବସ୍ଥା"ର ଅର୍ଥ ଜାଣିବା ପୂର୍ବରୁ "ବ୍ୟବସ୍ଥା" ଶବ୍ଦର ଅର୍ଥ ଜାଣିବା ଆବଶ୍ୟକ । ବ୍ୟବସ୍ଥା ହେଉଛି ବିଭିନ୍ନ ଘଟକ (ଉପାଦାନ)ମାନଙ୍କର ଏକ ସୁବ୍ୟବସ୍ଥିତ ସଜ୍ଜୀକରଣ । ଏହାର ବିଶେଷ ଲକ୍ଷଣମାନ ହେଲା-

୧. ଏକ ବ୍ୟବସ୍ଥା ଅନେକ ଅଂଶମାନଙ୍କ ଦ୍ୱାରା ଗଠିତ ହୁଏ ।

୨. ବିଭିନ୍ନ ଅଂଶ/ଭାଗମାନଙ୍କ ମଧ୍ୟରେ ଅନ୍ତର୍ସମ୍ବନ୍ଧ ଥିବା ନିହାତି ଆବଶ୍ୟକ ।

୩. ଏହି ଅଂଶ/ଭାଗମାନଙ୍କର ସଜ୍ଜୀକରଣ ଏକ ଧାରା ସୃଷ୍ଟି କରେ ।

୪. ବ୍ୟବସ୍ଥାର ବିଭିନ୍ନ ଅଂଶ/ଭାଗମାନଙ୍କ ମଧ୍ୟରେ ଏକ ପ୍ରକାର୍ଯ୍ୟାତ୍ମକ ସମ୍ବନ୍ଧ ଥାଏ ।

୫. ବ୍ୟବସ୍ଥାର ସମସ୍ତ ଅଂଶ/ଭାଗ ଯେତେବେଳେ ବ୍ୟାବହାରିକ ଦୃଷ୍ଟିରେ ଅନ୍ତର୍ସମ୍ବନ୍ଧିତ ହୁଅନ୍ତି, ସେତେବେଳେ ଏକ ନୂତନ ଅସ୍ତିତ୍ୱ ସୃଷ୍ଟି ହୁଏ ।

ବ୍ୟବସ୍ଥାର ଅର୍ଥ ଜାଣିବା ପରେ ବର୍ତ୍ତମାନ ଆମେ ସାମାଜିକ ବ୍ୟବସ୍ଥା ଧାରଣାର ବିଶ୍ଳେଷଣ କରିପାରିବା । ସାମାଜିକ ବ୍ୟବସ୍ଥା, ସାମାଜିକ ଆନ୍ତଃ କ୍ରିୟାର ଏକ ସୁବ୍ୟବସ୍ଥିତ ସଜ୍ଜୀକରଣ ଅଟେ । ସାମାଜିକ ବ୍ୟବସ୍ଥା ଅନେକ ଲୋକଙ୍କର ଏକ ସଂଗ୍ରହ ଅଟେ । ସେମାନେ ସମାଜର ପ୍ରତିଷ୍ଠିତ ତଥା ଗୃହୀତ ପ୍ରତିମାନ ଅନୁସାରେ ପରସ୍ପର ସହିତ ଆନ୍ତଃକ୍ରିୟା କରନ୍ତି । ସାମାଜିକ ବ୍ୟବସ୍ଥାର ଅନେକ ଉପ-ବ୍ୟବସ୍ଥା ରହିଛି (ଯେପରିକି ରାଜନୈତିକ ବ୍ୟବସ୍ଥା, ଧାର୍ମିକ ବ୍ୟବସ୍ଥା, ଆର୍ଥିକ ବ୍ୟବସ୍ଥା ଇତ୍ୟାଦି) । ସେମାନେ ପରସ୍ପର ସହିତ, ସମାଜରେ ପ୍ରଚଳିତ ନିୟମ ଓ ସ୍ୱୀକୃତ ପ୍ରତିମାନ ଅନୁଯାୟୀ ଆନ୍ତଃକ୍ରିୟା କରନ୍ତି ।

### ୭.୪.୧ ସାମାଜିକ ସଂରଚନାର ଲକ୍ଷଣ

୧. ଅନେକ ଲୋକଙ୍କର ପାରସ୍ପରିକ ଆନ୍ତଃକ୍ରିୟା ହେଉଛି ସାମାଜିକ ବ୍ୟବସ୍ଥା ।

୨. ଏହି ଆନ୍ତଃ କ୍ରିୟା ଅର୍ଥ ପୂର୍ଣ୍ଣ ହେବା ଦରକାର ।

୩. ସାମାଜିକ ବ୍ୟବସ୍ଥା ହେଉଛି ଏକ ସଂହତି । ଏଠାରେ ବିଭିନ୍ନ ଅଂଶ/ଭାଗ ଯଥା -ଅନୁଷ୍ଠାନ ପ୍ରଥା, ପରମ୍ପରା, ପ୍ରଣାଳୀ ଓ ଆଇନ୍ ସବୁକୁ ଏକାଠି କରାଯାଏ ।



ଟୀପ୍‌ପଣୀ

୪. ସାମାଜିକ ବ୍ୟବସ୍ଥାର ଅଂଶ/ଭାଗମାନଙ୍କ ମଧ୍ୟରେ ଏକ କାର୍ଯ୍ୟକାରୀ ସମ୍ବନ୍ଧ ଥାଏ ।

୫. ସାମାଜିକ ବ୍ୟବସ୍ଥା ସାଂସ୍କୃତିକ ବ୍ୟବସ୍ଥା ସହ ସମ୍ପର୍କୀତ ଅଟେ । ପାରସ୍ପରିକ ଆନ୍ତଃକ୍ରିୟା ଓ ଅର୍ନ୍ତସମ୍ବନ୍ଧର ଲକ୍ଷଣମାନ ସଂସ୍କୃତିଦ୍ୱାରା ନିର୍ଦ୍ଧାରିତ ହୁଏ ।

୬. ସାମାଜିକ ବ୍ୟବସ୍ଥାର ଏକ ପର୍ଯ୍ୟାବରଣାତ୍ମକ ଦିଗ ରହିଛି । ଏହା ନିର୍ଦ୍ଦିଷ୍ଟ ବୟସ, ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ନିର୍ଦ୍ଦିଷ୍ଟ ସମାଜ ସହ ସମ୍ବନ୍ଧିତ । ଜୀବନର ସମଗ୍ର କାର୍ଯ୍ୟକଳାପ ଉପରେ ପରିବେଶର ପ୍ରଭାବ ରହିଛି ।

## ପାଠ୍ୟଗତ ପ୍ରଶ୍ନାବଳୀ ୭.୪

ନିମ୍ନୋକ୍ତ ବକ୍ତବ୍ୟ ଠିକ୍ କିମ୍ବା ଭୁଲ୍ ଦର୍ଶାଅ ।

୧. ସାମାଜିକ ବ୍ୟବସ୍ଥା ଆନ୍ତଃକ୍ରିୟା ଉପରେ ଆଧାରିତ ନୁହେଁ ।

୨. ସାମାଜିକ ବ୍ୟବସ୍ଥା ସାଂସ୍କୃତିକ ବ୍ୟବସ୍ଥା ସହିତ ସମ୍ବନ୍ଧିତ ନୁହେଁ ।

୩. ସାମାଜିକ ବ୍ୟବସ୍ଥାର ବିଭିନ୍ନ ଅଂଶ/ଭାଗମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ବନ୍ଧ ରହିଛି ।

## ୭.୫ ସାମାଜିକ ବ୍ୟବସ୍ଥାର ଭିତ୍ତି (Bases of Social System)

ସାମାଜିକ ବ୍ୟବସ୍ଥାର ଅର୍ଥ ଜାଣିବାକୁ ହେଲେ ଆମକୁ ଏହାର ଭିତ୍ତିକୁ ବୁଝିବାକୁ ହେବ । ଏହାର ଭିତ୍ତିମାନ ହେଲା–

**୧. ବିଶ୍ୱାସ ଓ ଜ୍ଞାନ :** ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବିଷୟରେ କୌଣସି କଥନକୁ ଯଦି ସତ୍ୟ ମାନି ନିଆଯାଏ, ତାହାହେଲେ ତାକୁ ବିଶ୍ୱାସ ବା ଆସ୍ଥା କୁହାଯାଏ । ବିଶ୍ୱାସ ସାମାଜିକ କ୍ରିୟାର ମୂଳଭିତ୍ତି ।

**୨. ଭାବୁକତା :** ଭାବୁକତା ବିଶ୍ୱାସ ସହିତ ଘନିଷ୍ଠ ଭାବରେ ଜଡ଼ିତ । ପୃଥିବୀ ବାବଦରେ ଆମେ ଯାହା ଅନୁଭବ କରୁ ତାହା ଭାବୁକତାରୁ ଜଣାପଡ଼େ । ଭାବୁକତା, ସାଂସ୍କୃତିକ ପ୍ରଶିକ୍ଷକ ଓ ଅଭିଜ୍ଞତାରୁ ସୃଷ୍ଟି, ଭାବୁକତା ବିଭିନ୍ନ ପ୍ରକାରର ହୋଇପାରେ–ବୌଦ୍ଧିକ, ସୈଦ୍ଧାନ୍ତିକ, ଧାର୍ମିକ ଇତ୍ୟାଦି । ଭାବନାମାନଙ୍କର ଐତିହାସିକ ତଥା ସାଂସ୍କୃତିକ ପୃଷ୍ଠଭୂମି ରହିଛି । ଯେପରି କି ଆମେ ଜାଣୁ ଯେ ବ୍ରିଟିଶ ସରକାରଙ୍କର ଲୋକଙ୍କୁ ବାଣ୍ଟି ଶାସନ କରିବା ନୀତି ବିରୁଦ୍ଧରେ ଲୋକଙ୍କର ଦୃଢ଼ ଧାର୍ମିକ ପ୍ରତିକ୍ରିୟାର ଭାବନା ସୃଷ୍ଟି ହୋଇଥିଲା । ହିନ୍ଦୁମାନେ ମୁସଲମାନଙ୍କ ସହିତ ହଜାରେ ବର୍ଷ ଧରି ରହି ମଧ୍ୟ ସେଭଳି ବିସ୍ଫୋଟକ ପରିସ୍ଥିତି ସୃଷ୍ଟି ହୋଇନଥିଲା, ଯାହା ବ୍ରିଟିଶ ସରକାରଙ୍କ ସମୟରେ ହୋଇଥିଲା ।

**୩. ଲକ୍ଷ୍ୟ ବା ଉଦ୍ଦେଶ୍ୟ :** ଲକ୍ଷ୍ୟ ବା ଉଦ୍ଦେଶ୍ୟ ସାମାଜିକ ବ୍ୟବସ୍ଥାକୁ ସୃଷ୍ଟି କରନ୍ତି । ସାମାଜିକ ବ୍ୟବସ୍ଥାର ସଦସ୍ୟମାନେ, ଉପଯୁକ୍ତ ସାମାଜିକ ଢାଞ୍ଚା ସହିତ, ଆନ୍ତଃକ୍ରିୟା ମାଧ୍ୟମରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହାସଲ କରିବାର ଆଶା ରଖିଥାଆନ୍ତି । ମାନବୀୟ ଆବଶ୍ୟକତା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାମାଜିକ ବ୍ୟବସ୍ଥାର ପ୍ରକୃତି ନିର୍ଦ୍ଧାରଣ କରିଥାଆନ୍ତି । ମୁଖ୍ୟତଃ ମନୁଷ୍ୟ, ଜୀବନର ମୌଳିକ ଆବଶ୍ୟକତାକୁ ହାସଲ କରିବା ପାଇଁ (ଯେପରିକି ଖାଦ୍ୟ, ବସ୍ତ୍ର ଓ ବାସଗୃହ) ଏକଜୁଟ ହୋଇଥାଆନ୍ତି ।

**୪. ପ୍ରତିମାନ :** ଭୁଲ ଓ ଠିକ୍ ନିର୍ଦ୍ଧାରଣ କରିବାର ମାନକ ହେଉଛି ପ୍ରତିମାନ । ଏହା ସାମାଜିକ ସଂପର୍କ କ୍ଷେତ୍ରରେ ପ୍ରଜୁଜ୍ୟ । ପ୍ରତ୍ୟେକ ସାମାଜିକ ବ୍ୟବସ୍ଥାରେ ପ୍ରତିମାନ ଥାଏ ଯାହାକୁ ବ୍ୟକ୍ତି ମାନିବାକୁ ବାଧ୍ୟ ହୋଇଥାଏ ।



ଟୀପ୍‌ପଣୀ



୫. **ପ୍ରସ୍ଥିତି ଓ ଭୂମିକା :** ସାମାଜିକ ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିର ଏକ ପ୍ରସ୍ଥିତି ଥାଏ । ଏହି ପ୍ରସ୍ଥିତି ଅର୍ଜିତ କିମ୍ବା ଆହରଣ ଲବ୍ଧ ହୋଇପାରେ । ଅର୍ଜିତ ପ୍ରସ୍ଥିତି ହେଉଛି ତାହା, ଯାହା ବ୍ୟକ୍ତି ଜନ୍ମ ହେଉ ହେଉ ତାକୁ ମିଳିଯାଏ, ଏହା ସମାଜ ତଥା ସମୂହ ପ୍ରଦାନ କରିଥାଏ । ଏହା ଲିଙ୍ଗ, ବୟସ ଓ ଜାତି ଭିତ୍ତିରେ ମିଳିପାରେ । ଆହରଣ ଲବ୍ଧ ପ୍ରସ୍ଥିତି, ବ୍ୟକ୍ତି ନିଜ ଚେଷ୍ଟାରେ ହାସଲ କରିଥାଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ତଥାକଥିତ ନିମ୍ନ ଜାତିର ହୋଇ ମଧ୍ୟ ଆର୍ଥିକ ସଫଳତା ଫଳରେ ଉଚ୍ଚ ପ୍ରସ୍ଥିତି ଲାଭ କରିପାରିବ । ଆମେ, ଅର୍ଜିତ-ଆହରିତ ପ୍ରସ୍ଥିତି ବିଷୟରେ ମଧ୍ୟ କହିପାରିବା । ଉଦାହରଣ ସ୍ୱରୂପ ଜଣେ ଅନୁସୂଚିତ ଜାତିର ପ୍ରଶାସନିକ ଅଧିକାରୀ ଉଭୟ ଅର୍ଜିତ ଓ ଆହରିତ ପ୍ରସ୍ଥିତିକୁ ଅକ୍ତିଆର କରିଥାଏ । ଏକ ସାମାଜିକ ବ୍ୟବସ୍ଥାରେ ବ୍ୟକ୍ତି ନିଜ ପ୍ରସ୍ଥିତି ଅନୁଯାୟୀ ଭୂମିକା ନିର୍ବାହ କରିଥାଏ । ବ୍ୟକ୍ତିମାନେ ପରିବର୍ତ୍ତିତ ହୁଅନ୍ତି, କିନ୍ତୁ ପ୍ରସ୍ଥିତି ଓ ଭୂମିକା ଅପରିବର୍ତ୍ତିତ ରହେ ।

୬. **ଦର୍ଜା :** ଏଠାରେ ଦର୍ଜା (Rank)ର ଅର୍ଥ 'ସାମର୍ଥ୍ୟ' ଅଟେ । ଏଥିରେ କୌଣସି ବ୍ୟକ୍ତିର ସାମାଜିକ ବ୍ୟବସ୍ଥା ମଧ୍ୟରେ ଗୁରୁତ୍ୱ ସାମିଲ ଥାଏ । ଦୁଇଟି କାରଣରୁ ବ୍ୟକ୍ତିକୁ ଦର୍ଜା ଦିଆଯାଇଥାଏ । ପ୍ରଥମେ ତାର ମୂଲ୍ୟାଙ୍କନ ଆଧାରରେ ଓ ଦ୍ୱିତୀୟରେ ବ୍ୟବସ୍ଥାର ପ୍ରତିମାନ ତୁଳନାରେ ତା'ର କାର୍ଯ୍ୟ । ଜଣେ ବ୍ୟବସାୟୀ ବା କମ୍ପାନୀ କର୍ମଚାରୀ ଆଜିର ସମାଜରେ ଜଣେ ଶିକ୍ଷକଠାରୁ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥାଏ । କିନ୍ତୁ ଅତୀତରେ ଗୁରୁମାନେ ରାଜାମାନଙ୍କଠାରୁ ମଧ୍ୟ ଉଚ୍ଚପଦବୀରେ ଅଧିଷ୍ଠିତ ହେଉଥିଲେ ।

୭. **କ୍ଷମତା :** ଆମମାନଙ୍କ ମଧ୍ୟରେ ଅଧିକାଂଶ ଏହା ଅନୁଭବ କରୁ ଯେ ଆମେମାନେ ଭୋଟ ଦେଇ ରାଜ ନେତାମାନଙ୍କୁ କ୍ଷମତା ପଦବୀରେ ଆସୀନ କରାଇଲେ ମଧ୍ୟ ବିଭିନ୍ନ ନିଷ୍ପତ୍ତି ନେବା ସମୟରେ ସେମାନଙ୍କ ପାଇଁ ଆମର ଅର୍ଥାତ୍ ଭୋଟଦାତାମାନଙ୍କର ଗୁରୁତ୍ୱ ନ ଥାଏ । କ୍ଷମତାର ଅର୍ଥ ହେଉଛି ଅନ୍ୟକୁ ନିୟନ୍ତ୍ରଣରେ ରଖିବା ଓ ଅଧିକାରରୁ ବଂଚିତ କରିବା । ରାଷ୍ଟ୍ର ଓ ପୋଲିସ ବ୍ୟବସ୍ଥା ଏହି କ୍ଷମତାର ଅଭିବ୍ୟକ୍ତି ଅଟେ ।

୮. **ଅନୁମତି :** ଏହା ସମାଜ ବ୍ୟବସ୍ଥାଦ୍ୱାରା ବ୍ୟକ୍ତିମାନଙ୍କୁ ଦଣ୍ଡ ଓ ପୁରସ୍କାର ଭାବରେ ଦିଆଯାଇଥାଏ । ଏହାର ଉଦ୍ଦେଶ୍ୟ ସାମାଜିକ ପ୍ରତିମାନ ପ୍ରତି ଲୋକମାନଙ୍କର ମାନ୍ୟତା, ସମ୍ମାନବୋଧ ସୃଷ୍ଟି କରିବା । ଅନୁମତି ଦୁଇ ପ୍ରକାରର ହୋଇଥାଏ । ସକାରାତ୍ମକ ଅଥବା ନକାରାତ୍ମକ । ନକାରାତ୍ମକ ଅନୁମତି, ଉଦାହରଣ ସ୍ୱରୂପ ମୃତ୍ୟୁଦଣ୍ଡ ହେଲାବେଳେ, ସକାରାତ୍ମକ ଅନୁମତି ହେଉଛି କୌଣସି ଦୋଷୀର ପୁର୍ନାବାସ ବା ଥାଇଥାନ ।

୯. **ସୁବିଧା :** ବ୍ୟବସ୍ଥା ମଧ୍ୟରେ ଲକ୍ଷ୍ୟ ହାସଲ କରିବାର ଏକ ମାଧ୍ୟମ ଭାବରେ ସୁବିଧାକୁ ବ୍ୟବହାର କରାଯାଇଥାଏ । କୌଣସି ସାମାଜିକ ବ୍ୟବସ୍ଥାରେ, ବ୍ୟକ୍ତିମାନେ ନିଜର ଭୂମିକା ଯେପରି ପ୍ରଭାବଶାଳୀ ଢଙ୍ଗରେ ତୁଲାଇପାରିବେ, ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇବା ଅତି ଆବଶ୍ୟକ । ସୁବିଧା ଖାଲି ରହିଲେ କିଛି ଲାଭ ହେବ ନାହିଁ । ସୁବିଧା ବାସ୍ତବରେ କାର୍ଯ୍ୟାନ୍ୱିତ ହେବା ଉଚିତ । ସୁବିଧାର ଉପଯୋଗଦ୍ୱାରା ସାମାଜିକ ବ୍ୟବସ୍ଥାର ଲକ୍ଷ୍ୟ ବା ଉଦ୍ଦେଶ୍ୟ ହାସଲ କରାଯାଏ ।



ଟୀପ୍‌ପଣୀ

## ପାଠ୍ୟାନ୍ତ ପ୍ରଶ୍ନାବଳୀ ୭.୫

ନିମ୍ନୋକ୍ତ ବକ୍ତବ୍ୟ ଠିକ୍ କିମ୍ବା ଭୁଲ ଲେଖନ୍ତୁ ।

୧. ପ୍ରତିମାନ ହେଉଛି ଠିକ୍ ଓ ଭୁଲ ନିର୍ଦ୍ଧାରଣ କରିବାର ମାନକ ।

୨. ଦର୍ଜା ଓ ପଦବୀ ଏକ ସମାନ ନୁହଁନ୍ତି ।

୩. କ୍ଷମତା ହେଉଛି ଅନ୍ୟକୁ ନିୟନ୍ତ୍ରଣ କରିବା ଓ ବଂଚିତ କରିବା ।

୪. ଅନୁମତି କେବଳ ନକାରାତ୍ମକ ହୋଇଥାଏ ।

୫. ପ୍ରସ୍ଥିତି, ଅର୍ଜିତ ଓ ଆହରଣ ଲବ୍ଧ ହୋଇଥାଏ ।

## କ'ଣ ଶିଖିଲେ

- ➩ ସାମାଜିକ ସଂରଚନା, ସମାଜରୁ ଆଶା କରାଯାଉଥିବା ସମ୍ବନ୍ଧମାନଙ୍କର ଏକ ସଙ୍ଗଠନ ଅଟେ ।
- ➩ ସାମାଜିକ ସଂରଚନା, ସାମାଜିକ ସଙ୍ଗଠନମାନଙ୍କର ମୁଖ୍ୟ ପ୍ରକାର-ସମୁହ, ସଂଘ ତଥା ଅନୁଷ୍ଠାନମାନଙ୍କ ସହିତ ଜଡ଼ିତ ଥାଏ ।
- ➩ ସାମାଜିକ ସଂରଚନାର ମୁଖ୍ୟ ଲକ୍ଷଣମାନ ହେଲା ପ୍ରତିମାନ ବ୍ୟବସ୍ଥା, ପ୍ରସ୍ଥିତି ବ୍ୟବସ୍ଥା, ଅନୁମତି ବ୍ୟବସ୍ଥା ତଥା ପୂର୍ବାନୁମାନିତ ପ୍ରତିକ୍ରିୟା ବ୍ୟବସ୍ଥା ।
- ➩ ସାମାଜିକ ସଂରଚନାର ଭିତ୍ତିମାନ ହେଲା ଉଦ୍ଦେଶ୍ୟ ହାସଲର ଉଦ୍ୟମର ଆବଶ୍ୟକତା, ପ୍ରସ୍ଥିତି ଓ ଭୂମିକା ଗ୍ରହଣ, ପ୍ରତିମାନ ଓ ଲୋକାଚାର ।
- ➩ ଉପାଦାନ ବା ଘଟକମାନଙ୍କର ଏକ ବ୍ୟବସ୍ଥିତ ସଜ୍ଜୀକରଣକୁ ବ୍ୟବସ୍ଥା କୁହାଯାଏ ।
- ➩ ସାମାଜିକ ବ୍ୟବସ୍ଥା ହେଉଛି ସାମାଜିକ ଆନ୍ତଃ କ୍ରିୟାର ଏକ ବ୍ୟବସ୍ଥିତ ସଜ୍ଜୀକରଣ ।
- ➩ ସାମାଜିକ ବ୍ୟବସ୍ଥାର ଲକ୍ଷଣମାନ, ବ୍ୟକ୍ତିମାନଙ୍କର ଆନ୍ତଃକ୍ରିୟାର ବିଭିନ୍ନତା ଉପରେ ପର୍ଯ୍ୟବସିତ ହୋଇଥାଆନ୍ତି ।
- ➩ ସାମାଜିକ ବ୍ୟବସ୍ଥା ହେଉଛି ଏକ ସଂହତି ବା ଏକତ୍ରୀକରଣ । ଏହାର ବିଭିନ୍ନ ଉପାଦାନ, ଯଥା ଅନୁଷ୍ଠାନ, ପ୍ରଥା, ପରମ୍ପରା, କାର୍ଯ୍ୟପ୍ରଣାଳୀ ଓ ଆଇନ୍ ଇତ୍ୟାଦି ଏକ ସମନ୍ୱୟାତ୍ମକ ଭାବରେ ସଜାଯାଇଥାଆନ୍ତି ।
- ➩ ସାମାଜିକ ବ୍ୟବସ୍ଥା ସାଂସ୍କୃତିକ ବ୍ୟବସ୍ଥା ସହିତ ସମ୍ବନ୍ଧିତ ଓ ଏହାର ଏକ ପାରିବେଶିକ ଦିଗ ରହିଛି ।
- ➩ ସାମାଜିକ ବ୍ୟବସ୍ଥାର ଉପାଦାନମାନେ ହେଲେ ଆସ୍ଥା ଓ ଜ୍ଞାନ, ଭାବୁକତା, ଲକ୍ଷ୍ୟ ବା ଉଦ୍ଦେଶ୍ୟ, ପ୍ରତିମାନ, ପ୍ରସ୍ଥିତି ଓ ଭୂମିକା, ପଦବୀ, କ୍ଷମତା, ଅନୁମତି ଓ ସୁବିଧା ଇତ୍ୟାଦି ।
- ➩ ବ୍ୟକ୍ତିମାନଙ୍କର ଆନ୍ତଃକ୍ରିୟାର ଅନେକତା/ବିଭିନ୍ନତା ଉପରେ କୌଣସି ସାମାଜିକ ବ୍ୟବସ୍ଥାର ଢାଞ୍ଚା ପର୍ଯ୍ୟବସିତ ।
- ➩ ସାମାଜିକ ବ୍ୟବସ୍ଥା ସାମାଜିକ ସଂରଚନାର କାର୍ଯ୍ୟକାରୀ ଦିଗ ବା କ୍ରିୟାତ୍ମକ ଦିଗ ସହିତ ଜଡ଼ିତ ।
- ➩ ସାମାଜିକ ସଂରଚନା ହେଉଛି ସେହି ମାଧ୍ୟମ, ଯାହା ମାଧ୍ୟମରେ ସମାଜ ଆଶା କରାଯାଉଥିବା ସମ୍ପର୍କମାନଙ୍କ ଦ୍ୱାରା ସଂଗଠିତ ହୋଇଥାଏ ।



ଟୀପ୍ପଣୀ

- କୌଣସି ସମୂହ ବା ସମାଜରେ ଏକକମାନେ ପରସ୍ପର ସହ ସମ୍ପର୍କିତ ହେବାର ମାଧ୍ୟମକୁ ସାମାଜିକ ସଂରଚନା କୁହାଯାଏ ।
- ସାମାଜିକ ସଂରଚନା, ସାମାଜିକ ସଂଗଠନର ମୁଖ୍ୟ ପ୍ରକାର, ଯଥା - ସମୂହ, ସଂଘ ଓ ଅନୁଷ୍ଠାନ ସହିତ ଜଡ଼ିତ ।
- ସଂଗଠନ ଓ ସାମାଜିକ ସଂରଚନା ଘନିଷ୍ଠ ଭାବେ ଜଡ଼ିତ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସାମାଜିକ ସଂରଚନା ଓ ସାମାଜିକ ସଂଗଠନ କହିଲେ କ'ଣ ବୁଝ, ତାକୁ ନିଜ ଭାଷାରେ ବର୍ଣ୍ଣନା କର ।

୨. ନିମ୍ନୋକ୍ତ ଧାରଣାମାନଙ୍କୁ ଉଦାହରଣ ସହ ୧୦୦ରୁ ୧୫୦ (ପ୍ରତ୍ୟେକ) ଶବ୍ଦ ମଧ୍ୟରେ ବୁଝାଅ ।

(କ) ଭୂମିକା (ଖ) ପ୍ରସ୍ଥିତି (ଗ) ପ୍ରତିମାନ

(ଘ) ଅନୁମତି (ଙ) କ୍ଷମତା

୩. ସାମାଜିକ ବ୍ୟବସ୍ଥାର ମୁଖ୍ୟ ଲକ୍ଷଣକୁ ବୁଝାଅ ।

୪. ସାମାଜିକ ବ୍ୟବସ୍ଥାର ଉପାଦାନମାନଙ୍କୁ ବୁଝାଇ ଲେଖ ।

## ପାରିଭାଷିକ ଶବ୍ଦାବଳୀ (Glossary)

୧. Incumbent : କୌଣସି ବ୍ୟକ୍ତି ନିର୍ଦ୍ଦିଷ୍ଟ ସ୍ଥାନ ବା ପଦବୀ ଅଳଙ୍କୃତ କରିବା ।

୨. Deceased : ଯେଉଁ ବ୍ୟକ୍ତି ନିକଟରେ ମୃତ୍ୟୁବରଣ କରିଥାଏ ।

୩. ଜ୍ଞାନ : ଆଭିଧାନିକ ଅର୍ଥ ଅନୁଯାୟୀ କୌଣସି ବିଷୟରେ ନିର୍ଦ୍ଦିଷ୍ଟ ସୂଚନା ରଖିବା, ସମାଜ ବିଜ୍ଞାନରେ ଅଧ୍ୟୟନର ଏକ ନୂତନ ଶାଖାକୁ ଜ୍ଞାନ ସମାଜଶାସ୍ତ୍ର (Sociology of Knowledge) କୁହାଯାଏ ।

୪. ଲୋକାଚାର : ଲୋକମାନଙ୍କର ଆଚରଣ ପାଇଁ ଏକ ନୈତିକ ମାଧ୍ୟମ ।

୫. ନୀତି ସମୂହ - କ'ଣ ହେବା ଉଚିତ ସହ ସମ୍ବନ୍ଧିତ ।

## ପାଠ୍ୟଗତ ପ୍ରଶ୍ନାବଳୀର ଉତ୍ତର

**୭.୧** ୧. (ଗ) ୨. (ଗ) ୩. (କ)

**୭.୨** (କ) ଆଶା କରାଯାଉଥିବା (ଖ) ପ୍ରସ୍ଥିତି

(ଗ) ଲକ୍ଷ୍ୟ (ଘ) ଅନୁମତି

(ଙ) ପ୍ରସ୍ଥିତି (ଚ) ମୂଲ୍ୟବୋଧ

**୭.୩** ୧. (ଗ) ୨. 'କ' ୩. (କ)

**୭.୪** ୧. ଭୁଲ ୨. ଭୁଲ ୩. ଠିକ୍

**୭.୫** ୧. ଠିକ୍ ୨. ଭୁଲ ୩. ଠିକ୍

୪. ଭୁଲ ୫. ଠିକ୍



ଟୀପ୍ପଣୀ

# ୮

# ପ୍ରତିମାନ ଓ ମୂଲ୍ୟବୋଧ

# (Norms and Values)

**ଶି**କ୍ଷକ ଶ୍ରେଣୀ କକ୍ଷରେ ପ୍ରବେଶ କଲା ବେଳେ, ଛାତ୍ରଛାତ୍ରୀ ମାନେ ଠିଆ ହୋଇ ସମ୍ମାନ ପ୍ରଦର୍ଶନ କରିବା ଆଶା କରାଯାଏ । ଅଧିକ ମଦ୍ୟପାନ କରିବା, ପରୀକ୍ଷାରେ କପି କରିବା ସମାଜରେ ସ୍ୱୀକାର କରାଯାଏ ନାହିଁ । ମାତାପିତା ଙ୍କର ଆଜ୍ଞାଧୀନ ହେବା, ପିଲାମାନଙ୍କ ପାଇଁ ଅତ୍ୟାବଶ୍ୟକ ଅଟେ । ସମାଜବିଜ୍ଞାନରେ ଏହିସବୁ ଆଚରଣ ଓ ମାନ୍ୟତା କୁ ପ୍ରତିମାନ ଓ ମୂଲ୍ୟ ବୋଧ କୁହାଯାଏ । ଏହି ଅଧ୍ୟୟରେ ଆମେ ପ୍ରତିମାନ ମୂଲ୍ୟ ବୋଧ ବିଷୟରେ ପଢିବା ଓ ସମାଜ କୁ ବୁଝିବା ସେମାନଙ୍କ ଗୁରୁତ୍ୱ କୁ ଜାଣିବା ।

### ଉଦ୍ଦେଶ୍ୟ :

**ଏହି ଅଧ୍ୟାୟ ପଢିବା ପରେ ଆପଣ ମାନେ ସମର୍ଥ ହେବେ -**

- ସମାଜ ବିଜ୍ଞାନୀ ଦ୍ୱାରା ପ୍ରତିମାନ ଓ ତାହାର ଗଠନ ର ପ୍ରକ୍ରିୟା ର ସଂଜ୍ଞାନ କୁ ବିଶ୍ଳେଷଣ କରିବା ପାଇଁ ;
- ସମାଜରେ ପ୍ରତିମାନ ର ଗୁରୁତ୍ୱ କୁ ବର୍ଣ୍ଣନା କରିବା ପାଇଁ ;
- ବିଭିନ୍ନ ପ୍ରକାର ପ୍ରତିମାନ ବିଷୟରେ ଆଲୋଚନା କରିବା ପାଇଁ ;
- ପ୍ରତିମାନ ହୀନତା ର ବ୍ୟାଖ୍ୟା ଓ ବର୍ଣ୍ଣନା ପାଇଁ ;
- ସମାଜ ବିଜ୍ଞାନୀ ମୂଲ୍ୟବୋଧ ବିଷୟରେ ତଥା ମୂଲ୍ୟବୋଧ ସଂଘର୍ଷ କୁ ବୁଝିବା ପାଇଁ ; ଏବଂ
- ପ୍ରତିମାନ ଓ ମୂଲ୍ୟ ବୋଧ ମଧ୍ୟରେ ଥିବା ସଂପର୍କ ର ବର୍ଣ୍ଣନା କରିବା ପାଇଁ ।

## ୮.୧ ପ୍ରତିମାନ (Norms) :

ପ୍ରତିମାନ ଓ ମୂଲ୍ୟବୋଧ ପ୍ରତ୍ୟେକ ସମାଜର ଏକ ନିହାତି ଆବଶ୍ୟକ ଅଂଗ । ସେମାନଙ୍କୁ ସାମାଜିକ ଅସ୍ତିତ୍ୱ ର ଆବଶ୍ୟକ ସ୍ତମ୍ଭ କହିଲେ ଭୁଲ ହେବ ନାହିଁ । ବ୍ୟକ୍ତି ବା ସମୁହ ମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଉଚିତ, ଅନୁଚିତ, ବାଞ୍ଛନୀୟ, ଭଲ, ମନ୍ଦ ଇତ୍ୟାଦି ଧାରଣାକୁ ମୂଲ୍ୟବୋଧ କୁହାଯାଏ । ମୂଲ୍ୟବୋଧ ଭିନ୍ନ ସମାଜରେ ଭିନ୍ନ ପ୍ରକାର ର ହୋଇଥାଏ । ଜଣେ ବ୍ୟକ୍ତି ର ମୂଲ୍ୟବୋଧ ତା'ର ନିର୍ଦ୍ଦିଷ୍ଟ ସାଂସ୍କୃତିକ ବାତାବରଣ ରୁ ଆସିଥାଏ । ଉଦାହରଣ ସ୍ୱରୂପ, ଭାରତରେ ଏବେ ମଧ୍ୟ ଲୋକ ମାନେ ଝିଅ



ଟୀପ୍ପଣୀ

ଅପେକ୍ଷା ପୁଅ ମାନଙ୍କୁ ଗୁରୁତ୍ୱ ଦିଅନ୍ତି ଓ ଅନେକ କ୍ଷେତ୍ରରେ ଶିଶୁ କନ୍ୟା ତଥା କନ୍ୟା ଭ୍ରୁଣ ହତ୍ୟା ହୋଇଥାଏ । ଅନ୍ୟ ଭାଷାରେ କହିଲେ ଏଠାରେ ପୁତ୍ର ସନ୍ତାନ କୁ ମହତ୍ତ୍ୱ ଦିଆଯାଏ । ପ୍ରତିମାନ କହିଲେ ସଠିକ୍ ତଥା ଉଚିତ ଆଚରଣ କୁ ବୁଝାଏ । ସମାଜର ମୂଲ୍ୟବୋଧ ଅନୁଯାୟୀ, ବ୍ୟକ୍ତିର ଆଚରଣ କିପରି ହେବା ଉଚିତ, ପ୍ରତିମାନ ସେହି ସବୁ ନିର୍ଦ୍ଦେଶାବଳୀ ଅଟେ । ତେଣୁ ପ୍ରତିମାନ ସମାଜରେ ଥିବା ମୂଲ୍ୟବୋଧ କୁ ପ୍ରତିବିମ୍ବିତ କରେ । ଶିକ୍ଷକ ଶ୍ରେଣୀ କକ୍ଷରେ ପ୍ରବେଶ କଲାବେଳେ, ବିଦ୍ୟାର୍ଥି ମାନେ ଠିଆ ହୋଇ ସମ୍ମାନ ପ୍ରଦର୍ଶନ କରିବା ହେଉଛି ଏକ ନିର୍ଦ୍ଦିଷ୍ଟ ପ୍ରତିମାନ, ଯାହା ସମାଜରେ ଶିକ୍ଷକ ମାନଙ୍କ ପ୍ରତିଥିବା ସମ୍ମାନ ସମ୍ବନ୍ଧୀୟ ମୂଲ୍ୟବୋଧର ଏକ ନିଦର୍ଶନ । ସମସ୍ତ ମାନବୀୟ ସମୂହ ନିର୍ଦ୍ଦିଷ୍ଟ ପ୍ରକାର ର ପ୍ରତିମାନ ସବୁକୁ ଅନୁସରଣ କରନ୍ତି ଓ ସେହି ପ୍ରତିମାନ ସମ୍ବନ୍ଧୀୟ ସକାରାତ୍ମକ ତଥା ନକାରାତ୍ମକ ଅନୁମତି ସବୁ ରହିଥାଏ ।

ସାଧାରଣତଃ ଜଣେ ଡାକ୍ତର ଠାରୁ ଆମେ କି ପ୍ରକାର ର ବ୍ୟବହାର ଆଶା କରୁ ? ଡାକ୍ତର ମାନେ ସାମାନ୍ୟତଃ ଶାନ୍ତ, ସମ୍ବେଦନଶୀଳ, ସହାନୁଭୁତିଶୀଳ ଓ ଦାୟିତ୍ୱ ସଂପନ୍ନ ହେବା ଆଶା କରାଯାଏ । ଏହା କହିବାର ମର୍ମ ହେଲା ଆମେ ମାନେ ଡାକ୍ତର ମାନଙ୍କ ଠାରୁ ଏକ ନିର୍ଦ୍ଦିଷ୍ଟ ଆଚରଣ ଆଶା କରୁ ଯାହାକି ଆମେ ଅନ୍ୟ ବୃତ୍ତିଜୀବି ମାନଙ୍କ ଠାରୁ ଆଶା କରୁନାହିଁ । ଏକ ପ୍ରତିମାନ କହିଲେ, ଆମେ କାର୍ଯ୍ୟ କରୁଥିବା ସାମାଜିକ ପରିସ୍ଥିତିରେ, ଆମର ବ୍ୟବହାରକୁ ସଂଚାଳିତ କରୁଥିବା ନିୟମ ବା ମାନକ କୁ ବୁଝାଏ । ପ୍ରତିମାନ ସାମୁହିକ ଭାଗିଦାରୀ ଦ୍ୱାରା କରାଯାଉଥିବା ଆଶା ଓ ଆକାଂକ୍ଷା କୁ ମଧ୍ୟ ବୁଝାଏ । ଏହି ସବୁ ଆଶା କରାଯାଉଥିବା ଆଚରଣ "ଭଲ ନାଗରିକ ଜୀବନ କୁ ସମ୍ମାନ କରନ୍ତି", "ସାନ ମାନେ ବଡ଼ ମାନଙ୍କୁ ସର୍ବଦା ସମ୍ମାନ କରିବା ଉଚିତ", ଇତ୍ୟାଦି ବାକ୍ୟରେ ପ୍ରତିଫଳିତ ହୋଇଥାନ୍ତି । ଉଦାହରଣ ସ୍ୱରୂପ, ଭାରତରେ ପିଲାମାନେ ସାମାଜିକ ଉତ୍ସବ ଅନୁଷ୍ଠାନ ସମୟରେ ସେମାନଙ୍କର ଗୁରୁଜନ ମାନଙ୍କର ପାଦ ସ୍ପର୍ଶ କରିଥା'ନ୍ତି । ପ୍ରତିମାନ ହେଲା ବ୍ୟକ୍ତିର ବ୍ୟବହାର କୁ ସୀମାବଦ୍ଧ କରିବାର ଏକ ଧାରା । ଏହି ଭାବରେ ପ୍ରତିମାନ ହେଲା ଅଲିଖିତ ଆଇନ । ପ୍ରତିମାନ ବ୍ୟକ୍ତିର ବ୍ୟବହାର କୁ ନିୟନ୍ତ୍ରଣ, ନିର୍ଦ୍ଧାରଣ, ନିର୍ଦ୍ଦେଶ କରେ ତଥା ଭବିଷ୍ୟତବାଣୀ ମଧ୍ୟ କରିଥାଏ । ତେଣୁ ବର୍ତ୍ତମାନ ଏହା ସ୍ପଷ୍ଟ ଯେ ପ୍ରତିମାନ କୁ ସମୁହ ଜୀବନର ଅଲିଖିତ ନୀତିନିୟମ ଭାବରେ ଗ୍ରହଣ କରାଯାଏ । ପ୍ରତିମାନ, ବ୍ୟକ୍ତିର ବ୍ୟବହାର ରେ ମୂଲ୍ୟବୋଧକୁ ପ୍ରକାଶିତ କରିଥା'ନ୍ତି ।

ଆମେ ବ୍ୟକ୍ତିଗତ ଓ ସାମାଜିକ ପ୍ରତିମାନ ମଧ୍ୟରେ ମଧ୍ୟ ପାର୍ଥକ୍ୟ ଦର୍ଶାଇ ପାରିବା । ଘରୋଇ ପ୍ରତିମାନ, ଶୁଦ୍ଧ ଭାବରେ ବ୍ୟକ୍ତିଗତ ଲକ୍ଷଣ ର ହୋଇଥାଏ ଓ କେବଳ ବ୍ୟକ୍ତିର ବ୍ୟବହାର କୁ ପ୍ରଭାବିତ କରି ପାରନ୍ତି । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ନୂଆବର୍ଷ ଦିନ କୌଣସି ସଂକଳ୍ପ କରିଥାଏ, ଯେପରିକି ସେ ଧୂମ ପାନ ଛାଡ଼ି ଦେବ ଓ ଏହା କୁ କଡ଼ାକଡ଼ି ଭାବେ ମାନିବ ।

କିନ୍ତୁ ସମାଜ ବିଜ୍ଞାନୀ ସାମାଜିକ ପ୍ରତିମାନ କୁ ନେଇ ଆଗ୍ରହୀ ଥା'ନ୍ତି । ସାମାଜିକ ପ୍ରତିମାନ ହେଲା ସମୁହ ଦ୍ୱାରା ବିକାଶ ଲାଭ କରିଥିବା ସେହିସବୁ ନିୟମ, ଯାହା ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବ୍ୟକ୍ତି ର ବ୍ୟବହାର କିପରି ହେବ ବା ହେବା ଉଚିତ ନୁହେଁ, ତାହାର ନିର୍ଦ୍ଧାରକ । ଉଦାହରଣ ସ୍ୱରୂପ, ପିଲାମାନେ ଅଭିଭାବକଙ୍କର ଅନୁମତି ନେଇ ବାହାର କୁ ଯିବା ଉଚିତ । ସାମାଜିକ ପ୍ରତିମାନ ପଛରେ ସବୁବେଳେ ସାମାଜିକ ସ୍ୱୀକୃତି ତଥା ଅନୁମତି ଥାଏ । ଏହି ଅନୁମତି, ସକାରାତ୍ମକ କିମ୍ବା ନକାରାତ୍ମକ ହୋଇ ପାରେ । ନକାରାତ୍ମକ



ଟୀପ୍‌ପଣୀ

ଅନୁମତି କ୍ଷେତ୍ରରେ ପ୍ରତିମାନ ଉଲ୍ଲଂଘନକାରୀ ମାନେ ସମୁହ ଦ୍ୱାରା ସ୍ଥିରୀକୃତ ଦଣ୍ଡ ଭୋଗିଥା'ନ୍ତି ଓ ପ୍ରତିମାନ କୁ ମାନିବା ଲୋକ ମାନେ ସକାରାତ୍ମକ ଅନୁମତି ଅନୁଯାୟୀ ପୁରସ୍କୃତ ହୋଇଥା'ନ୍ତି । ଉଦାହରଣ ସ୍ୱରୂପ, ଯେଉଁ ପିଲାମାନେ ସେମାନଙ୍କର ପିତାମାତା ଙ୍କୁ ମାନନ୍ତି ତଥା ସବୁକ୍ଷେତ୍ର ରେ ସେମାନଙ୍କର ଅନୁମତି ନିଅନ୍ତି, ସେମାନେ ସମାଜ ଦ୍ୱାରା ପ୍ରଶଂସିତ ହୋଇଥା'ନ୍ତି । ଅନ୍ୟ ପକ୍ଷରେ ଯେଉଁ ପିଲାମାନେ ପିତାମାତା ଙ୍କ କଥା ମାନନ୍ତି ନାହିଁ ସେମାନଙ୍କ ମତାନୁଯାୟୀ କାର୍ଯ୍ୟ କରନ୍ତି ନାହିଁ, ପରିବାର ସଦସ୍ୟ ମାନେ ସେମାନଙ୍କୁ ସମାଲୋଚନା କରନ୍ତି । କାର୍ଯ୍ୟ କ୍ଷେତ୍ରରେ ସକାରାତ୍ମକ ଅନୁମତି ହେଲା କୌଣସି କର୍ମଚାରୀ ର ଉତ୍ତମ କାର୍ଯ୍ୟ ପାଇଁ ପଦୋନ୍ନତି । ଆମେ କହିପାରିବା ଯେ କୌଣସି ବ୍ୟକ୍ତି ବା ସମୁହର ବ୍ୟବହାର ପ୍ରତି ଅନ୍ୟମାନଙ୍କର ପ୍ରତି କ୍ରିୟା ହେଲା, ଅନୁମତି, ଏହାର ଉଦ୍ଦେଶ୍ୟ ହେଲା ସମାଜରେ ପ୍ରଚଳିତ ଥିବା ପ୍ରତିମାନ ପ୍ରତି ଲୋକ ମାନଙ୍କର ଆଗ୍ରହ । ଅନୁମତି ଦୁଇ ପ୍ରକାର ର ଥାଏ- ଔପଚାରିକ ତଥା ଅନୌପଚାରିକ । ଔପଚାରିକ ଅନୁମତି ସେଠାରେ ଥାଏ, ଯେଉଁଠାରେ ଲୋକ ମାନେ ଏହା ସୁନିଶ୍ଚିତ କରନ୍ତି ଯେ ନିର୍ଦ୍ଧିଷ୍ଟ ପ୍ରତିମାନ କୁ ସକାରାତ୍ମକ ଭାବେ ଅନୁସରଣ କରାଯିବ । ଆଧୁନିକ ସମାଜରେ ପୁଲିସ, ନ୍ୟାୟାଳୟ ଓ ବନ୍ଦୀଶାଳା / ଜେଲ ଇତ୍ୟାଦି ଏଜେନ୍ସି ଦଣ୍ଡ ପ୍ରକ୍ରିୟାରେ ସଂପୃକ୍ତ । ଉଦାହରଣ ସ୍ୱରୂପ, ରାସ୍ତା ନିୟମ ର ଉଲ୍ଲଂଘନ ପାଇଁ ଅର୍ଥଦଣ୍ଡ ତଥା ଗାଡି ଲାଇସେନ୍ସ ଉଚ୍ଛେଦ ଭଳି ଦଣ୍ଡ ଦିଆଯାଏ । ଆମ ସାମାଜିକ ଜୀବନର ଅନ୍ୟ ବହୁ ଦିଗରେ ଔପଚାରିକ ସକାରାତ୍ମକ ଅନୁମତି ଦେଖାଯାଏ, ଉଦାହରଣ ସ୍ୱରୂପ ସାହସିକତା ପାଇଁ ପଦକ ପ୍ରଦାନ, ଶିକ୍ଷା ସମ୍ବନ୍ଧୀୟ ସଫଳତା ପାଇଁ ଡିଗ୍ରୀ ଓ ଡିପ୍ଲୋମା ଆଦି ପ୍ରଦାନ ଇତ୍ୟାଦି ।

ସକାରାତ୍ମକ, ନକାରାତ୍ମକ ଅନୌପଚାରିକ ଅନୁମତି ମାନ ପ୍ରତ୍ୟେକ ସମାଜରେ ଦେଖାଯାଉଥିବା ଏକ ନିୟମିତ ଲକ୍ଷଣ ଅଟେ । ସକାରାତ୍ମକ ଅନୁମତି କ୍ଷେତ୍ରରେ ସେହି ସବୁ ସାବାସୀ ତଥା ସ୍ୱୀକୃତି ମାନ ସାମିଲ ଥାଏ, ଯେପରିକି କାହାକୁ "ବହୁତ ଭଲ କଲ" କହିବା, କାହାକୁ ତା'ର କାର୍ଯ୍ୟ ର ସ୍ୱୀକୃତି ସ୍ୱରୂପ ସ୍ମିତହାସ୍ୟ ଦେବା, ତଥା ଆଉ କାହାର ପିଠି ଥାପୁଡାଇବା ଇତ୍ୟାଦି । ନକାରାତ୍ମକ ଅନୁମତି ର ଉଦାହରଣ ହେଲା - ଅପମାନ ଦେବା, ଗାଳି ଦେବା, ଚିଡ଼ିଚିଡ଼ି ହେବା ଇତ୍ୟାଦି । ଔପଚାରିକ ଅନୁମତି ସବୁର ସମାଜରେ ବିଶେଷ ଗୁରୁତ୍ୱ ରହିଛି, କାରଣ ସେମାନେ ପ୍ରତିମାନ ପ୍ରତି ସମାଜ ର ମାନ୍ୟତା ହାସଲ କରନ୍ତି । ପାରିବାରିକ ସ୍ୱୀକୃତି, ବନ୍ଧୁ, ପ୍ରିୟଜନ ଓ ପଡ଼ୋଶୀ ମାନଙ୍କର ସ୍ୱୀକୃତି ହାସଲ କରିବାରେ, ନିନ୍ଦା, ଅପମାନ ଓ ଲଜ୍ଜା ରୁ ରକ୍ଷା ପାଇବାରେ ମଧ୍ୟ ନକାରାତ୍ମକ ଅନୁମତି ସହାୟକ ହୋଇଥା'ନ୍ତି । ଲୋକମାନେ ଉଭୟ ସକାରାତ୍ମକ ତଥା ନକାରାତ୍ମକ ଅନୁମତି କୁ ଗୁରୁତ୍ୱ ଦେଇଥା'ନ୍ତି ।

ଉପରୋକ୍ତ ଆଲୋଚନା ରୁ ଆମେ ପ୍ରତିମାନ ସମ୍ବନ୍ଧିତ ନିମ୍ନଲିଖିତ ଲକ୍ଷଣ ମାନ ଦର୍ଶାଇ ପାରିବା-

୧. ପ୍ରତିମାନ ସମାଜର ଅଂଗ ଅଟନ୍ତି ।

୨. ପ୍ରତିମାନ ଉଭୟ ନକାରାତ୍ମକ ଓ ସକାରାତ୍ମକ ହୋଇଥାନ୍ତି ।

୩. ପ୍ରତିମାନ ମାନେ ଉଭୟ ଔପଚାରିକ ଓ ଅନୌପଚାରିକ ହୋଇଥାନ୍ତି ।

୪. ପ୍ରତିମାନ ସବୁ ପରିସ୍ଥିତି ଭିତ୍ତିକ ହୋଇଥା'ନ୍ତି ।

୫. ପ୍ରତିମାନ ମାନେ ଅନୁମତି ସହିତ ସମ୍ବନ୍ଧିତ ଅଟନ୍ତି ।



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୮.୧

**ଠିକ୍ ଉତ୍ତର ପାଇଁ ଠିକ୍ ଚିହ୍ନ ଦିଅନ୍ତୁ ।**

**୧. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ମୂଲ୍ୟବୋଧର ଉଦାହରଣ ଅଟେ ?**

(କ) ନନ୍ଦିନୀ ଭାବେ ଯେ ପରୀକ୍ଷାରେ କପି କରିବା ଏକ ଭୁଲ କାମ ।

(ଖ) ରାଜେଶ ଭାବେ ଯେ ତାର ପିଲାମାନେ ବହି ପଢିବା ଏକ ଭଲ କାମ ।

(ଗ) ସଂଜୀବ ଭାବେ ଯେ ପଲାମାନେ ଚା କିମ୍ବା କଫି ପି' ବା ଉଚିତ ନୁହେଁ ।

(ଘ) ଉପରୋକ୍ତ ସମସ୍ତ ବିକଳ୍ପ ।

**୨. ସକାରାତ୍ମକ ଅନୁମତିର ଏକ ଉଦାହରଣ ହେଲା -**

(କ) ଜେଲ ଦଣ୍ଡ ।

(ଖ) ଜଣେ ଭଲ ନାଗରିକ ହୋଇଥିବାରୁ ସରକାରଙ୍କ ତରଫରୁ ନଗଦ ପୁରସ୍କାର,

(ଗ) ହଜି ଯାଇଥିବା / ରାସ୍ତା ଭୁଲିଯାଇଥିବା ଏକ ପିଲା ପ୍ରତି ସହୃଦୟତା ପାଇଁ ଆପଣଙ୍କୁ ଦେଖି କିଏ ସ୍ମିତ ହାସ୍ୟ ଦେବା ;

(ଘ) 'ଖ' ଓ 'ଗ' ଉଭୟ ବିକଳ୍ପ

**୩. ପ୍ରତିମାନ କହିଲେ ହୋଇପାରେ -**

(କ) ସମୁହରେ ସାଧାରଣ ବ୍ୟବହାର,

(ଖ) ଅଲିଖିତ ଆଇନ,

(ଗ) ଭଲ ଓ ମନ୍ଦ କୁ ନେଇ ଦିଆଯାଇଥିବା ବକ୍ତବ୍ୟ;


(ଘ) ଉପରୋକ୍ତ ସମସ୍ତ ବିକଳ୍ପ ।

## ୮.୨ ପ୍ରତିମାନର ଗୁରୁତ୍ୱ (Importance of Norms) :

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ପ୍ରତିମାନ ସାମାଜିକ ସଂରଚନା ର ମୂଳ ଭିତ୍ତି ଅଟେ । ଏହା ବ୍ୟକ୍ତି ର ବ୍ୟବହାର କୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଆନ୍ତଃ କ୍ରିୟାରେ ସାହାଯ୍ୟ କରିଥାଏ । ଏହା ଆମ ବ୍ୟବହାର କୁ ନିୟମିତ ତଥା ଆବଶ୍ୟକତା ଅନୁଯାୟୀ ସ୍ଥିର କରିଥାଏ । ପ୍ରତିମାନ ଆମ ବ୍ୟବହାର ତଥା ଆଚରଣ ର ମାର୍ଗ ଦର୍ଶନ ମଧ୍ୟ କରିଥାଏ । ଆମର ତ୍ରୁଟି କୁ ସଂଶୋଧନ କରି ଆମ ଦୈନନ୍ଦିନ ଜୀବନ କୁ ନିୟନ୍ତ୍ରଣ ରେ ରଖିଥାଏ । ସମାଜରେ ଅନ୍ୟ ମାନଙ୍କ ଦ୍ୱାରା ନାପସନ୍ଦ ହେବା ସମୟରେ କେହି ହେଲେ ସାମାଜିକ ପ୍ରତିମାନର ଗୁରୁତ୍ୱ କୁ ଅସ୍ୱୀକାର କରି ପାରିବେ ନାହିଁ । ଉଦାହରଣ ସ୍ୱରୂପ, ଏକ ଶ୍ରେଣୀ କକ୍ଷରେ ବିଦ୍ୟାର୍ଥି ମାନଙ୍କର ବ୍ୟବହାର ସଂପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଏ । ଯେପରିକି, ଶିକ୍ଷକ ଶ୍ରେଣୀ କକ୍ଷରେ ପ୍ରବେଶ କଲେ ବିଦ୍ୟାର୍ଥି ମାନେ ଛିଡା ହୋଇ ସମ୍ମାନ ପ୍ରଦର୍ଶନ କରିବେ । ଶିକ୍ଷକ ପ୍ରଶ୍ନ ପଚାରିଲା ବେଳେ, ସେମାନେ ଛିଡା ହୋଇ ଉତ୍ତର ଦେବେ । ବିଳମ୍ବରେ ଆସିବା କ୍ଷେତ୍ରରେ ଶ୍ରେଣୀ କକ୍ଷରେ ପ୍ରବେଶ କରିବା ପୂର୍ବରୁ ଅନୁମତି ନେଇ ପ୍ରବେଶ କରିବେ । ଯଦି ବିଦ୍ୟାର୍ଥି ମାନେ ଏହି ସବୁ ନିୟମ ନ ମାନନ୍ତି, ତା'ହେଲେ ସେମାନେ ଦଣ୍ଡିତ ହୋଇ ପାରନ୍ତି ବା ଅନ୍ୟମାନଙ୍କ ଦ୍ୱାରା ନାପସନ୍ଦ ହୋଇପାରନ୍ତି ।

ଟୀପ୍‌ପଣୀ

ପ୍ରତିମାନ ଆମ ଜୀବନର ଅପରିହାର୍ଯ୍ୟ ଅଂଗ ଅଟନ୍ତି । ଆମ ଦୈନନ୍ଦିନ ଜୀବନରେ ଆମେ ବହୁ କାର୍ଯ୍ୟ କରୁ, ବହୁ ଲୋକ ଙ୍କ ସଂସ୍ପର୍ଶରେ ଆସିଥାଉ । ନିମ୍ନୋକ୍ତ ଉଦାହରଣ ରୁ ସ୍ପଷ୍ଟ ହେବ ଯେ ପ୍ରତିମାନ କିପରି ଆମ ଜୀବନ ର ଦୈନନ୍ଦିନ କାର୍ଯ୍ୟ କୁ ସହଜ କରେ । ଜଣେ କଲେଜ ଛାତ୍ର ସକାଳୁ ଉଠେ, ଦାନ୍ତ ଘଷେ, ଗାଧୁଏ, ଜଳଖିଆ ଖାଏ, ପୋଷାକ ପିନ୍ଧେ, ଗାଡ଼ି ଚଳାଇ କଲେଜ ଯାଏ, ସାଙ୍ଗ ସାଥୀ ଙ୍କୁ ଭେଟେ, କ୍ଲାସ କରେ, ଲାଇବ୍ରେରୀ ଯାଏ, ସାଙ୍ଗ ସାଥୀ ଙ୍କ ସହ ଖେଳେ ବା ଗପସପ କରେ ଓ ସନ୍ଧ୍ୟା କୁ ଘରକୁ ଫେରେ ଇତ୍ୟାଦି । ଛାତ୍ର ଏ ସବୁ କରିବାରେ କୌଣସି ଅସୁବିଧା କୁ ସାମ୍ନା କରେ ନାହିଁ । ଏହାର କାରଣ ହେଉଛି ଏହି ସବୁ କରିବା ପଛରେ ପ୍ରତିମାନ କାର୍ଯ୍ୟ କରିଥାଏ । ଜଣେ ଛାତ୍ରର ଏହି ସବୁ ବିଷୟରେ ଜ୍ଞାନ ହିଁ ତା'ର କାର୍ଯ୍ୟ କୁ ସହଜ କରିଥାଏ ।



**ପ୍ରତିମାନ ବ୍ୟକ୍ତି ଆଚରଣକୁ ପରିଚାଳନା କରିଥାନ୍ତି**

ପ୍ରତିମାନ ସମାଜରେ ସଂହତି ବୃଦ୍ଧି କରେ । ଲୋକ ମାନେ କେବଳ ପ୍ରତିମାନ ଯୋଗୁଁ ହିଁ ସାମୁହିକ ତଥା ସହଯୋଗିତା ର ଜୀବନ ଯାପନ କରି ପାରନ୍ତି । ପ୍ରତିମାନ ବ୍ୟବସ୍ଥା ସମାଜ କୁ ଏକ ଅନ୍ତର୍ନିହିତ ସଂହତି ପ୍ରଦାନ କରେ, ଯାହା ବ୍ୟତିରେକ ସାମାଜିକ ଜୀବନ ଅସମ୍ଭବ । ଉଦାହରଣ ସ୍ୱରୂପ ଏକ ଅଫିସ ର ସମସ୍ତ କର୍ମଚାରୀ - ଅଫିସର ଠାରୁ ପିଅନ ପର୍ଯ୍ୟନ୍ତ, ସମସ୍ତେ ଅଫିସ୍ କାର୍ଯ୍ୟ ସଂପାଦନ କଲାବେଳେ ସମୟାନୁବର୍ତ୍ତିତା ଭଳି କେତେକ ନିୟମ ମାନିଥା'ନ୍ତି । ଏହି ସବୁ ନିୟମ ସେମାନଙ୍କୁ ସମସ୍ତଙ୍କୁ ଏକ ମଂଚ ରେ ଏକାଠି କରନ୍ତି ଓ ସାମାଜିକ ବ୍ୟବସ୍ଥା କୁ ଅବ୍ୟାହତ ରଖନ୍ତି ।

## ୮.୨.୧ ପ୍ରତିମାନ ର ପ୍ରକାର (Types of Norms) :

ପ୍ରତିମାନ ଅନେକ ପ୍ରକାର ର ଅଛି । ସେମାନେ ସ୍ଥାୟିତ୍ୱ ଓ କଠୋରତା ଆଧାରରେ ଭିନ୍ନ ଅଟନ୍ତି । ସମାଜ ଓ ବ୍ୟକ୍ତି ଉପରେ ସେମାନଙ୍କର ପ୍ରଭାବ ସମାନ ଅନୁଭୂତ ହୁଏ ନାହିଁ । ଏଣୁ, ସମାଜ ବିଜ୍ଞାନ ପୁସ୍ତକ ମାନଙ୍କ ରେ ପ୍ରତିମାନ ର କୌଣସି ମାନକ ତଥା ଶ୍ରେଣୀ ବିଭାଗ ଦିଆଯାଇ ନ ଥାଏ ଓ ପ୍ରତ୍ୟେକ ସମାଜବିଜ୍ଞାନୀ ଭିନ୍ନ ଭିନ୍ନ ତାଲିକା ପ୍ରସ୍ତୁତ କରିଛନ୍ତି । ଆମେ ଦୁଇଟି ପ୍ରାରମ୍ଭିକ ଅନୁମାନ କରିପାରୁ । ପ୍ରଥମେ, ପ୍ରତିମାନ ଉଭୟ ଉପଦେଶାତ୍ମକ ବା ନିର୍ଦ୍ଦେଶାତ୍ମକ ଓ ପ୍ରତିରୋଧାତ୍ମକ ହୋଇ ଥା'ନ୍ତି । ନିର୍ଦ୍ଦେଶାତ୍ମକ ପ୍ରତିମାନ ବ୍ୟକ୍ତି କ'ଣ କରିବା ଉଚିତ ତାହା ଜଣାଇଥାଏ, ତଥା ପ୍ରତିରୋଧାତ୍ମକ ବା



ଟୀପ୍ପଣୀ

ନିବୃତ୍ତାତ୍ମକ, ବ୍ୟକ୍ତି କ'ଣ କରିବା ଉଚିତ ନୁହେଁ, ତାହା ଜଣାଏ । ବେଳେ ବେଳେ ଏହି ନିର୍ଦ୍ଦେଶାତ୍ମକ ଓ ନିବୃତ୍ତାତ୍ମକ ପ୍ରତିମାନ ଏକ ସଙ୍ଗେ ପ୍ରାସଙ୍ଗିକ ହୋଇ ପଡ଼ନ୍ତି । ଯଥା - ଆମେ କିଛି କରିବା ଉଚିତ ଓ କିଛି କରିବାରୁ ନିବୃତ୍ତ ଯାଇଥାଉ । ସମାଜରେ ବସ୍ତ୍ର ପିନ୍ଧିବା ଜରୁରୀ ହୋଇଥାଏ ଓ ନଗ୍ନ ହେବାରୁ ଆମକୁ ନିବୃତ୍ତ ଯାଇଥାଏ ।

ଦ୍ୱିତୀୟ ପର୍ଯ୍ୟବେକ୍ଷଣଟି ହେଲା କିଛି ପ୍ରତିମାନ ସମଗ୍ର ସମାଜରେ ପ୍ରଚଳିତ ଥିବା ବେଳେ, ଅନ୍ୟ କିଛି, ନିର୍ଦ୍ଦିଷ୍ଟ କେତେକ ସମୁହରେ ପ୍ରଚଳିତଥା'ନ୍ତି । ପୂର୍ବୋକ୍ତ ପ୍ରତିମାନକୁ ଆମେ ସାମୁଦାୟିକ ପ୍ରତିମାନ କହିଲା ବେଳେ, ଅନ୍ୟଟିକୁ ସଂସ୍ଥାତ୍ମକ ପ୍ରତିମାନ କରିଥାଉ । ସାମୁଦାୟିକ ପ୍ରତିମାନ ର ଏକ ଉଦାହରଣ ହେଲା କୌଣସି ନୂତନ ଆଗନ୍ତୁକ ଙ୍କ ସହ କରମର୍ଦ୍ଦନ କରିବା, ଏହି ପ୍ରଥା ଆମ ସମାଜରେ ପ୍ରାୟ ସବୁ ଶ୍ରେଣୀ ଓ ସମୁହରେ ଦେଖାଯାଇଥାଏ । ସଂସ୍ଥାତ୍ମକ ପ୍ରତିମାନ ର ଉଦାହରଣ ହେଲା, ହିନ୍ଦୁ ମାନଙ୍କ ମଧ୍ୟରେ ଉପବୀତ (ପଇତା) ପିନ୍ଧିବାର ପ୍ରଥା ଓ ଏହା ଉଚ୍ଚ ଜାତିର ସଦସ୍ୟ ମାନଙ୍କ ମଧ୍ୟରେ ପ୍ରଚଳିତ ।

ଏହି ପ୍ରତିମାନୀୟ ବର୍ଗୀକରଣ ପାରସ୍ପାରିକ କ୍ଷେତ୍ରରେ ପ୍ରବେଶ କରିଥା'ନ୍ତି । ତେବେ ସମସ୍ତ ପ୍ରତିମାନ କୁ ତିନିଟି ମୁଖ୍ୟ ଧାରଣା ମଧ୍ୟରେ ସାମିଲ କରିହେବ - ଲୋକ ରୀତି, ଲେକାଚାର ଓ ପ୍ରଥା- ଯାହା ନିମ୍ନରେ ଆଲୋଚନା କରାଯାଉଛି ।

ଲୋକାଚାର ପ୍ରତିମାନର ଅନ୍ୟ ଏକ ବର୍ଗର ପ୍ରତିନିଧିତ୍ୱ କରିଥାଏ । ଲୋକାଚାର ହେଉଛି ସେହି ଶବ୍ଦ, ଯାହା ବ୍ୟବହାର ର ଏକ ଧାରା କୁ ଦର୍ଶାଏ ଏବଂ ଏହି ବ୍ୟବହାର କେବଳ ଗ୍ରହଣୀୟ ହୋଇଥାଏ ତାହା ନୁହେଁ, ଏହା ମଧ୍ୟ ନିର୍ଦ୍ଦେଶିତ ହୋଇଥାଏ । ଯେତେବେଳେ ଲୋକ ରୀତି ସମୁହ ମାନକ କୁ ପ୍ରତିନିଧିତ୍ୱ କରନ୍ତି - ସମୁହ ଅନୁସାରେ କେଉଁଟି ଠିକ୍ କେଉଁଟି ଭୁଲ, ସେତେବେଳେ ସେମାନଙ୍କୁ ଲୋକାଚାର କୁହାଯାଏ । ଲୋକାଚାର ସକାରାତ୍ମକ ବା ନକାରାତ୍ମକ ହୋଇପାରେ । ସକାରାତ୍ମକ ଲୋକାଚାର ପ୍ରତିନିଧିତ୍ୱ କରନ୍ତି ସେହି ସବୁ କାର୍ଯ୍ୟ, ଯାହା ସମାଜ ନଜରରେ "ଉଚିତ ଅଟେ", ଯେପରିକି ଗୁରୁଜନ ଙ୍କୁ ସମ୍ମାନ ହେବା, ସତ୍ୟ କହିବା ଇତ୍ୟାଦି । ନକାରାତ୍ମକ ଲୋକାଚାର "ଉଚିତ ନୁହେଁ" କାର୍ଯ୍ୟ ମାନଙ୍କୁ ପ୍ରତିନିଧିତ୍ୱ କରନ୍ତି । ଯେପରିକି "ଚୋରୀକର ନାହିଁ", "ମିଛ କୁହ ନାହିଁ" ଇତ୍ୟାଦି । ଲୋକାଚାର ହେଉଛି ସେହି ମାଧ୍ୟମ ଯାହା ଦ୍ୱାରା ବ୍ୟକ୍ତି ପରିଚୟ ପାଏ । ଲୋକାଚାର ମଧ୍ୟ ସାମାଜିକ ବ୍ୟବସ୍ଥାର ସଂରକ୍ଷରଣ ରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ, ସ୍କୁଲ ରେ ବିଦ୍ୟାର୍ଥୀ ମାନେ ସ୍କୁଲ ପୋଷାକ ନିଶ୍ଚିତ ପିନ୍ଧିବା ଉଚିତ । ଏହା କେବଳ ଏକ ଗ୍ରହଣୀୟ ନୁହେଁ, ବରଂ ନିର୍ଦ୍ଦେଶିତ ବ୍ୟବହାର ର ଏକ ପ୍ରକାର ଭେଦ । ଏହି ନିର୍ଦ୍ଦେଶ ଛାତ୍ର ମାନଙ୍କ ଉପରେ ଏକ ପ୍ରକାର ର ଚାପ ସୃଷ୍ଟି କରେ ଓ ସେମାନେ ଏହି ନିୟମ ବାହାର କୁ ଯାଇ ପାରନ୍ତି ନାହିଁ ଓ ଏକ ସାଧାରଣ ପୋଷାକ ସୂତ୍ର (ଡ୍ରେସ କୋଡ଼) ଛାତ୍ର ଛାତ୍ରୀ ମାନଙ୍କୁ ଏକ ସମ୍ମିଳିତ ପରିଚୟ ପ୍ରଦାନ କରିଥାଏ ।

ପ୍ରଥା, ପ୍ରତିମାନ ଭଳି ଏକ ସାମାଜିକ ସ୍ୱୀକୃତ ମାଧ୍ୟମ, ଯେଉଁଥିରେ ଲୋକ ମାନେ ବ୍ୟକ୍ତିଗତ ସ୍ତରରେ ଏକତ୍ର କାର୍ଯ୍ୟ କରନ୍ତି । ଆମ ଜୀବନ ର ଗ୍ରହଣୀୟ କାର୍ଯ୍ୟ କଳାପ - ଯେମିତି କି ଖାଇବା, ଲୋକଙ୍କୁ ଭେଟିବା, ଖେଳିବା କାର୍ଯ୍ୟ କରିବା କୁ ପ୍ରଥା କୁହାଯାଏ । ପ୍ରଥା ଆମ ସଂସ୍କୃତିର ସୁରକ୍ଷା କରନ୍ତି ତଥା ଏହାକୁ ଅନ୍ୟ ପିଢୀ କୁ ସଂପ୍ରେଷିତ କରନ୍ତି । ଉଦାହରଣ ସ୍ୱରୂପ ପରୀକ୍ଷା ପୂର୍ବରୁ ତଥା ବିଭିନ୍ନ ଶୁଭକାର୍ଯ୍ୟ ଓ ଧାର୍ମିକ କାର୍ଯ୍ୟ ପୂର୍ବରୁ ଗୁରୁଜନ ଙ୍କ ପାଦଛୁଇଁ ଆଶୀର୍ବାଦ ନେବାର ପ୍ରଥା କେବଳ ଭାରତ ରେ ଦେଖାଯାଏ, ପାଶ୍ଚାତ୍ୟ ଦେଶରେ ନୁହେଁ । ଏପରି କି ଘରର ଗୁରୁଜନ ମାନେ ସେମାନଙ୍କର ଗୁରୁଜନ ଙ୍କର ପାଦସ୍ପର୍ଶ କରିବାର ପ୍ରଥାକୁ କାଏମ ରଖିଥା'ନ୍ତି । ଲୋକ ମାନେ ନିଜେ ଏହା ଶିଖି, ପାଳନ



ଟୀପ୍ପଣୀ

କରିଥାନ୍ତି । ଏହି ଭଳି କେତେକ ନିର୍ଦ୍ଦିଷ୍ଟ ପ୍ରଥା ପୁରୁଷ ପୁରୁଷ ଧରି ଆମ ସଂସ୍କୃତି ର ଅଂଗ ଭାବେ ରହି ଆସିଛି । ଏହି ପ୍ରଥାମାନେ ଆମ ସଂସ୍କୃତି ର ସ୍ଥିରତା, ସ୍ଥାୟିତ୍ୱ ତଥା ନିଶ୍ଚିତ ତା ରକ୍ଷା କରିଛନ୍ତି । ପ୍ରଥା, ଦୁନିଆ ର ସବୁ ସମାଜରେ ଦେଖାଯାଏ । କୌଣସି ବି ସମାଜ ଏଥିରୁ ବାଦ ଯାଏ ନାହିଁ । ତେଣୁ ପ୍ରଥାକୁ ସାମାଜିକ ନିୟନ୍ତ୍ରଣ ର ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଗ୍ରହଣ କରାଯାଏ । ଲୋକ ମାନେ ଏହା କବଳରୁ ମୁକୁଳିବା ବଡ଼ କଷ୍ଟକର ବ୍ୟାପାର । ପ୍ରଥା ମାନେ ନୀତିନିୟମ ପ୍ରଣୟନ କରିବାର ଆଧାର ପ୍ରସ୍ତୁତ କରନ୍ତି । ରାଷ୍ଟ୍ର ଯେତେବେଳେ ନାଗରିକ ଙ୍କ ମାନିବା ପାଇଁ ସେସବୁ କୁ ନୀତି ନିୟମ ଭାବେ ଲାଗୁ କରନ୍ତି, ସେତେବେଳେ ପ୍ରଥା ମାନେ ଅଇନ ରେ ପରିଣତ ହୁଅନ୍ତି ।

## ୮.୩ ପ୍ରତିମାନ ହୀନତା (Normlessness)

ପ୍ରତିମାନ ହୀନତା ପ୍ରଚଳିତ ସାମାଜିକ ପ୍ରତିମାନ ଓ ନିୟମ ଠାରୁ ଅଲଗା ହେବାର ଏକ ଅନୁଭବ ଅଟେ । ଅଧିକାଂଶ କ୍ଷେତ୍ରରେ ସମାଜ ସୁବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ କରେ । ବହୁ ସଂଖ୍ୟାରେ ଲୋକ, ଅଜାଣତ ରେ ସେମାନଙ୍କ ସମୁହ ରେ ଥିବା ନିୟମ ମାନି ଚଳିଥା'ନ୍ତି । ତେଣୁ ସାଧାରଣ ଭାବରେ ଲୋକ ମାନେ ସମାଜର ଅପେକ୍ଷା ଅନୁସାରେ କାର୍ଯ୍ୟ କରିଥାନ୍ତି । ଏହା ସମାଜର ସହଜ ପରିଚାଳନାରେ ସାହାଯ୍ୟ କରେ । କିନ୍ତୁ ଏହା ସବୁବେଳେ ଘଟେ ନାହିଁ । ଯେତେବେଳେ କୌଣସି ସମାଜରେ ପ୍ରଚଳିତ ଥିବା ପ୍ରତିମାନ ପରସ୍ପର ବିରୋଧୀ ହୋଇଥାନ୍ତି ଅଥବା ପ୍ରତିମାନ ବ୍ୟବସ୍ଥା ଭୁଷୁଡି ପଡ଼ିବାର ଆଶଂକା ଥାଏ, ସେତେବେଳେ ଲୋକମାନେ ନିଜର ସହଭାଗୀ ମାନଙ୍କ ଠାରୁ ନିଜକୁ ଅଲଗା ବୋଧ କରନ୍ତି । ଏହା ଏଭଳି ଏକ ସ୍ଥିତି, ଯେଉଁ ଥିରେ ସହମତି କମିଯାଏ ତଥା ମୂଲ୍ୟ ବୋଧ ଓ ଲକ୍ଷ୍ୟର ନିଶ୍ଚିତତା କୁ ନେଇ ଲୋକ ମାନେ ଦ୍ୱିଧାରେ ପଡ଼ନ୍ତି । ଏହି ସବୁ ମୁହୁର୍ତ୍ତରେ ଲୋକମାନେ ସର୍ବ ମାନ୍ୟ ପ୍ରତିମାନ ପ୍ରତି ପ୍ରତିବଦ୍ଧତା ରଖିପାରନ୍ତି ନାହିଁ ଓ ସେମାନଙ୍କ ବ୍ୟକ୍ତିଗତ ଆଚରଣ ରେ ସାମାଜିକ ମାର୍ଗ-ଦର୍ଶନ ର ଅଭାବ ଦେଖାଯାଏ । ସେମାନେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ସମାଜର ସ୍ୱାର୍ଥ କୁ ଅବଜ୍ଞା କରନ୍ତି । ସାମାଜିକ ନିୟନ୍ତ୍ରଣ ପ୍ରଭାବହୀନ ହୋଇଯାଏ । ସାମାଜିକ ବିଧିବ୍ୟବସ୍ଥା ଭୁଷୁଡ଼ି ପଡିବାର ଭୟ ଥାଏ । ଏହି ସ୍ଥିତି କୁ ପ୍ରତିମାନ ହୀନତା ବା ଆନୋମି (Anomie) କୁହାଯାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୮.୨

ବନ୍ଧନୀ ମଧ୍ୟରେ ଥିବା ଉପଯୁକ୍ତ ଶବ୍ଦରେ ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

୧. ପ୍ରତିମାନ ହେଲା __________ ଅପେକ୍ଷା ମାନ । (ବ୍ୟକ୍ତି ଭାଗୀ ଦାରୀ, ସମୁହ ଭାଗୀ ଦାରୀ)

୨. ପ୍ରତିମାନ, ଭିନ୍ନ ଭିନ୍ନ ଦଣ୍ଡ, ଯଥା __________ ଦ୍ୱାରା ସମର୍ଥିତ ହୁଅନ୍ତି । (ପୁରସ୍କାର, ଅନୁମତି)

୩. ତିନି ପ୍ରକାର ପ୍ରତିମାନ ହେଲା __________ ଲୋକରୀତି, ପ୍ରଥା । (ପରଂପରା, ଲୋକାଚାର, ରୀତିନୀତି)

୪. ପ୍ରତିମାନ ସମାଜକୁ __________ ପ୍ରଦାନ କରନ୍ତି । (ଆନ୍ତଃ-ଦୃଢ଼ତା, ଧମକ, ପ୍ରତିଯୋଗିତା)

୫. ପ୍ରତିମାନ ସମାଜକୁ __________ କରିବାରେ ସହାୟକ ହୁଅନ୍ତି । (ଭାଙ୍ଗିବା, ସୁପରିଚାଳନା, ଦ୍ୱରାନ୍ୱିତ)

୬. ପ୍ରତିମାନ ହୀନତା ସ୍ଥିତିରେ, ସାମାଜିକ ନିୟନ୍ତ୍ରଣ __________ ହୋଇଯାଏ । (ଦୃଢ, ପ୍ରଭାବହୀନ, ପ୍ରଭାବଯୁକ୍ତ)



ଟୀପ୍ପଣୀ

୭. __________ ସ୍ଥିତିରେ ସାମାଜିକ ପ୍ରତିମାନ ପରସ୍ପର ବିରୋଧୀ ହୋଇ ଭୁଷୁଡ଼ି ପଡ଼ନ୍ତି । (ବିଚ୍ୟୁତି, ପ୍ରତିମାନ ହୀନତା)

୮. ଉପଯୁକ୍ତ ପ୍ରତିମାନ ଅଭାବରେ ସମାଜ __________ ହୋଇଯିବାର ଭୟ ଥାଏ । (ଦଣ୍ଡିତ, ବିଘଟିତ, ଅସନ୍ତୁଳିତ)

## ୮.୪ ମୂଲ୍ୟବୋଧ (Values)

ମୂଲ୍ୟବୋଧ ମୋଟାମୋଟି ଭାବରେ ଏପରି ଏକ ଧାରଣା, ଯାହା କ'ଣ ବାଞ୍ଛନୀୟ, କ'ଣ ଭଲ, କ'ଣ ଉଚିତ, ଏହି ସବୁ କଥା ଦର୍ଶାଏ । ମୂଲ୍ୟବୋଧ ସାମାଜିକ ପସନ୍ଦ କୁ ପରିଭାଷିତ କରିଥାଏ । ସମାଜର ପସନ୍ଦ କୁ ଉଲ୍ଲେଖ କରେ ଓ ଭବିଷ୍ୟତ ପାଇଁ ଏକ ଯୋଜନା ପ୍ରସ୍ତୁତ କରେ । ବ୍ୟକ୍ତିର ମୂଲ୍ୟ ବୋଧ ତାର ସ୍ୱତନ୍ତ୍ର ସଂସ୍କୃତି ଦ୍ୱାରା ଦୃଢ ଭାବେ, ପ୍ରଭାବିତ ହୋଇଥାଏ । ସାମାଜିକ ମୂଲ୍ୟବୋଧରେ ପରିବର୍ତ୍ତନ, ସମାଜର ସଂରଚନା ଓ ଅନୁଷ୍ଠାନରେ ପରିବର୍ତ୍ତନ ଆଣେ । ଏହାର ବିପରୀତ ମଧ ଘଟିଥାଏ । ଯେପରିକି ସାମାଜିକ ସଂରଚନା ଓ ଅନୁଷ୍ଠାନରେ ପରିବର୍ତ୍ତନ ହେଲେ, ତାହା ମଧ ମୂଲ୍ୟବୋଧ ରେ ପରିବର୍ତ୍ତନ ଆଣିଥାଏ । ଏହି ଧାରଣା ଆହୁରି ସ୍ପଷ୍ଟ ହେବ, ଯେତେବେଳେ ଆମେ ପାରଂପାରିକ ସମାଜ ରୁ ଆଧୁନିକ ସମାଜ ମଧରେ ସାମାଜିକ ମୂଲ୍ୟବୋଧର ଉଦ୍‌ଭବ କୁ ଅଧୟନ କରିବା ।

### ୮.୪.୧ ମୂଲ୍ୟବୋଧର ଗୁରୁତ୍ୱ :-

ନିମ୍ନୋକ୍ତ କାରଣ ଗୁଡ଼ିକ ପାଇଁ ମୂଲ୍ୟବୋଧ ର ଗୁରୁତ୍ୱ ରହିଛି ।

୧. ମୂଲ୍ୟବୋଧ ସାମୁହିକ ଆନ୍ତଃ କ୍ରିୟାରେ ସ୍ଥିରତା ପ୍ରଦାନ କରିଥାଏ । ମୂଲ୍ୟବୋଧ ସମାଜକୁ ଏକାଠି କରି ରଖେ କାରଣ ଏହାର ସାମୁହିକ ମାନ୍ୟତା ରହିଛି । ଯେହେତୁ ମୂଲ୍ୟବୋଧରେ ସହଭାଗିତା ଥାଏ, ସେଥିପାଇଁ ସମାଜର ପ୍ରତ୍ୟେକ ସଦସ୍ୟ ଅନ୍ୟକୁ ନିଜ ପରି ଦେଖେ ।

୨. ଆମ ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରୁଥିବା ବିଧି ବ୍ୟବସ୍ଥା କୁ ମୂଲ୍ୟବୋଧ ବୈଧତା ପ୍ରଦାନ କରେ । ନିୟମ ର ସ୍ୱୀକୃତି ତଥା ଅନୁପାଳନ କରାଯାଏ, କାରଣ ସେଥିରେ ମୂଲ୍ୟବୋଧ ନିହିତ ଥାଏ ।

୩. ବିଭିନ୍ନ ନିୟମ ମାନଙ୍କ ମଧରେ ତାଳମେଳ ଆଣିବାରେ ମୂଲ୍ୟବୋଧ ସାହାଯ୍ୟ କରେ । ସମାନତା ର ମୂଲ୍ୟବୋଧକୁ ଭାରତରେ ପ୍ରକୃତ ଭାବେ ଲାଗୁ କରିବାକୁ ହେଲେ ଆମକୁ ଆନ୍ତଃ-ବ୍ୟକ୍ତି ଗତ ସଂପର୍କ ସବୁକୁ ପରିବର୍ତ୍ତନ କରିବାକୁ ପଡିବ - ପତି-ପତ୍ନୀ ର ସମ୍ବନ୍ଧ, ସ୍ତ୍ରୀ ପୁରୁଷ ର ସମ୍ବନ୍ଧ ଓ ଜାତି -ଜାତି ର ସମ୍ବନ୍ଧ ।

### ୮.୪.୨ ପାରଂପାରିକ ଓ ଆଧୁନିକ ମୂଲ୍ୟବୋଧ :

ପାରମ୍ପରିକ ଭାରତୀୟ ସମାଜ, ଉଚ୍ଚନୀଚ କ୍ରମ, ଧାର୍ମିକ ପବିତ୍ରତା, ବହୁବାଦିତା (Pluralism) ଆଧାରରେ ଗଠିତ ହୋଇଥିଲା । ଉଚ୍ଚନୀଚ କ୍ରମ ହେଉଛି ଉତ୍କୃଷ୍ଟ ନିକୃଷ୍ଟ ନିୟମ ଅନୁସାରେ ଏକକ ମାନଙ୍କର ସଜ୍ଜୀକରଣ, ଯାହା ସମଗ୍ର ବ୍ୟବସ୍ଥା କୁ ଗଠନ କରିଥା'ନ୍ତି । ଉଦାହରଣ ସ୍ୱରୂପ ବ୍ରାହ୍ମଣ ମାନେ ସ୍ରଷ୍ଟାଙ୍କର ମୁଖ ରୁ ସୃଷ୍ଟି ହୋଇଥିବା ର ବିଶ୍ୱାସ ସେମାନଙ୍କୁ ଶୂଦ୍ର ମାନଙ୍କ ତୁଳନା ରେ ଉଚ୍ଚତମ ସ୍ଥାନରେ ଅଧିଷ୍ଠିତ କରାଇଥାଏ । କାରଣ ଶୂଦ୍ରମାନେ ସ୍ରଷ୍ଟାଙ୍କର ପାଦରୁ ସୃଷ୍ଟି ବୋଲି ବିଶ୍ୱାସ କରାଯାଏ । କେବଳ



ଟୀପ୍ପଣୀ

ଜାତିବ୍ୟବସ୍ଥାରେ ଯେ ଉଚ୍ଚନୀଚ କ୍ରମ ଦେଖାଯାଏ ତାହା ନୁହେଁ, ଏହା ବୃତ୍ତି, ଜୀବନ ଚକ୍ର, ବୟସ, ତଥା ନୈତିକ କର୍ତ୍ତବ୍ୟ ସଂପର୍କୀୟ ହିନ୍ଦୁ ଧାରଣାରେ ମଧ୍ୟ ପ୍ରତିଭାତ ହୋଇଥାଏ । ପରଂପରା ଅନୁସାରେ ଜଣେ ଶୂଦ୍ର, ଜଣେ ପୁରୋହିତ ର ଜୀବିକା ଗ୍ରହଣ କରିପାରିବ ନାହିଁ । ଉଚ୍ଚନୀଚ କ୍ରମ ସମସ୍ତ ଦିଗରେ ଅସମାନତା କୁ ପ୍ରତିଭାତ କରିବା ସହିତ, ବ୍ୟକ୍ତି ଓ ଜାତି ମାନଙ୍କୁ ସମାଜ ରେ ନିର୍ଦ୍ଦିଷ୍ଟ ସ୍ଥାନ ପ୍ରଦାନ କରେ । ଉଦାହରଣ ସ୍ୱରୂପ କୁମ୍ଭାର ମାଟି ପାତ୍ର ତିଆରି କରି ତାର ଜୀବନ ନିର୍ବାହ କରେ, ଓ ଅନ୍ୟ କୌଣସି ଜାତି ଏହି ଜୀବିକା ଗ୍ରହଣ କରି ପାରୁ ନ ଥିବାରୁ, କୁମ୍ଭାର ର ଜୀବିକା ଅର୍ଜନ ସୁରକ୍ଷିତ ରହିଥାଏ ।

**ବହୁବାଦିତା (Pluralism)**

ଏକ ମୂଲ୍ୟବୋଧ ହିସାବରେ, ନିଜର ଜୀବନ ଶୈଳୀ କୁ ସୁରକ୍ଷିତ ରଖି ଅନ୍ୟ ଜୀବନ ଶୈଳୀ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ହେଉଛି ବହୁବାଦିତା ର ନିହିତାର୍ଥ । ଏକ ସହିଷ୍ଣୁ ଦର୍ଶନ ହିସାବରେ ହିନ୍ଦୁ ଦର୍ଶନ ଅନ୍ୟ ଧର୍ମର ଧର୍ମାନ୍ତରଣ ନ କରି ସେମାନଙ୍କୁ ଆତ୍ମୀକୃତ କରିଥିଲା । ହିନ୍ଦୁ ମାନେ ଅନ୍ୟ ଧର୍ମର ସହାବସ୍ଥାନ ଉପରେ ବିଶ୍ୱାସ ରଖନ୍ତି, କାରଣ ସବୁ ଧର୍ମର ମୂଳ ଲକ୍ଷ୍ୟ ହେଉଛି ଭଗବତ୍ ପ୍ରାପ୍ତି । ଏହି କାରଣରୁ ଭାରତରେ ବହୁ ଧର୍ମ ତଥା ବିଶ୍ୱାସର ବିକାଶ ଘଟିଥିଲା । ସିଦ୍ଧାନ୍ତ ତଥା ରୀତିନୀତି ରେ ପାର୍ଥକ୍ୟ ଥିଲେ ସୁଦ୍ଧା ବିଭିନ୍ନ ଧର୍ମର ଅନୁଗାମୀ ମାନେ ମିଳିମିଶି ରହୁଥିଲେ । ଏହି ମୂଲ୍ୟବୋଧର ବ୍ୟବସ୍ଥା ଜାତି, ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ପ୍ରତ୍ୟେକ ଜାତିର ନିଜର ଜୀବିକା ପ୍ରଥା, ପରଂପରା ଓ ରୀତିନୀତି ଥିଲା । ପ୍ରତ୍ୟେକ ଜାତି ପରସ୍ପର ଉପରେ ନିର୍ଭରଶୀଳ ଥିଲେ । ବାରିକ, କୃଷକ ଉପରେ ଧାନ ଚାଉଳ ପାଇଁ ନିର୍ଭର କରୁଥିବା ବେଳେ, କୃଷକ ନିଜର କେଶ ବିନ୍ୟାସ ପାଇଁ ବାରିକ ଉପରେ ନିର୍ଭର କରିଥାଏ ।

**ଧାର୍ମିକ ପବିତ୍ରତା (Holism)**

ଏହା ବ୍ୟକ୍ତି ଓ ସମୂହ ମଧ୍ୟରେ ଏକ ସମ୍ବନ୍ଧ ସ୍ଥାପନ କରେ, ଯେଉଁଥିରେ ସମୂହ ର ବ୍ୟକ୍ତି ଉପରେ ପ୍ରଭାବ ଅଧିକ ଥାଏ । ବ୍ୟକ୍ତି ନିଜର କର୍ତ୍ତବ୍ୟ ପାଳନ କରେ, ଅଧିକାର ସାବ୍ୟସ୍ତ କରେ ଓ ସମୁଦାୟ ର ବୃହତ୍ତର ସ୍ୱାର୍ଥ କୁ ମଧ୍ୟ ସମ୍ମାନ କରେ । ପାରଂପାରିକ ଭାରତୀୟ ସମାଜ, ବହୁ ସଂଖ୍ୟକ ରକ୍ତ ସଂମ୍ବନ୍ଧୀ ଙ୍କୁ ନେଇ ଗଠିତ ହୋଇଥାଏ ଯେଉଁଥିରେ ଅନ୍ୟ ମାନଙ୍କ ଉପରେ ନିର୍ଭରଶୀଳ ବୃଦ୍ଧ, ଅକର୍ମଣ୍ୟ, ବିଧବା, ଅବିବାହିତ ମାନେ ସାମିଲ ଥା'ନ୍ତି । ସମସ୍ତେ ନିଜ ସାମର୍ଥ୍ୟ ଅନୁସାରେ ପରିବାର କୁ ଅବଦାନ ଦେବା ସତ୍ତ୍ୱେ, ନିଜର ଆବଶ୍ୟକତା ଅନୁଯାୟୀ ପରିବାର ଠାରୁ ପ୍ରାପ୍ୟ ଗ୍ରହଣ କରିଥା'ନ୍ତି । ଏଥିରୁ ନିଜର ଆବଶ୍ୟକତା କୁ ନିୟନ୍ତ୍ରଣ କରିବାର ଶିକ୍ଷା ମିଳିଥାଏ, ଯାହା ନିଜ ପରିବାର ର ବୃହତ୍ତର ସ୍ୱାର୍ଥ କୁ ଦୃଷ୍ଟିରେ ରଖି କରାଯାଇଥାଏ ।

ଉପରୋକ୍ତ ଆଲୋଚନାରୁ ଜଣାଗଲା ଯେ ପାରଂପାରିକ ସମାଜରେ ମୂଲ୍ୟବୋଧର ଗୁରୁତ୍ୱ ଥିଲା । ବର୍ତ୍ତମାନ ଆସନ୍ତୁ ଆଧୁନିକ ସମାଜର ମୂଲ୍ୟବୋଧ ସଂପର୍କ ରେ ଆଲୋଚନା କରିବା । ଆଧୁନିକ ଭାରତୀୟ ରାଷ୍ଟ୍ର ଯେଉଁ ମୂଲ୍ୟବୋଧ କୁ ଗ୍ରହଣ କରିଛି, ସେ ସମସ୍ତ ଭାରତୀୟ ସମ୍ବିଧାନରେ ନିହିତ ଅଛି । ଏହି ମୂଲ୍ୟବୋଧ ସବୁ ହେଲା - ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସମାଜବାଦ । ପ୍ରକାରାନ୍ତରେ ଦେଖିବାକୁ ଗଲେ ଏହି ସବୁ ମୂଲ୍ୟବୋଧ ପରିପ୍ରେକ୍ଷୀରେ ଏଥିରେ କିଛି ପରିବର୍ତ୍ତନ କରାଯାଇ ଗ୍ରହଣ କରାଯାଇଛି ।



ଟୀପ୍‌ପଣୀ

ଗଣତନ୍ତ୍ର ସମାନତାର ସୁଯୋଗ ଉପରେ ଗୁରୁତ୍ୱ ଦିଏ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱତନ୍ତ୍ର ଓ ସ୍ୱୟଂଶାସିତ ବ୍ୟକ୍ତି ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥା'ନ୍ତି । ଉଦାହରଣ ସ୍ୱରୂପ ଆମ ଦେଶର ନାଗରିକ ମାନେ ସ୍ଥାନୀୟ, ରାଜ୍ୟସ୍ତରୀୟ ଓ ଜାତୀୟ ସରକାର ଗଠନ ପାଇଁ ଭୋଟ ଦେଇ ପ୍ରତିନିଧି ବାଛନ୍ତି ।

ଧର୍ମନିରପେକ୍ଷତା ହେଉଛି ଅନ୍ୟ ଧର୍ମାବଲମ୍ବୀ ମାନଙ୍କ ପ୍ରତି ସହିଷ୍ଣୁ ଭାବ ପ୍ରଦର୍ଶନ କରିବା । ଭାରତ ଏକ ବହୁଧର୍ମାବଲମ୍ବୀ ଙ୍କର ଦେଶ । ଏଥିପାଇଁ ଅନ୍ୟ ଧର୍ମାବଲମ୍ବୀ ମାନଙ୍କର ସ୍ୱାତନ୍ତ୍ର୍ୟ କୁ ସ୍ୱୀକୃତି ପ୍ରଦାନ ଏକ ଆବଶ୍ୟକତା ଅଟେ । ଧର୍ମନିରପେକ୍ଷତାର ମୂଲ୍ୟବୋଧ ଏହି ସବୁକୁ ଅତି ସହଜ କରିଥାଏ । ଧର୍ମନିରପେକ୍ଷତା ଯେକେବଳ ଅନ୍ୟ ଧାର୍ମିକ ଭାବନାରେ ହସ୍ତକ୍ଷେପ କରେ ନାହିଁ, ଏହା ମଧ୍ୟ ଅନ୍ୟ ଧର୍ମର ସ୍ୱାତନ୍ତ୍ର୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରିଥାଏ । ସମାଜବାଦ ହେଉଛି, ସମୁଦାୟର ଭୌତିକ ସଂବଳ ର ଉତ୍ପାଦନ, ବିତରଣ ଓ ବିନିମୟ କୁ ସମାଜ ମଂଗଳ ରେ ବିନିଯୋଗ କରିବା । ଏହା ଧନର କେନ୍ଦ୍ରୀଭୂତ ହେବାକୁ ତଥା ସ୍ୱାମୀତ୍ୱ କୁ ବିରୋଧ କରିଥାଏ ।

## ୮.୪.୩ ମୂଲ୍ୟବୋଧର ବୈଶିଷ୍ଟ୍ୟ :

- ମୂଲ୍ୟବୋଧ ଆସ୍ଥା ଓ ବିଶ୍ୱାସର ବିଷୟ ଅଟେ ।
- ବୌଦ୍ଧିକ ଉପାଦାନରେ ଗଠିତ ହୋଇଥିବାରୁ ମୂଲ୍ୟବୋଧ ଅମୂର୍ତ୍ତ ଅଟେ ।
- ମୂଲ୍ୟବୋଧ ସ୍ୱାଭାବିକ ଭାବେ ପ୍ରତିମାନ ର ଲକ୍ଷଣ ବହନ କରିଥାଏ ।
- ଲୋକମାନଙ୍କର ଭାଗୀଦାରୀ ଥିବା ସାଧାରଣ ଧାରଣା କୁ ମୂଲ୍ୟବୋଧ କୁହାଯାଏ ।
- ମୂଲ୍ୟବୋଧ ଆବେଗ ଓ ଭାବନା ସହ ଜଡ଼ିତ ।
- ବସ୍ତୁମାନଙ୍କର ଚୟନ ର ଆଧାର ।
- ଆପେକ୍ଷିକ ଭାବେ ସ୍ଥାୟୀ ।
- ସମାଜରେ ସଂହତି ସୃଷ୍ଟି କରେ ।
- ଜନ ମଂଗଳ ପାଇଁ ଉଦ୍ଦିଷ୍ଟ ।
- ମୂଲ୍ୟବୋଧରେ ଉଚ୍ଚନୀଚ କ୍ରମ ଥାଏ ।

## ୮.୪.୪ ମୂଲ୍ୟବୋଧ ସଂଘର୍ଷ

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ମୂଲ୍ୟବୋଧ ଯୁଗ ଯୁଗ ଧରି ରହି ଆସିଛନ୍ତି ଓ ସମାଜରେ ଏମାନଙ୍କର ଅତି ମହତ୍ତ୍ୱପୂର୍ଣ୍ଣ ଭୂମିକା ରହଛି । ତେବେ ସମକାଳୀନ ଭାରତୀୟ ସମାଜ ର ଏକ ମୁଖ୍ୟ କାର୍ଯ୍ୟ ହେଉଛି ପାରଂପାରିକ ଓ ଆଧୁନିକ ସାମାଜିକ ମୂଲ୍ୟବୋଧ ମଧ୍ୟରେ ଏକ ସମନ୍ୱୟ ରକ୍ଷା କରିବା । ଏହି ପର୍ଯ୍ୟାୟ ରେ ଆମେ ଦେଖିବା ଯେ ମୂଲ୍ୟଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ସାମଞ୍ଜସ୍ୟ, ଉଭୟ ରହିଛି ।



ଟୀପ୍‌ପଣୀ

ଯେପରିକି ପାରଂପାରିକ ମୂଲ୍ୟବୋଧ -ବହୁବାଦିତା (Pluralism) ଓ ଆଧୁନିକ ମୂଲ୍ୟବୋଧ - ଧର୍ମନିରପେକ୍ଷତା ମଧ୍ୟରେ କୌଣସି ମୌଳିକ ପାର୍ଥକ୍ୟ ନାହିଁ । କାରଣ ଉଭୟ "ସହିଷ୍ଣୁତା" କୁ ନିଜର ଆଧାର ମାନନ୍ତି । ତେବେ ଉଭୟଙ୍କ ମଧ୍ୟରେ ଏକ ପାର୍ଥକ୍ୟ ରହିଛି । ପୂର୍ବ ସମୟରେ ବହୁବାଦିତା ପ୍ରତ୍ୟେକ ସମୂହର ନିର୍ଦ୍ଦିଷ୍ଟ ପରଂପରା ସହିତ ଜଡ଼ିତ ଥିଲା ଓ ଏହା ସେହି ସମୂହ ପାଇଁ ସୁବିଧା ସୁଯୋଗ କୁ ସୃଷ୍ଟି କରିଥିଲା । କିନ୍ତୁ ଧର୍ମନିରପେକ୍ଷତା ଅଧିକ ସୁବିଧା ସଂପନ୍ନ ମାନଙ୍କ ଠାରୁ ଏହା ଆଶା କରିଥାଏ, ଯେ ଯେପରି କମ୍ ସୁବିଧା ସଂପନ୍ନ ମାନଙ୍କୁ ସେମାନଙ୍କ କାରଣ ରୁ କିଛି  ଅସୁବିଧା ନହୁଏ ।

**ଉଚ୍ଚନୀଚ କ୍ରମ :**

ଏହା ପାରମ୍ପାରିକ ସମାଜର ଏକ ମହତ୍ତ୍ୱପୂର୍ଣ୍ଣ ମୂଲ୍ୟବୋଧ ଅଟେ । ତେବେ ଏହାର ମୁଖ୍ୟ ବିନ୍ଦୁ ହେଲା ଯେ ସମ୍ବଳ ଓ ପୁରସ୍କାର ର ବଣ୍ଟନ ଜନ୍ମ ଆଧାରରେ ହୋଇଥାଏ । ଉଦାହରଣ ସ୍ୱରୂପ ବ୍ରାହ୍ମଣ ଜାତି ଅନ୍ୟ ଜାତି ମାନଙ୍କ ଠାରୁ ସମାଜରେ ଉଚ୍ଚ ପ୍ରସ୍ଥିତି ଲାଭ କରିଥିଲେ । ତେବେ ଆଧୁନିକ ସମାଜରେ ପ୍ରସ୍ଥିତି ର ପରିଭାଷା, ବ୍ୟକ୍ତିର ଦକ୍ଷତା ଓ ସମାଜ ପ୍ରତି ଅବଦାନ ଆଧାର ରେ ପ୍ରସ୍ତୁତ ହୁଏ ।

ଧାର୍ମିକ ପବିତ୍ରତାର ପାରଂପାରିକ ସିଦ୍ଧାନ୍ତ, ବ୍ୟକ୍ତିକୁ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପରିବର୍ତ୍ତେ, ସାମୁହିକ ଲକ୍ଷ୍ୟ ହାସଲ ପାଇଁ ପ୍ରୋତ୍ସାହିତ କରିଥିଲା । କିନ୍ତୁ ଆଧୁନିକ ସମାଜ ବ୍ୟବସ୍ଥାରେ ଗଣତନ୍ତ୍ର, ବ୍ୟକ୍ତି କୁ ଏହା ଅନୁମତି ଦେଇଥାଏ ଯେ ସ୍ୱୟଂଶାସିତ ଏକକ ହିସାବରେ ନିଜର ସ୍ୱାଧୀନତା ଓ ସ୍ୱାର୍ଥ ହାସଲ କରିବା ଦରକାର । ଏହିପରି, ଧାର୍ମିକ ପବିତ୍ରତା ଓ ବ୍ୟକ୍ତିତ୍ୱବାଦର (ଗଣତନ୍ତ୍ର) ର ସିଦ୍ଧାନ୍ତ ପରସ୍ପର ଠାରୁ ଭିନ୍ନ ଅଟନ୍ତି । ଏଠାରେ ଏହା ସ୍ପଷ୍ଟ ହେଉଛି ଯେ ପାରଂପାରିକ ଓ ଆଧୁନିକ ମୂଲ୍ୟବୋଧର ସାମ୍ୟ ବା ସାମଞ୍ଜସ୍ୟ କେବଳ ବହୁ ବାଦିତା (Pluralism) ଓ ଧର୍ମନିରପେକ୍ଷତା (Secularism) କ୍ଷେତ୍ରରେ ପ୍ରଯୁଜ୍ୟ ।

## ୮.୪.୪.୧ ମୂଲ୍ୟବୋଧର ପ୍ରକାର :

ମୂଲ୍ୟବୋଧରେ ଉଚ୍ଚନୀଚ କ୍ରମ ଥିବାରୁ, ସେମାନଙ୍କର ଶ୍ରେଣୀ ବିଭାଗ କରାଯାଇପାରିବ । ଆମେ ସାଧାରଣତଃ କହୁ ଯେ ମୂଲ୍ୟବୋଧ ସବୁ ସମାଜରେ ଦେଖାଯାଏ । ମୂଲ୍ୟବୋଧ ସ୍ୱାଭାବିକ ଭାବରେ ମାନବୀୟ ପ୍ରକୃତି ଗ୍ରହଣ କରି ଥାଏ । ସେମାନେ ବିଭିନ୍ନ ପ୍ରକାରର ହୋଇଥାନ୍ତି । ରାଧାକମଳ ମୁଖାର୍ଜୀ ଭାରତୀୟ ସମାଜର ଦୁଇ ପ୍ରକାରର ମୂଲ୍ୟବୋଧ ବିଷୟରେ ଆଲୋଚନା କରିଛନ୍ତି ।

ପ୍ରଥମେ ତାତ୍କାଳୀକ ମୂଲ୍ୟବୋଧ, ଯାହା ପାର୍ଥିବ ପ୍ରକୃତିର ଅଟନ୍ତି ଓ ଆମର ଦୈନନ୍ଦିନ ଜୀବନରେ ଦେଖାଯାନ୍ତି । ଦ୍ୱିତୀୟରେ, ଅତି ପ୍ରାକୃତିକ ବା ଅଲୌକିକ ମୂଲ୍ୟବୋଧ ଯାହା ମନୁଷ୍ୟ ଜୀବନର ଚରମଲକ୍ଷ୍ୟ - ମୋକ୍ଷ ବା ଜନ୍ମ ମୃତ୍ୟୁ ର ଚକ୍ର ରୁ ମୁକ୍ତି ସହିତ ସମ୍ବନ୍ଧିତ ଅଟନ୍ତି ।

ତେବେ ଆମେ ମୂଲ୍ୟବୋଧ ର ଅନ୍ୟ ସାଧାରଣ ପ୍ରକାର ମାନଙ୍କ ବିଷୟରେ ଆଲୋଚନା କରିବା ।

**୧. ନୈତିକ ମୂଲ୍ୟବୋଧ :-** ପ୍ରତ୍ୟେକ ସମାଜରେ ବିଭିନ୍ନ ପ୍ରକାରର ନୈତିକ ମୂଲ୍ୟବୋଧ ରହିଛି । ସେମାନେ ବିଜ୍ଞାନ ସମ୍ମତ ନୁହଁନ୍ତି । ସେମାନେ ବିଭିନ୍ନ ସାମାଜିକ ପରିସ୍ଥିତି ଓ ଧର୍ମ ସହିତ ସମ୍ବନ୍ଧିତ । ଉଦାହରଣ ସ୍ୱରୂପ, ପିତାମାତାଙ୍କୁ ସମ୍ମାନ ଦେବା, ଚୋରୀ ନ କରିବା, ମିଛ ନ କହିବା ଇତ୍ୟାଦି । ଏହି ସବୁ ମୂଲ୍ୟବୋଧର ଉଲ୍ଲଂଘନ କୁ ଗୁରୁତ୍ୱଦିଆଯାଏ ନାହିଁ ।



ଟୀପ୍‌ପଣୀ

**୨. ତର୍କ ସଂଗତ ମୂଲ୍ୟବୋଧ :-** ସ୍ୱାଭାବିକ ଭାବରେ ଏହା ବିଜ୍ଞାନ ସମ୍ମତ ଓ ଯୁକ୍ତି ସଂଗତ । କଠିନ ପରିଶ୍ରମ କରିବା ହେଉଛି ଆଧୁନିକ ସମାଜର ଏକ ମୂଲ୍ୟବୋଧ ।

**୩. ସୌନ୍ଦର୍ଯ୍ୟ ସଂବନ୍ଧୀୟ ମୂଲ୍ୟବୋଧ :-** ଏହି ସବୁ ମୂଲ୍ୟବୋଧ ସାହିତ୍ୟ, କଳା ଓ ସଂସ୍କୃତି ସହିତ ସମ୍ବନ୍ଧିତ ଅଟନ୍ତି । ସଂଗୀତ ଓ ସ୍ୱଚ୍ଛତା, ଭାରତୀୟ ସମାଜରେ ସୁନ୍ଦର ନାରୀର ଚିହ୍ନ ଅଟନ୍ତି ।

ତେବେ ଉପରୋକ୍ତ ମୂଲ୍ୟବୋଧ ମାନ ଦୁଇ ମୁଖ୍ୟ ପ୍ରକାର ର ମୂଲ୍ୟବୋଧ ଶ୍ରେଣୀ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ପାରିବେ ।

**୧. ପ୍ରଭୁତ୍ୱ ମୂଲ୍ୟବୋଧ :-** ଏହି ମୂଲ୍ୟବୋଧ ବ୍ୟକ୍ତି ମନରେ ପ୍ରବଳ ପ୍ରଭାବ ପକାଇ ଥାଏ ଓ ଏହି ମୂଲ୍ୟବୋଧ ର ଉଲ୍ଲଂଘନ ବ୍ୟକ୍ତି ପାଇଁ ସମ୍ଭବ ହୋଇନଥାଏ ।

**୨. ପରିବର୍ତ୍ତନଶୀଳ ମୂଲ୍ୟବୋଧ :-** ଏହି ମୂଲ୍ୟବୋଧ ବ୍ୟକ୍ତି କୁ ନିଜ ଇଚ୍ଛା ଓ ବିକଳ୍ପ ର ଚୟନ ହିସାବ ରେ ଆଚରଣ କରିବାକୁ ଅନୁମତି ଦେଇଥାଏ ।

## ୮.୫ ପ୍ରତିମାନ ଓ ମୂଲ୍ୟବୋଧ ମଧ୍ୟରେ ସମ୍ବନ୍ଧ :

ମୂଲ୍ୟବୋଧକୁ ଉତ୍ତମ ଜୀବନର ମାପକାଠି ଅବା ବାଞ୍ଛନୀୟତାର ମାଧ୍ୟମ ରୂପେ ପରିଭାଷିତ କରାଯାଇପରେ । ସେମାନେ ଆଚରଣ ର ସାଧାରଣ ମାର୍ଗଦର୍ଶନ କରିଥଇଥା'ନ୍ତି । ଏହି ଅର୍ଥରେ ସେମାନଙ୍କୁ ପ୍ରାୟତଃ ଉଚ୍ଚସ୍ତର ର ପ୍ରତିମାନର ଆଖ୍ୟା ଦିଆଯାଏ । କିନ୍ତୁ ପ୍ରତିମାନ କୁ ଅଧିକ ନିର୍ଦ୍ଦିଷ୍ଟ ଅର୍ଥରେ ଜାଣିହୁଏ, ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଉପଯୁକ୍ତ ଓ ଗ୍ରହଣୀୟ ବ୍ୟବହାରକୁ ସେମାନେ ପରିଭାଷିତ କରିଥା'ନ୍ତି । ପ୍ରତିମାନ ପାଳନ ରେ ହିଁ ମୂଲ୍ୟବୋଧ କୁ ହୃଦୟଙ୍ଗମ କରାଯାଏ । ପ୍ରତିମାନ ଓ ମୂଲ୍ୟବୋଧ ଏହି ଉଭୟଙ୍କ ମଧ୍ୟରେ ଥିବା ପ୍ରଭେଦ ନିମ୍ନୋକ୍ତ ଉଦାହରଣ ଦ୍ୱାରା ସ୍ପଷ୍ଟ ହେବ। କୌଣସି ସମାଜ ଗୋପନୀୟତା (Privacy) ର ମୂଲ୍ୟ କୁ ପରିଭାଷିତ କରିପାରେ । ଏହି ମୂଲ୍ୟବୋଧ ଆମର ବ୍ୟବହାର ପାଇଁ ଏକ ସାଧାରଣ ମାର୍ଗ ଦର୍ଶନ କରାନ୍ତି । ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଗୋପନୀୟତା ର ପ୍ରତିମାନ ମାନେ କ୍ରିୟାନ୍ୱିତ ହୁଅନ୍ତି । ଉଦାହରଣ ସ୍ୱରୂପ, ଗୋପନୀୟତାର ପ୍ରତିମାନ ଲୋକଙ୍କୁ ଅନୁମତି ବିନା ଚିଠି ନ ଖୋଲିବା ର ଶିକ୍ଷା ଦେଇଥାଏ । ଜଣେ ବ୍ୟକ୍ତିର ଘରୋଇ ଜୀବନ ବା ବ୍ୟକ୍ତିଗତ ଜୀବନ, ତା'ର ନିଜର ଚିନ୍ତା କରିବା ବିଷୟ ହେବା ଉଚିତ, ଅନ୍ୟମାନେ ସେଥିରେ ମୁଣ୍ଡ ପୁରାଇବା ଅନୁଚିତ । ଏହିପରି ପ୍ରତିମାନ ର ଶୃଙ୍ଖଳା ଦର୍ଶାଉଛି ଯେ ଗୋପନୀୟତା ର ମୂଲ୍ୟବୋଧ ଅନୁସାରେ ଲୋକଙ୍କ ର ଆଚରଣ ଖାପ ଖାଇବା ଉଚିତ ।

## ପାଠ୍ୟଗତ ପ୍ରଶ୍ନାବଳୀ ୮.୩

ନିମ୍ନୋକ୍ତ ଶୂନ୍ୟସ୍ଥାନ ରେ ଉପଯୁକ୍ତ ଶବ୍ଦ ବାଛି ପୂରଣ କରନ୍ତୁ ।

୧. ସାମାଜିକ ସଂରଚନା ରେ ହେଉଥିବା ପରିବର୍ତ୍ତନ, __________ ରେ ଘଟୁଥିବା ପରିବର୍ତ୍ତନ ସହ ହୋଇଥାଏ । (ଅନୁଷ୍ଠାନ, ମୂଲ୍ୟବୋଧ, କ୍ରିୟା ବା କାର୍ଯ୍ୟ)

୨. ଭାରତୀୟ ସମାଜବାଦ ହେଉଛି ସମ୍ବଳ ଓ ଭୂମିକା ର ବଣ୍ଟନର ସିଦ୍ଧାନ୍ତ, ଯାହାର ଆଧାର ହେଉଛି __________ । (ଜନ୍ମ, ମେଧା, ଶ୍ରେଣୀ)



ଟୀପ୍‌ପଣୀ

୩. __________ ସମାନତାର ସୁଯୋଗ ଉପରେ ଗୁରୁତ୍ୱ ଦେଇଥାଏ । (ସମାଜବାଦ, ଧାର୍ମିକ, ପବିତ୍ରତା, ଗଣତନ୍ତ୍ର)

୪. ଧାର୍ମିକ ପବିତ୍ରତା କ୍ଷେତ୍ରରେ ବ୍ୟକ୍ତି __________ ଲକ୍ଷ୍ୟ ସାଧନ ରେ ବ୍ରତୀ ହେବା ଉଚିତ । (ବ୍ୟକ୍ତିଗତ, ସାମୁହିକ)

୫. ସମାଜବାଦ, ବିତରଣ ର __________ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ । (ମେଧାଭିତ୍ତିକ, ପ୍ରସ୍ଥିତି ଭିତ୍ତିକ, ଆବଶ୍ୟକତା ଭିତ୍ତିକ)

## କ'ଣ ଶିଖିଲେ :

- ଆପଣ ପ୍ରତିମାନ, ବିଶେଷ କରି ସାମାଜିକ ପ୍ରତିମାନ ତଥା ସମାଜରେ ସେମାନଙ୍କର ଗୁରୁତ୍ୱ ବିଷୟରେ ପଢିଲେ ।
- ବର୍ତ୍ତମାନ ଆପଣମାନଙ୍କ ପାଖରେ ଏହା ସ୍ପଷ୍ଟ ଯେ ପ୍ରତିମାନ ହେଉଛନ୍ତି ଏକ ପ୍ରକାରର ମାର୍ଗଦର୍ଶନ ଯାହା ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆମ ଆଚରଣ କୁ ପ୍ରଭାବିତ କରିଥା'ନ୍ତି ।
- ଆପଣ ମଧ୍ୟ ମୂଲ୍ୟବୋଧ ଓ ପ୍ରତ୍ୟେକ ସମାଜରେ ସେମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ବିଷୟରେ ପଢିଲେ ।
- ଏହା ବର୍ତ୍ତମାନ ସ୍ପଷ୍ଟ ଯେ ମୂଲ୍ୟବୋଧ, କ'ଣ ଭଲ, କ'ଣ ବାଞ୍ଛନୀୟ, ଇତ୍ୟାଦି ଧାରଣା ସହିତ ସମ୍ବନ୍ଧିତ, ଯାହା ସମାଜର ଅସ୍ତିତ୍ୱ ରକ୍ଷା ପାଇଁ ଅପରିହାର୍ଯ୍ୟ ।
- କେଉଁ ଆବହମାନ କାଳ ରୁ ମୂଲ୍ୟବୋଧର ଉଦ୍ଭବ ହୋଇଛି ।
- ମୂଲ୍ୟବୋଧ ପ୍ରତିମାନ ରେ ପ୍ରତିବିମ୍ବିତ ହେବାର ଦେଖାଯାଏ ।
- ପ୍ରତିମାନ ହେଉଛି ଅଲିଖିତ ଆଇନ ।
- ଏଣୁ ବର୍ତ୍ତମାନ ଆମେ କହିପାରିବା ଯେ ଭାଗୀଦାରୀ ଥିବା ପ୍ରତିମାନ ଓ ମୂଲ୍ୟବୋଧ ବିନା ଏକ ବ୍ୟବସ୍ଥିତ ଓ ସ୍ଥିର ସମାଜ ସମ୍ଭବ ନୁହେଁ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ :

ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ - ୨୫୦ ଶବ୍ଦ ମଧ୍ୟରେ ଦିଅନ୍ତୁ ।

୧. ଏହି ସବୁ ଶବ୍ଦମାନଙ୍କ ର ସଂଜ୍ଞା ବା ପରିଭାଷା ଲେଖନ୍ତୁ । ନିଜ ଭାଷାରେ ସେମାନଙ୍କର ବ୍ୟାଖ୍ୟା କରନ୍ତୁ । (କ) ପ୍ରତିମାନ, (ଖ) ମୂଲ୍ୟବୋଧ

୨. ପ୍ରତିମାନ ଓ ମୂଲ୍ୟବୋଧ ମଧ୍ୟରେ ଥିବା ସଂପର୍କ ଦର୍ଶାଅ ।

୩. ପ୍ରତିମାନ କେତେ ପ୍ରକାରର ? ନିଜ ଭାଷାରେ ବର୍ଣ୍ଣନା କର ।

୪. ସମାଜରେ ମୂଲ୍ୟବୋଧର ଗୁରୁତ୍ୱ କ'ଣ ରହିଛି ? ଉଦାହରଣ ସହ ବ୍ୟାଖ୍ୟା କର ।

୫. ପ୍ରତିମାନ ହୀନତା କହିଲେ କ'ଣ ବୁଝ ? ଉଦାହରଣ ସହ ବୁଝାଅ ।



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ମାନଙ୍କର ଉତ୍ତର

୮.୧

୧. ଘ, ୨. ଖ, ୩. ଖ

୮.୨

୧. ସମୁହ ଭାଗୀଦାରୀ, ୨. ଅନୁମତି (Sanction)

୩. ଲୋକାଚାର, ୪. ଆନ୍ତଃ - ଦୃଢତା ବା ସଂହତି

୫. ସୁପରିଚାଳନା ୬. ପ୍ରଭାବହୀନ

୭. ପ୍ରତିମାନ ହୀନତା ୮. ବିଘଟିତ

୮.୩

୧. ମୂଲ୍ୟବୋଧ, ୨. ମେଧା

୩. ଗଣତନ୍ତ୍ର, ୪. ସାମୁହିକ

୫. ମେଧାଭିତ୍ତିକ



ଟୀପ୍‌ପଣୀ

# ୯

# ଭୂମିକା ଓ ପ୍ରସ୍ଥିତି (Status & Role)

**ସ**ମାଜର ଦେଖାଯାଉଥିବା ମୌଳିକ ବ୍ୟବସ୍ଥାର ପରୀକ୍ଷଣ ଓ ବିଶ୍ଳେଷଣ ହେଉଛି ସମାଜ ବିଜ୍ଞାନର କାର୍ଯ୍ୟ । ଏହି କାର୍ଯ୍ୟ ର ଏକ ଅଂଶ/ ଭାଗ ଆମେ ସଂପୂର୍ଣ୍ଣ କରିଛେ । ପ୍ରତିମାନ ଓ ମୂଲ୍ୟବୋଧ ର ପୂର୍ବୋକ୍ତ ଅଧ୍ୟାୟରେ ପଢିଲେ ଯେ ପ୍ରତିମାନ ଓ ମୂଲ୍ୟବୋଧ ଥିବା କାରଣରୁ ସାମାଜିକ ଆନ୍ତଃ କ୍ରିୟା ନିୟମିତ ଓ ବ୍ୟବସ୍ଥିତ ଢଙ୍ଗ ରେ ହୋଇଥାଏ ଓ ତାହା ସମାଜରେ ଲୋକମାନଙ୍କର ପାରସ୍ପାରିକ ସମ୍ବନ୍ଧର ମାର୍ଗଦର୍ଶନ କରି ଉଚିତ ବାଟରେ ନିଏ । ଏହି ପ୍ରତିମାନ ଓ ମୂଲ୍ୟବୋଧ କାରଣରୁ ଆମେ ମାନବୀୟ ସଂପର୍କ ତଥା ଆନ୍ତଃ ସଂପର୍କ ବିଷୟରେ ଭବିଷ୍ୟ ବାଣୀ କରିପାରୁ । ଯାହା ପରବର୍ତ୍ତୀ ସମୟରେ ସମାଜ ପାଇଁ ଏକ ଧାରା ଓ ଢାଞ୍ଚା ପ୍ରସ୍ତୁତ କରେ । ଆମେ ବର୍ତ୍ତମାନ ପ୍ରତିମାନ ଓ ମୂଲ୍ୟବୋଧ ସହିତ ଘନିଷ୍ଠ ସଂପର୍କ ଥିବା ଅନ୍ୟ ଏକ ଘଟଣା ବିଷୟରେ ଆଲୋଚନା କରିବା, ଯାହା ମଧ୍ୟ ସମାଜକୁ ବ୍ୟବସ୍ଥିତ କରିବାରେ ସାହାଯ୍ୟ କରେ । ଏହି ବିଷୟ ହେଉଛି ସାମାଜିକ ସ୍ଥିତି ର ଘଟଣା – ପ୍ରସ୍ଥିତି ଓ ଭୂମିକା ।

## ଉଦ୍ଦେଶ୍ୟ :

**ଏହି ଅଧ୍ୟାୟ ପଢିଲା ପରେ -**

- ସାମାଜିକ ସ୍ଥିତି ର ଅର୍ଥ କୁ ବ୍ୟାଖ୍ୟା କରିପାରିବେ;
- ପ୍ରସ୍ଥିତି ର ସଂଜ୍ଞା ତଥା ଏହାର ଭିନ୍ନ ଭିନ୍ନ ପ୍ରକାର ସମ୍ବନ୍ଧରେ ଆଲୋଚନା କରିପାରିବେ ; ଏବଂ
- ସାମାଜିକ ଭୂମିକା ଓ ଏହାର ପ୍ରକାର ଭେଦ ବିଷୟରେ ଆଲୋଚନା କରିପାରିବେ ।

## ୯.୧ ସାମାଜିକ ସ୍ଥିତି (Social Position) :

ଆମେ ଜାଣୁ ଯେ ସାମାଜିକ ବ୍ୟବସ୍ଥାର ଅଂଶଗ୍ରହଣକାରୀ ମାନେ ସମାନ କାର୍ଯ୍ୟ କରିବା ଆଶା କରାଯାଏ ନାହିଁ । କୌଣସି ନିର୍ଦ୍ଦିଷ୍ଟ ପ୍ରତିମାନ, କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଉପରେ ଲାଗୁ ହେବ ନା ନାହିଁ, ବ୍ୟବସ୍ଥା ମଧ୍ୟରେ ଥିବା ତା'ର ସାମାଜିକ ସ୍ଥିତି ଉପରେ ନିର୍ଭର କରେ । ସାମାଜିକ ସଂଗଠନ ବା କୌଣସି ସାମାଜିକ ବ୍ୟବସ୍ଥାର "ସଂରଚନା" କହିଲେ ବୁଝାଯାଏ ଯେ ଏହାର ସଦସ୍ୟ ମାନେ, ସମୁହରେ ଥିବା ସେମାନଙ୍କର ସାମାଜିକ ସ୍ଥିତି ଅନୁସାରେ ପରସ୍ପରଠାରୁ ଭିନ୍ନ ଅଟନ୍ତି । ସାମାଜିକ ସ୍ଥିତିର ମର୍ମ ହେଉଛି, ଅଧିକାର ଓ ଦାୟିତ୍ୱବୋଧ ର ଏକ ଜଟିଳ ବ୍ୟବସ୍ଥା, ଯାହା ପ୍ରତିମାନ ଆଧାରରେ ସଂପାଦିତ ହୋଇଥାଏ ।



ଟୀପ୍‌ପଣୀ

ଜନସନ୍ ଙ୍କ ମତରେ ସାମାଜିକ ସ୍ଥିତିର ଦୁଇଟି ଦିଗ ରହିଛି - ପ୍ରଥମ ଟି ହେଲା ଦାୟିତ୍ୱବୋଧ ଓ ଦ୍ୱିତୀୟ ଟି ହେଲା ଅଧିକାର । ଯଦି କୌଣସି ବ୍ୟକ୍ତିର କୌଣସି ସାମାଜିକ ବ୍ୟବସ୍ଥା ମଧ୍ୟରେ କିଛି ଦାୟିତ୍ୱବୋଧ ରହିଛି ଓ ସେ କିଛି ସମ୍ବନ୍ଧିତ ଅଧିକାର ହାସଲ କରିଛି, ତାହାହେଲେ ସେହି ବ୍ୟକ୍ତିର ଏକ ସାମାଜିକ ସ୍ଥିତି ଅଛି ବୋଲି ବୁଝାଯିବ । ସାମାଜିକ ସ୍ଥିତିର ଦୁଇଟି ଭାଗ ଅଛି, ଆମେ ତାକୁ 'ଭୂମିକା' ଓ ତାହାର "ପ୍ରସ୍ଥିତି" ବୋଲି କହିବା । ଭୂମିକା କହିଲେ ଦାୟିତ୍ୱ ସଂପାଦନ କୁ ବୁଝାଏ ଓ ପ୍ରସ୍ଥିତି କହିଲେ ଅଧିକାର କୁ ବୁଝାଏ । ଏଣୁ ସାମାଜିକ ସ୍ଥିତି, "ପ୍ରସ୍ଥିତି-ଭୂମିକା" ର ସହାବସ୍ଥାନ କୁ ଇଙ୍ଗିତ କରିଥାଏ ।

ସାମାଜିକ ସ୍ଥିତି : ଏହା କୌଣସି ସମୁହ ଓ ସମାଜରେ ବ୍ୟକ୍ତି ର ସାମାଜିକ ପରିଚୟକୁ ବୁଝାଏ । ସମାଜରେ ଭିନ୍ନ ଭିନ୍ନ ପ୍ରକାର ର ସାମାଜିକ ସ୍ଥିତି (ଯେପରିକି ଲିଙ୍ଗ ଭିତ୍ତିକ ଭୂମିକା ସମ୍ବନ୍ଧିତ) ହୋଇଥାଏ, ଏବଂ ଅଧିକ ନିର୍ଦ୍ଧିଷ୍ଟ ପ୍ରକାରର (ଯେପରିକି ବୃତ୍ତିଭିତ୍ତିକ ଭୂମିକା ସମ୍ବନ୍ଧିତ) ହୋଇଥାଏ ।

## ୯.୨ ପ୍ରସ୍ଥିତି ଓ ଭୂମିକା :

ସାମାଜିକ ବିଜ୍ଞାନ ମାନଙ୍କରେ ପ୍ରସ୍ଥିତି ଓ ଭୂମିକା ର ଧାରଣା ର ଗୁରୁତ୍ୱ ବଢୁଅଛି । ଆମେ ଏଠାରେ ସେମାନଙ୍କର ସଂଜ୍ଞା ପ୍ରଦାନ କରି ସେମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପ୍ରଭେଦ ଦର୍ଶାଇବା । ପ୍ରସ୍ଥିତି ଓ ଭୂମିକା ମଧ୍ୟରେ ଥିବା ପ୍ରଭେଦ କୁ ରାଲ୍‌ଫ୍ ଲିଣ୍ଟନ ସରଳ ଭାଷାରେ ବୁଝାଇଛନ୍ତି - "ତୁମେ ଏକ ପ୍ରସ୍ଥିତି ଅକ୍ତିଆର କର କିନ୍ତୁ ତୁମେ ଏକ ଭୂମିକା ନିର୍ବାହ କର" । ସମାଜରେ ପ୍ରତ୍ୟେକ ପ୍ରସ୍ଥିତି ନିଜ ସହିତ ବାଞ୍ଛିତ ବ୍ୟବହାରର ଏକ ଧାରା (Pattern) କୁ ନେଇ ରହିଥାଏ । ପ୍ରସ୍ଥିତି ଓ ଭୂମିକା ଏକ ମୁଦ୍ରା ର ଦୁଇଟି ପାର୍ଶ୍ୱ ବୋଲି ଲିଣ୍ଟନ କହନ୍ତି ।

ସମସ୍ତ ପ୍ରସ୍ଥିତି ଓ ଭୂମିକା ସାମାଜିକ ଧାରା (Pattern) ରୁ ସଂଗ୍ରହ କରାଗଲେ ମଧ୍ୟ ସେମାନେ ବ୍ୟାବହାରିକ ଢାଞ୍ଚାର ଏକ ଅବିଚ୍ଛେଦ୍ୟ ଅଂଗ ଅଟନ୍ତି । ବ୍ୟକ୍ତି ତୁଳନା ରେ ପ୍ରସ୍ଥିତି ଓ ଭୂମିକା ର ସ୍ୱତନ୍ତ୍ର ସତ୍ତା ତଥା ପ୍ରକାର୍ଯ୍ୟ ଥାଏ । ସାମାଜିକ ସଂରଚନା ର ବିଶ୍ଳେଷଣ ପାଇଁ ପ୍ରସ୍ଥିତି ଓ ଭୂମିକା ପ୍ରାଥମିକ ଉପକରଣ ଅଟନ୍ତି । ପ୍ରସ୍ଥିତି କହିଲେ କୌଣସି ସମାଜ ବା ସମୁହ ରେ ଥିବା ସ୍ଥିତି କୁ ବୁଝାଏ । ପ୍ରତେକ୍ୟ ସମାଜ ଓ ସମୁହରେ ଏହି ପରି ଅନେକ ସ୍ଥିତି ଥାଏ ଓ ପ୍ରତ୍ୟେକ ବ୍ୟକ୍ତି, ସମୁହ ର ସଦସ୍ୟ ଆଧାରରେ ଅନେକ ସ୍ଥିତି ଅକ୍ତିଆର କରିଥାଏ ।

ତେଣୁ ସମାଜରେ ପ୍ରତ୍ୟେକ ବ୍ୟକ୍ତି ଧାରଣ କରି ଥିବା ଅନେକ ସ୍ଥିତି କୁ ପ୍ରସ୍ଥିତି କୁହାଯାଏ । ଜଣେ ନାରୀ ଏକାଧାରରେ ଜଣେ ସଙ୍ଗୀତଜ୍ଞ, ସ୍ତ୍ରୀ ଓ ମା' ହୋଇପାରେ । ଅଧିକାର ଓ ଦାୟିତ୍ୱ କୁ ପ୍ରତିଭାତ କରୁଥିବା ଏହି ପ୍ରତ୍ୟେକ ସାମାଜିକ ସ୍ଥିତି କୁ ପ୍ରସ୍ଥିତି କୁହାଯାଏ । ବ୍ୟକ୍ତି ସମାଜରେ ଅନେକ ପ୍ରସ୍ଥିତି ପ୍ରାପ୍ତ କଲେ ସୁଦ୍ଧା, ଆମେ ସେମାନଙ୍କ ମଧ୍ୟରୁ ଗୋଟିଏକୁ ପ୍ରମୁଖ ପ୍ରସ୍ଥିତି (Master status) କହିପାରିବା ଯାହା ସାମାଜିକ ପରିଭାଷା ପ୍ରଦାନ କରିଥାଏ ।

ଆଧୁନିକ ନୃତତ୍ତ୍ୱ ଓ ସମାଜ ବିଜ୍ଞାନର ବିକାଶ ସହିତ ପ୍ରସ୍ଥିତିର ଧାରଣା ମଧ୍ୟ ସଂପ୍ରସାରିତ ହୋଇଛି । ବର୍ତ୍ତମାନ, ସାମାଜିକ ସ୍ଥିତି ଅନ୍ତର୍ଗତ ସମସ୍ତ ସାଂସ୍କୃତିକ ଅଧିକାର ଓ କର୍ତ୍ତବ୍ୟ, ପ୍ରସ୍ଥିତି ର ଏହି ସଂପ୍ରସାରଣ ଧାରଣା ମଧ୍ୟରେ ସମ୍ମିଳିତ ହୋଇଛନ୍ତି ।

## ୯.୩ ସାମାଜିକ ପ୍ରସ୍ଥିତି (Social status)

"ପ୍ରସ୍ଥିତି" ଶବ୍ଦ "ସଂସ୍କୃତି" ଶବ୍ଦ ପରି ଦ୍ୱୈତ ମହତ୍ତ୍ୱ ସହିତ ପ୍ରୟୋଗ କରାଯାଇଛି । ଏକ ପ୍ରସ୍ଥିତି ହେଉଛି ଏକ ନିର୍ଦ୍ଧିଷ୍ଟ ଧାରା ରେ ଥିବା ଏକ ସ୍ଥିତି । ଜଣେ ବ୍ୟକ୍ତି ଯେହେତୁ ଭିନ୍ନ ଭିନ୍ନ ଧାରା ର ସ୍ଥିତିରେ କାର୍ଯ୍ୟ



ଟୀପ୍ପଣୀ

କରେ, ତେଣୁ ଜଣେ ବ୍ୟକ୍ତିର ଅନେକ ପ୍ରସ୍ଥିତି ରହିଛି ବୋଲି କୁହାଯାଇ ପାରେ । ତେବେ ଯେ ପର୍ଯ୍ୟନ୍ତ ଏହି ଶବ୍ଦର ସଠିକ ସଂଜ୍ଞା ନିରୂପିତ ନ ହୋଇଛି, ଜଣେ ବ୍ୟକ୍ତି ଅକ୍ତିଆର କରିଥିବା ସମସ୍ତ ଭିନ୍ନ ଭିନ୍ନ ସାମର୍ଥ୍ୟ ର ପ୍ରସ୍ଥିତି କୁ ତାର ପ୍ରସ୍ଥିତି କୁହାଯାଏ । ଏହା ବ୍ୟକ୍ତିର ପ୍ରସ୍ଥିତି କୁ ସାମାଜିକ ଦୃଶ୍ୟପଟ୍ଟ ରେ ପ୍ରସ୍ତୁତ କରେ । ଏକ ପ୍ରସ୍ଥିତି, ସାଧାରଣତଃ, ଅଧିକାର ଓ କର୍ତ୍ତବ୍ୟ ମାନଙ୍କ ର ଏକ ସଂଗ୍ରହ ଅଟେ, ଯାହାକୁ ବ୍ୟକ୍ତି ଅକ୍ତିଆରେ କରିଥାଏ । ବ୍ୟକ୍ତି ମାଧମରେ ଏହି ଅଧିକାର ଓ କର୍ତ୍ତବ୍ୟ ମାନେ ଅଭିବ୍ୟକ୍ତ ହେଉଥିବାରୁ ବ୍ୟକ୍ତି ଓ ତା'ର ପ୍ରସ୍ଥିତି ମଧ୍ୟରେ ପାର୍ଥକ୍ୟ କରିବା ଅତି କଷ୍ଟକର ବ୍ୟାପାର । ପୁନଶ୍ଚ ବ୍ୟକ୍ତି ପ୍ରସ୍ଥିତି କୁ ଧାରଣ କରିଥାଏ ଓ ସେ ସାବ୍ୟସ୍ତ କରୁଥିବା ଅଧିକାର ତଥା ନିର୍ବାହ କରୁଥିବା ଦାୟିତ୍ୱ ସେହି ପ୍ରସ୍ଥିତି କୁ ଗଠନ କରିଥା'ନ୍ତି ।

ମୋଟା ମୋଟି ଭାବରେ ସମାଜବିଜ୍ଞାନ ରେ ପ୍ରସ୍ଥିତି ର ଦୁଇଟି ଅର୍ଥ ରହିଛି ।

**୧. ସମ୍ବନ୍ଧ ସୃଷ୍ଟିକାରୀ ଶବ୍ଦ :-** "ପ୍ରସ୍ଥିତି" କୁ ଅଧିକାଂଶ ସମାଜବିଜ୍ଞାନୀ, ସାମାଜିକ ବ୍ୟବସ୍ଥା ମଧ୍ୟରେ ବ୍ୟକ୍ତି ଧାରଣ କରିଥିବା ସ୍ଥିତି ଭାବରେ ପରିଭାଷିତ କରିଥା'ନ୍ତି । ବୈବାହିକ ସ୍ଥିତି ରେ "ସ୍ତ୍ରୀ" ଓ "ସ୍ୱାମୀ" ଭଳି ପ୍ରସ୍ଥିତି, ତଥା ଆଇନ ବ୍ୟବସ୍ଥାରେ "ଓକିଲ" "କନିଷ୍ଠ" ଓ "ନ୍ୟାୟମୂର୍ତ୍ତି" ଭଳି ପ୍ରସ୍ଥିତି ରହିଛି । ଆମକୁ ମନେ ରଖିବାକୁ ହେବ, ଯେ ପ୍ରସ୍ଥିତି ଏକ ସମ୍ବନ୍ଧ ସୃଷ୍ଟିକାରୀ ଶବ୍ଦ, ଯାହା କେବଳ ଅନ୍ୟ ପ୍ରସ୍ଥିତି ମାନଙ୍କ ତୁଳନାରେ ବୁଝିହୁଏ । ଉଦାହରଣ ସ୍ୱରୂପ "ସ୍ୱାମୀ" ପ୍ରସ୍ଥିତି ହେଉଛି ଏକ ବର୍ଗ, ଯାହା "ସ୍ତ୍ରୀ" ଦ୍ୱାରା ହିଁ ବୁଝିହୁଏ । ସେହିପରି "ନ୍ୟାୟମୂର୍ତ୍ତି" ପ୍ରସ୍ଥିତି କୁ ନ୍ୟାୟ ବ୍ୟବସ୍ଥାରେ ଥିବା ଅନ୍ୟ ପ୍ରସ୍ଥିତି ମାନଙ୍କ ଅଭାବରେ ବୁଝିହୁଏ ନାହିଁ ।

ଏକ ସମୟ ଥିଲା ଯେତେବେଳେ ପ୍ରସ୍ଥିତି କୁ କେବଳ ଉତ୍ତରାଧିକାର ସୂତ୍ରରେ ଅର୍ଜିତ ପ୍ରସ୍ଥିତି, ବୋଲି ବୁଝାଯାଉଥିଲା, ଓ ସମାଜ ବ୍ୟବସ୍ଥାରେ ଏହା ପୂର୍ବସ୍ଥିରିକୃତ ଥିଲା, ଏହି ପ୍ରସ୍ଥିତି ବିଷୟରେ ବ୍ରିଟିଶ୍ ସମାଜବିଜ୍ଞାନୀ ସାର୍ ହେନେରୀ ମାଇନେ ଓ ଆମେରିକିୟ ସମାଜବିଜ୍ଞାନୀ ରବର୍ଟ ପାର୍କ ଓ ଏରନେଷ୍ଟ ବର୍ଗେସ ସେମାନଙ୍କର ଅଧ୍ୟୟନ ମାନଙ୍କରେ ବିଶଦ ଭାବରେ ଆଲୋଚନା କରିଛନ୍ତି ।

**ସହଭାଗିତା ପ୍ରସ୍ଥିତି :** ଯେହେତୁ ପ୍ରସ୍ଥିତି ସାମାଜିକ ବ୍ୟବସ୍ଥାରେ ସ୍ଥାନ ନେଇଥାନ୍ତି । ସେମାନେ ବ୍ୟକ୍ତି ଠାରୁ (ପ୍ରସ୍ଥିତି ଧାରକ) ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରନ୍ତି । ଏପରିକି କୌଣସି ପ୍ରସ୍ଥିତି ଧାରଣକାରୀ ନଥାଇ ମଧ୍ୟ ପ୍ରସ୍ଥିତି ରହିପାରିବ । ଯେପରିକି ପ୍ରଧାନମନ୍ତ୍ରୀ ପଦବୀ ରେ କୌଣସି ବ୍ୟକ୍ତି ଅଧିଷ୍ଠିତ ନ ଥିଲେ ମଧ୍ୟ, ପ୍ରଧାନ ମନ୍ତ୍ରୀ ରୂପକ ପ୍ରସ୍ଥିତି ର ଅସ୍ତିତ୍ୱ ଥାଏ । ଏହା ସେତେବେଳେ ବୁଝିହୁଏ, ଯେତେବେଳେ ଜଣେ ପ୍ରଧାନମନ୍ତ୍ରୀ ମୃତ୍ୟୁ ବରଣ କରିଥା'ନ୍ତି ଓ ନୂଆ ପ୍ରଧାନମନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିନଥା'ନ୍ତି । ଲୋକମାନେ ସାମାଜିକ ବ୍ୟବସ୍ଥା ରେ ଥିବା ନିଜର ସ୍ଥିତି ଦ୍ୱାରା ହିଁ ପ୍ରସ୍ଥିତି ହାସଲ କରିଥା'ନ୍ତି । ଏଥିରେ ଏକ ସରଳ ସିଦ୍ଧାନ୍ତ ନିହିତ ରହିଛି ଯାହା ହେଲା ଯେ ବ୍ୟକ୍ତିମାନେ ସାମାଜିକ ବ୍ୟବସ୍ଥାରେ ଜଣେ ଜଣେ ସାଧାରଣ ଅଂଶଗ୍ରହଣକାରୀ ହୋଇଥିବାରୁ, ସାମାଜିକ ବ୍ୟବସ୍ଥାକୁ ବ୍ୟକ୍ତି ସ୍ତର କୁ ନିଆଯାଇ ପାରିବ ନାହିଁ ।

ଯଦି ଆମେ ଧାରଣ କରିଥିବା ସମସ୍ତ ପ୍ରସ୍ଥିତି ର ସାମଗ୍ରୀକ ଆକଳନ କରିବା ତାହା ହେଲେ, ତାହାକୁ ପ୍ରସ୍ଥିତି ସମୂହ କୁହାଯିବ । ପ୍ରତ୍ୟେକ ପ୍ରସ୍ଥିତି ସମୂହରେ ଆମେ ଧାରଣ କରୁଥିବା ଅନେକ ପ୍ରସ୍ଥିତି ସାମିଲ ଥା'ନ୍ତି । ପ୍ରସ୍ଥିତି-ସମୂହ, ବ୍ୟକ୍ତି କୁ, ସାମାଜିକ ବ୍ୟବସ୍ଥାର ବହୁମୁଖୀ ଶୃଙ୍ଖଳା ରେ ଅବସ୍ଥାପିତ କରେ ।

ପ୍ରସ୍ଥିତି : ଏକ ନିର୍ଦ୍ଦିଷ୍ଟ ସମୂହ କୁ, ସମାଜର ସଦସ୍ୟ ମାନଙ୍କ ଦ୍ୱାରା ଦିଆଯାଇଥିବା ସାମାଜିକ ସମ୍ମାନ ଓ ପ୍ରତିଷ୍ଠା । ପ୍ରସ୍ଥିତି-ସମୂହରେ ସାଧାରଣତଃ ବିଶିଷ୍ଟ ଜୀବନ ଶୈଳୀ-ଆଚରଣ ଧାରା ଥାଏ, ଯାହାକୁ ସମୂହ ର ସଦସ୍ୟ ମାନେ ଅନୁକରଣ କରନ୍ତି । ପ୍ରସ୍ଥିତିଗତ ସମ୍ମାନ ନକାରାତ୍ମକ ବା ସକାରାତ୍ମକ ହୋଇପାରେ ।



ଟୀପ୍ପଣୀ

## ୯.୩.୧ ପ୍ରସ୍ଥିତିର ଲକ୍ଷଣ :

୧. ପ୍ରସ୍ଥିତି ହେଉଛି ସାମାଜିକ ଆବଶ୍ୟକତା ଓ ଅଭିରଚିର ପରିଣାମ ।

୨. ପ୍ରସ୍ଥିତି ର ଅନ୍ୟ ମାନଙ୍କ ଉପରେ କିଛି ମାତ୍ରା ରେ ନିୟନ୍ତ୍ରଣ ରହିଛି ।

୩. ପ୍ରସ୍ଥିତି ସମ୍ବନ୍ଧ ସୃଷ୍ଟିକାରୀ ଅଟେ ।

୪. ପ୍ରସ୍ଥିତି ସାମାଜିକ ସ୍ତରୀକରଣ କୁ ମଧ୍ୟ ଦର୍ଶାଏ ।

୫. ପ୍ରସ୍ଥିତି ର କେତେକ ବିଶେଷ ଅଧିକାର ରହିଛି । ଯେପରିକି କୌଣସି ସ୍ଥାନର ବ୍ୟବହାର, ସଚିବ ଙ୍କର ସେବାର ଅଧିକାର ଇତ୍ୟାଦି ।

୬. ପ୍ରସ୍ଥିତିର କିଛି ମାତ୍ରାରେ ପ୍ରତିଷ୍ଠା ରହିଛି ।

୭. ପ୍ରସ୍ଥିତି ଅନୁଯାୟୀ ପାରିଶ୍ରମିକ ପାଇବାର ଅଧିକାର ମଧ୍ୟ ରହିଛି ।

୮. ପ୍ରସ୍ଥିତି କୁ ଭୂମିକା ଠାରୁ ଅଲଗା କରାଯାଇ ପାରିବ ନାହିଁ ।

## ୯.୩.୨ ପ୍ରସ୍ଥିତିର ପ୍ରକାର ଭେଦ :

ଜୈବିକ ଭିତ୍ତିରେ ପର୍ଯ୍ୟବସିତ ହେଲେ ମଧ୍ୟ (ଯଥା ଲିଙ୍ଗ, ଜାତି ଓ ପ୍ରଜାତି) ପ୍ରସ୍ଥିତି ର ସାଂସ୍କୃତିକ ପରିଭାଷା ରହିଛି । ଦୁଇ ପ୍ରକାର ର ପ୍ରସ୍ଥିତି ରହିଛି ଯାହାକୁ ବ୍ୟକ୍ତି ଧାରଣା କରିଥାଏ । ଅର୍ଜିତ ପ୍ରସ୍ଥିତି, ଆହରଣ ଲବ୍ଧ ପ୍ରସ୍ଥିତି ।

ଅର୍ଜିତ ପ୍ରସ୍ଥିତି ବ୍ୟକ୍ତି ଜନ୍ମ ସମୟରେ ଲାଭ କରେ ଓ ଏହା ସ୍ଥାୟୀ । ଏଣୁ ଅର୍ଜିତ ପ୍ରସ୍ଥିତି ହେଉଛି ଏକ ସ୍ଥିତି ଯାହା ଜନ୍ମ ହେଉ ହେଉ ବ୍ୟକ୍ତି ପାଇଯାଏ ଓ ସେହି ସ୍ଥିତିରେ ସାରା ଜୀବନ ରହିଥାଏ, ଯେପରିକି- ଲିଙ୍ଗ, ଜାତି, ପ୍ରଜାତି ଓ ବୟସ । ଜଣେ ବ୍ରାହ୍ମଣ ସାରା ଜୀବନ ବ୍ରାହ୍ମଣ ପ୍ରସ୍ଥିତି ଧାରଣ କରେ ଓ ଜନ୍ମ ଆଧାରରେ ସେ ଏହା ଲାଭ କରେ । ଏହା ସହିତ ଲିଙ୍ଗ, ପ୍ରଜାତୀୟ ପୃଷ୍ଠ ଭୂମି, ଜନ୍ମସ୍ଥାନ ଓ ପରିବାର ର ନାମ (ସଞ୍ଜ୍ଞା) ଇତ୍ୟାଦି ପ୍ରସ୍ଥିତି ମାନ ପ୍ରଦାନ କରନ୍ତି । ଅର୍ଜିତ ପ୍ରସ୍ଥିତି ସବୁ ସାଧାରଣତଃ ଜନ୍ମ ରୁ ସ୍ଥିରିକୃତ ହୋଇଥାଏ । ତେବେ ସମୟର ପ୍ରବାହ ସହିତ ଜାତି ବ୍ୟବସ୍ଥା, ସାଂସ୍କୃତିକୀ କରଣ ଓ ଆନ୍ତଃ- ଜାତି ବିବାହ ଭଳି କାରକ ମାନଙ୍କ ଦ୍ୱାରା ବହୁ ପ୍ରଭାବିତ ହୋଇଥିଲେ ମଧ୍ୟ ମୂଳତଃ ଏକ ଅର୍ଜିତ ପ୍ରସ୍ଥିତି ର ଲକ୍ଷଣ ଧାରଣ କରିଛି । କେତେକ ସମାଜରେ ସାମାଜିକ ଶ୍ରେଣୀ ମଧ୍ୟ ଅର୍ଜିତ ପ୍ରସ୍ଥିତି ପରିସରଭୁକ୍ତ ହୋଇଥା'ନ୍ତି, ଯାହା ସମାଜ ଦ୍ୱାରା ମନମୁଖୀ ଭାବେ ତଥା ବାଧ୍ୟ କରିଦିଆଯାଇଥାଏ ।

ଏକ **ଆହରଣ ଲବ୍ଧ ପ୍ରସ୍ଥିତି** ହେଉଛି ତାହା ଯାହାକୁ ବଛାଯାଏ ବା ହାସଲ କରାଯାଏ । ଯେପରିକି ଜଣେ ବିବାହିତ ବ୍ୟକ୍ତି, ପିତାମାତା, ବନ୍ଧୁ, ଡାକ୍ତର, ଇଞ୍ଜିନିୟର ଇତ୍ୟାଦି । ଆହରଣ ଲବ୍ଧ ପ୍ରସ୍ଥିତି ନିଜର ଉଦ୍ୟମରେ ହାସଲ କରାଯାଏ । ସମାଜ ମଧ୍ୟ ଏହି ପ୍ରସ୍ଥିତି ଗତ ପରିବର୍ତ୍ତନକୁ ସ୍ୱୀକାର କରିଥାଏ ।

ଯେଉଁ ପ୍ରସ୍ଥିତି, ଉତ୍ତରାଧିକାର ସୂତ୍ରରେ ମିଳି ନ ଥାଏ, ଜୈବିକ ଲକ୍ଷଣ ଦ୍ୱାରା ହୋଇ ନ ଥାଏ ଏବଂ ଅନ୍ୟ ସମସ୍ତ କାରକ, ଯେଉଁଥିରେ ବ୍ୟକ୍ତିର ନିୟନ୍ତ୍ରଣ ଥାଏ, ଏପରି ପ୍ରସ୍ଥିତିକୁ ଆହରଣ ଲବ୍ଧ ପ୍ରସ୍ଥିତି କୁହନ୍ତି । ଉଦ୍ଦେଶ୍ୟମୂଳକ କ୍ରିୟା, ଚୟନ ଦ୍ୱାରା ହାସଲ କରା ଯାଉଥିବା ପ୍ରସ୍ଥିତିକୁ ମଧ୍ୟ ଆହରଣ ଲବ୍ଧ ପ୍ରସ୍ଥିତି କୁହାଯାଏ । ତେଣୁ, ଏକ ଆହରଣ ଲବ୍ଧ ପ୍ରସ୍ଥିତି, ବ୍ୟକ୍ତିର ଉଦ୍ୟମ ଦ୍ୱାରା କୁହାଯାଯାଇଥିବା କାର୍ଯ୍ୟ ଉପରେ ନିର୍ଭର କରିଥାଏ । ପୁସ୍ତକ ଲେଖକ ଓ ପ୍ରକାଶକ ଦ୍ୱାରା ଜଣେ ଲେଖକର, ବିବାହ ଦ୍ୱାରା ଓ ବିବାହ ପ୍ରମଣ ପତ୍ର ପାଇବା ପରେ ଜଣେ ବିବାହିତର ପ୍ରସ୍ଥିତିକୁ ଆହରଣ ଲବ୍ଧ ପ୍ରସ୍ଥିତି କୁହାଯାଏ ।



ଟୀପ୍‌ପଣୀ

କାରଣ କେହି ହେଲେ ଜଣେ ଲେଖକ ବା ବିବାହିତ ହୋଇ ଜନ୍ମ ନେଇ ନ ଥାଏ । ତେଣୁ ଜଣେ ବ୍ୟକ୍ତିର ବୈବାହିକ ପ୍ରସ୍ଥିତି ଓ ବୃତ୍ତିଗତ ପ୍ରସ୍ଥିତି ଆହରଣ କରାଯାଏ । କିଛି ପ୍ରସ୍ଥିତି ଉଭୟ ଅର୍ଜିତ ଓ ଆହରଣ ଲବ୍ଧ ହୋଇ ଥିବା ପ୍ରତୀୟମାନ ହୁଅନ୍ତି । ଏକ ପିଏଚଡି ଡିଗ୍ରୀ ହାସଲ କରିବା ନିଶ୍ଚିତ ଭାବରେ ଏକ ଉପଲବ୍ଧି । କିନ୍ତୁ ଥରେ ମିଳିଗଲା ପରେ ଏହା ବ୍ୟକ୍ତିର ବ୍ୟକ୍ତିତ୍ୱର ସ୍ଥାୟୀ ଅଂଶ ହୋଇଯାଏ ଓ ସମସ୍ତେ ଏହି ଉପାୟକୁ ନେଇ ସେହି ବ୍ୟକ୍ତିକୁ ଚିହ୍ନନ୍ତି ଓ ସଂଦର୍ଭରେ ଆକଳନ କରନ୍ତି । ତେଣୁ ସମସ୍ତ ପ୍ରୟୋଗାତ୍ମକ ଦିଗ ଓ ଉଦ୍ଦେଶ୍ୟ ଆଧାରରେ ଏହା ଏକ ଅର୍ଜିତ ପ୍ରସ୍ଥିତି ହୋଇଯାଏ । କିଛି ପ୍ରସ୍ଥିତି ଲୋକମାନଙ୍କ ଠାରେ ଆରୋପିତ ହୁଏ ଓ କିଛି ସେମାନେ ହାସଲ କରନ୍ତି । ଆରୋପିତ ବା ଅର୍ଜିତ ପ୍ରସ୍ଥିତି ବାଧ୍ୟତାମୂଳକ ସମୁହର ସଦସ୍ୟତାରୁ ଆସିଥାଏ ଓ ଆହରଣ ଲବ୍ଧ ପ୍ରସ୍ଥିତି, ସ୍ୱେଚ୍ଛାକୃତ ସମୁହର ସଦସ୍ୟତାରୁ ଆସିଥାଏ । ବୟସ ପ୍ରସ୍ଥିତି ଓ ଲିଙ୍ଗ ପ୍ରସ୍ଥିତି, ଉଦାହରଣ ସ୍ୱରୂପ, ଉଭୟ ନିଶ୍ଚିତ ଭାବରେ ଅର୍ଜିତ, ଆହରିତ ନୁହେଁ । ଏହି ପ୍ରସ୍ଥିତି ଜୈବିକ ପରିସ୍ଥିତି ଉପରେ ନିର୍ଭର କରନ୍ତି ଓ ଆମ ହାତରେ କିଛି ନ ଥାଏ । ବାସ୍ତବିକ ବୟସ ଲୁଚାଇବା ଆମ ସାମର୍ଥ୍ୟର ସୀମା ବାହାରେ ଥାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୯.୧

**ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

୧. ସମୁହରେ ଧାରଣ କରାଯାଇଥିବା ____________ ରୁ ସଦସ୍ୟମାନଙ୍କୁ ପରସ୍ପର ଠାରୁ ଅଲଗା କରାଯାଏ / ବଛାଯାଏ । ____________

୨. ସାମାଜିକ ସ୍ଥିତିର ଦୁଇଟି ଭାଗ ହେଲା ____________ ଓ ____________ ।

୩. ସମାଜରେ ଆପଣ ଏକ ____________ ଧାରଣ କରନ୍ତି । କିନ୍ତୁ ଏକ ____________ ନିର୍ବାହ କରନ୍ତି ।

୪. ଦୁଇ ପ୍ରକାର ର ପ୍ରସ୍ଥିତି ହେଲା ____________ ଓ ____________ ।

୫. ଅର୍ଜିତ ପ୍ରସ୍ଥିତିର ଏକ ଉଦାହରଣ ହେଲା ____________ ।

୬. ଆହରଣ ଲବ୍ଧ ପ୍ରସ୍ଥିତିର ଏକ ଉଦାହରଣ ହେଲା ____________ ।

## ୯.୪ ସାମାଜିକ ଭୂମିକା (Social Role)

> ପ୍ରସ୍ଥିତିର ଧାରଣା 'ଭୂମିକା' ର ଧାରଣ ସହିତ ସମ୍ବନ୍ଧିତ, ଅର୍ଥାତ୍ ଲିଙ୍କନଙ୍କ ମତରେ ପ୍ରସ୍ଥିତିର ପରିବର୍ତ୍ତନଶୀଳ ଦିଗ, ଯାହାକୁ ଆମେ ଏହି ପ୍ରସଙ୍ଗରେ ତଥା ସନ୍ଦର୍ଭ ସମୁହ ପ୍ରସଙ୍ଗରେ ଆଲୋଚନା କରିବୁ । ସେମାନଙ୍କୁ ପୃଥକ୍ କରିବା ଅସମ୍ଭବ । ତେଣୁ ଭୂମିକା ହେଉଛି ପ୍ରସ୍ଥିତିର ପରିବର୍ତ୍ତନଶୀଳ ବା ପ୍ରୟୋଗାତ୍ମକ ଦିଗ ତଥା ଅଧିକାର ଓ କର୍ତ୍ତବ୍ୟର ଏକ ମିଶ୍ରଣ ।

ପ୍ରତ୍ୟେକ ପ୍ରସ୍ଥିତିର ଏକ ବା ଏକାଧିକ ଭୂମିକା ଥାଏ । ପ୍ରସ୍ଥିତି କୁ ଧାରଣ କରାଯାଇଥିବା ବେଳେ, ଭୂମିକାକୁ ନିର୍ବାହ କରାଯାଏ । ଭୂମିକା ହେଉଛି ଏକ ବାଞ୍ଛିତ ବ୍ୟବହାର ଧାରା ଓ ପ୍ରସ୍ଥିତି ସହିତ ସମ୍ବନ୍ଧିତ, ଯାହା ନିର୍ଦ୍ଦିଷ୍ଟ କେତେକ କର୍ତ୍ତବ୍ୟ ଓ ଦାୟିତ୍ୱ କୁ ବହନ କରିଥାଏ । ଭୂମିକା ହେଉଛି ବ୍ୟକ୍ତିଦ୍ୱାରା ଦାୟିତ୍ୱ ନିର୍ବାହ କରିବାର ଓ ସୁବିଧା ସୁଯୋଗ ତଥା ବିଶେଷାଧିକାର ଉପଭୋଗ କରିବାର ଏକ ମାଧ୍ୟମ । ଭୂମିକା ହେଉଛି, ଏକ ପ୍ରସ୍ଥିତି ଧାରଣ କରି, ବ୍ୟକ୍ତି ଯାହା କରେ । ଏହା ମଧ୍ୟ ନିଶ୍ଚିତ ଯେ ଭିନ୍ନ ଭିନ୍ନ ବ୍ୟକ୍ତି ଏକ



ଟୀପ୍ପଣୀ

ପ୍ରସ୍ଥିତିରେ ଥାଇ ମଧ ଅଲଗା ଅଲଗା କାର୍ଯ୍ୟ କରିଥାନ୍ତି । ଭୂମିକାର ଧାରଣା ଆମକୁ ଏହି ସବୁ ଭିନ୍ନତାକୁ ବୁଝିବା ପାଇଁ ସାହାଯ୍ୟ କରିଥାଏ । ସାମାଜିକ ଭୂମିକାର ଧାରଣା (Concept of Role) ସମାଜ ବିଜ୍ଞାନରେ ସାମାଜିକ ଆନ୍ତଃକ୍ରିୟା ଉଦ୍ଦେଶ୍ୟରେ ବ୍ୟାପକ ବ୍ୟବହୃତ ହୋଇଛି । ଭୂମିକା ଏକ ସାମାଜିକ ପରିଭାସିତ ଅପେକ୍ଷା (ଆଶା) ଯାହା ବ୍ୟକ୍ତି ପୂରଣ କରିଥାଏ । ଏହି ପରିପ୍ରେକ୍ଷୀରେ ଭୂମିକା ହେଉଛି ଧାରଣା, ଯାହା ପ୍ରସ୍ଥିତିର ଭିନ୍ନ ଭିନ୍ନ ପ୍ରକାର, ସ୍ୱରୂପ ସହିତ ନିଜର ସମ୍ପର୍କ ସ୍ଥାପନ କରିଥା'ନ୍ତି । ଜଣେ ଶିକ୍ଷକର ଭୂମିକାର ନିର୍ମାଣ, ଛାତ୍ରମାନଙ୍କୁ ନେଇ କରାଯାଇଥାଏ । ସେହିସବୁ ବିଶ୍ୱାସ, ଯାହାର ସେମାନେ ଅନୁଗାମୀ ଅଟନ୍ତି, ଜୀବନର ମୂଲ୍ୟବୋଧ ସମ୍ବନ୍ଧିତ ଲକ୍ଷ୍ୟ ଯାହାର ସେ ସନ୍ଧାନ କରନ୍ତି, ସେହିସବୁ ବ୍ୟବହାର, ଯାହାର ପ୍ରୟୋଗ ତାଙ୍କ ଆଚରଣରେ କରନ୍ତି, ଇତ୍ୟାଦି ବିଷୟ ଶିକ୍ଷକର ଭୂମିକା ନିର୍ମାଣରେ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଛାତ୍ରର ଭୂମିକାରେ ପ୍ରାୟତଃ ଏହି ବିଶ୍ୱାସ ସମ୍ମିଳିତ ହୋଇଥାଏ ଯେ ଛାତ୍ରର ଶିକ୍ଷକଙ୍କ ଅପେକ୍ଷା କମ୍ ଜ୍ଞାନ ଥାଏ, ସେହି ମୂଲ୍ୟବୋଧ, ଯାହାଠାରୁ ଜଣାଯାଏ ଶିକ୍ଷା ଲାଭ ହେଉଛି ଉତ୍ତମ କାର୍ଯ୍ୟ ଓ ନିଜେ ଏକ ଲକ୍ଷ୍ୟ, ସମୟାନୁବର୍ତ୍ତିତା, କଠୋର ପରିଶ୍ରମ ନିଆଯାଇଥିବା କାର୍ଯ୍ୟର ଯଥାଯଥ ସଂପାଦନ ଓ ଶିକ୍ଷକ ତଥା ଅନ୍ୟ ବିଦ୍ୟାର୍ଥିଙ୍କ ପ୍ରତି ସମ୍ମାନବୋଧ ଇତ୍ୟାଦି ।

ଯଦି ଧାରଣ କରାଯାଇଥିବା ଏକ ନିର୍ଦ୍ଦିଷ୍ଟ ପ୍ରସ୍ଥିତି ସହିତ ସମ୍ବନ୍ଧିତ ସମସ୍ତ ଭୂମିକାକୁ ଏକାଠି କରି ଦିଆଯାଏ, ତାହାହେଲେ ତାହା ଭୂମିକା-ଗୁଚ୍ଛ (Role-set) ହୋଇଯାଏ । ଭୂମିକା ସଂଘର୍ଷ ମଧ ବେଳେ ବେଳେ ସୃଷ୍ଟି ହୋଇଥାଏ, ଯେତେବେଳେ ଲୋକମାନଙ୍କୁ ନିଜ ଜୀବନରେ ବିରୋଧାଭାସ ଥିବା ବିଭିନ୍ନ ଭୂମିକା ନିର୍ବାହ କରିବାକୁ ପଡ଼ିଥାଏ । ଉଦାହରଣ ସ୍ୱରୂପ ମାତା-ପିତା, ଯେଉଁମାନେ କି କର୍ମଜୀବି, ସେମାନଙ୍କୁ ସମୟେ ସମୟେ ଏକ ସଂଘର୍ଷପୂର୍ଣ୍ଣ ସ୍ଥିତିର ସାମ୍ନା କରିବାକୁ ପଡ଼ିଥାଏ । ଏକ ପକ୍ଷରେ କର୍ମଜୀବନ ପ୍ରତି ଉତ୍ତରଦାୟିତ୍ୱ ଓ ଅନ୍ୟ ପକ୍ଷରେ ନିଜର ଅସୁସ୍ଥ ସନ୍ତାନର ଯତ୍ନ ନେବାର କର୍ତ୍ତବ୍ୟ ରହିଥାଏ ।

ଭୂମିକା ନିର୍ବାହରେ ଆସୁଥିବା ସଂଘର୍ଷମୟ ସ୍ଥିତିର ନିରାକରଣ ତଥା ଭୂମିକା ସଂଘର୍ଷକୁ ଏଡାଇବା ପାଇଁ ଅନେକ ଉପାୟ ରହିଛି । ପ୍ରଥମେ ଆପଣ ଭୂମିକା ଗୁଚ୍ଛ ମଧ୍ୟରୁ କେଉଁ ଭୂମିକାଟି ଅଧିକ ମହତ୍ତ୍ୱ ପୂର୍ଣ୍ଣ, ତାକୁ ବାଛନ୍ତୁ ଓ ଅନ୍ୟ ଭୂମିକାର ନିର୍ବାହକୁ ସାମାନ୍ୟ ଅଣଦେଖା କରିଦିଅନ୍ତୁ । ଦ୍ୱିତୀୟରେ ଆପଣ ସଂଘର୍ଷ ସୃଷ୍ଟିକାରୀ ଏକ ଭୂମିକାକୁ ପରିତ୍ୟାଗ କରନ୍ତୁ (ଜଣେ ବ୍ୟକ୍ତି ଏକ ଚାକିରୀ, ଯାହା ତା'ର ସନ୍ତାନ ଯତ୍ନ କ୍ଷେତ୍ରରେ ପ୍ରତିବନ୍ଧକ ହେଉଛି, ତାହାକୁ ଛାଡିଦେଇପାରେ) । ତୃତୀୟ ବାଟଟି ହେଲା ଆପଣ ଭୂମିକା ଗୁଚ୍ଛର ବିଭିନ୍ନ ଭୂମିକା କୁ ପରସ୍ପରଠାରୁ ଅଲଗା କରି ଦିଅନ୍ତୁ । (ଭୂମିକା ପୃଥକୀକରଣ -(Role-segregation)

ଉଦାହରଣ ସ୍ୱରୂପ ଜଣେ ଡାକ୍ତର ନିଜେ ନିଜ ପରିବାର ସଦସ୍ୟ ମାନଙ୍କର ଚିକିତ୍ସା କରିବା ଛାଡିଦେଇ ପାରେ । ଚତୁର୍ଥ ଉପାୟ ହେଲା ଭୂମିକାଠାରୁ ଦୂରତା ରକ୍ଷାକରିବା (Role-distance), ଅର୍ଥାତ୍ ଅସହମତି ଥିବା ଭୂମିକାଠାରୁ ଦୂରତା ରକ୍ଷା କରି ଭୂମିକା-ସଂଘର୍ଷ (Role-conflict) ହ୍ରାସ କରିହେବ । ଉଦାହରଣ ସ୍ୱରୂପ ସେହିସବୁ ମ୍ୟାନେଜର ଯେଉଁମାନେ ନିଜ କମ୍ପାନୀ / ସଂସ୍ଥାକୁ ମିତବ୍ୟୟୀ, କାର୍ଯ୍ୟକ୍ଷମ ଓ ପ୍ରଗତିଶୀଳ କରିବାକୁ ଚାହାଁନ୍ତି ସେମାନେ କର୍ମଚାରୀ ମାନଙ୍କ ସଂଖ୍ୟା କମ୍ କରିବା ପାଇଁ ଛଟେଇ କରିବା ଘଟଣାରୁ ନିଜକୁ ଦୂରେଇ ରଖିବାର ବିଭିନ୍ନ ବାଟ ଖୋଜନ୍ତି ।



ଟୀପ୍‌ପଣୀ

> ସାମାଜିକ ଭୂମିକା (Social-Role) । ସମାଜରେ ଏକ ନିର୍ଦ୍ଧିଷ୍ଟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିର ବାଞ୍ଛନୀୟ ବ୍ୟବହାର । ସାମାଜିକ ଭୂମିକାର ଧାରଣା ମୌଳିକ ଭାବରେ ଏକ ରଙ୍ଗମଞ୍ଚ (Theatre) ରୁ ଆସିଛି । ଯେଉଁଠାରେ କଳାକାରମାନେ ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଥା'ନ୍ତି । ପ୍ରତ୍ୟେକ ସମାଜରେ ବ୍ୟକ୍ତିମାନେ ନିଜ ନିଜର ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ଅନେକ ସଂଖ୍ୟାରେ ସାମାଜିକ ଭୂମିକା ନିର୍ବାହ କରିଥା'ନ୍ତି ।

## ୯.୪.୧ ଭୂମିକାର ଲକ୍ଷଣ (Characteristics of Role)

୧. ଭୂମିକା ହେଉଛି ପ୍ରସ୍ଥିତିର ପରିବର୍ତ୍ତନଶୀଳ ଦିଗ ।

୨. ଭୂମିକା, ପ୍ରସ୍ଥିତି ମଧ୍ୟରେ ନିହିତ ଥାଏ । ଭୂମିକାକୁ ପ୍ରସ୍ଥିତି ଠାରୁ ପୃଥକ୍ କରି ଦେଖି ହେବ ନାହିଁ ।

୩. ଭୂମିକା ଶୂନ୍ୟସ୍ଥାନରେ ଦେଖାଯାଏନାହିଁ । ଏହାର ଏକ ଦୃଢ଼ ସାଂସ୍କୃତିକ ଦିଗ ରହିଛି ।

୪. ଭୂମିକାର ପ୍ରତିମାନୀୟ ରୂପ (Normative aspect) ହେଲା ସଂସ୍କୃତି ।

୫. ଭୂମିକା ଆପେକ୍ଷିକ ହୋଇଥାଏ ।

ପ୍ରସ୍ଥିତି ବିନା କୌଣସି ଭୂମିକାର ଅସ୍ତିତ୍ୱ ନ ଥାଏ, ଅଥବା ଭୂମିକା ବିନା କୌଣସି ପ୍ରସ୍ଥିତି ନ ଥାଏ । ପ୍ରତ୍ୟେକ ବ୍ୟକ୍ତି, ନିଜେ ସଂପୃକ୍ତ ଥିବା କାର୍ଯ୍ୟଧାରା ସମ୍ବନ୍ଧିତ ଅନେକ ଭୂମିକା ନିର୍ବାହ କରିଥାଏ, ଓ ବ୍ୟକ୍ତିର ଏକ ମୁଖ୍ୟ ଭୂମିକା ରହିଥାଏ । ଯାହା ତା'ର ସମସ୍ତ ଛୋଟବଡ଼ ଭୂମିକା ମାନଙ୍କର ଏକ ସଂଗ୍ରହ ଅଟେ ଓ ଏହି ମୁଖ୍ୟ ଭୂମିକା ବ୍ୟକ୍ତିର ସମାଜ ପାଇଁ କାର୍ଯ୍ୟ ନିର୍ଦ୍ଧାରଣ କରେ ଓ ସମାଜ ଠାରୁ ମଧ କିଛି ପ୍ରତ୍ୟୁତ୍ତର ବା କର୍ତ୍ତବ୍ୟ ଆଶା କରେ ।

ପ୍ରତ୍ୟେକ ପ୍ରସ୍ଥିତିରେ ଅନେକ ଭୂମିକା ନିହିତ ଥାଏ । ଶିକ୍ଷକର ପ୍ରସ୍ଥିତି ଧାରଣ କରିଥିବା ଜଣେ ବ୍ୟକ୍ତି ଛାତ୍ର, ସହକର୍ମୀ ଓ ଅଧକ୍ଷଙ୍କ ସହ ଭିନ୍ନ ଭିନ୍ନ ବ୍ୟବହାର କରିଥାଏ । ଏକ ନିର୍ଦ୍ଧିଷ୍ଟ ପ୍ରସ୍ଥିତି ସହିତ ଜଡ଼ିତ ଭୂମିକାମାନଙ୍କର ସଂଗ୍ରହକୁ ଭୂମିକା-ଗୁଚ୍ଛ (Role-set) କୁହାଯାଏ ।

ସାମାଜିକ ଭୂମିକା ଆମର ବ୍ୟବହାରକୁ ସଂଗଠିତ ତଥା ନିୟନ୍ତ୍ରିତ କରିଥାଏ । ସେମାନେ କାର୍ଯ୍ୟ ହାସଲ କରିବାର ମାଧ୍ୟମ ପ୍ରଦାନ କରନ୍ତି । ଏହା କୁହାଯାଇପାରେ ଯେ ଯଦି ଶିକ୍ଷକ ଓ ଛାତ୍ର ସେମାନଙ୍କର ଉଚିତ ଭୂମିକା ନିର୍ବାହ କରନ୍ତି, ତାହାହେଲେ ଶିକ୍ଷାଦାନ କାର୍ଯ୍ୟ ସଠିକ୍ ବା ପ୍ରଭାବଶାଳୀ ଭାବେ ସଂପାଦିତ ହେବ । ଏହା ଛାତ୍ର ଓ ଶିକ୍ଷକଙ୍କର ଜୀବନର ଅନ୍ୟାନ୍ୟ ଦିଗକୁ ଅଲଗା ରଖି କେବଳ ଦରକାରୀ ବିଷୟ ଉପରେ ଧ୍ୟାନକେନ୍ଦ୍ରିତ କରିଥାଏ । ଭୂମିକା ସାମାଜିକ ଜୀବନକୁ ବ୍ୟବସ୍ଥିତ ଓ ଏକ ନିର୍ଦ୍ଧିଷ୍ଟ ଆନୁମାନିକ ଦିଗରେ ପରିଚାଳିତ କରେ । ନିଜ ନିଜର ଭୂମିକା ନିର୍ବାହ କଲାବେଳେ ଶିକ୍ଷକ ଓ ଛାତ୍ର କ'ଣ କରିବାକୁ ହେବ ଓ କିପରି କରିବାକୁ ହେବ, ଜାଣିଥା'ନ୍ତି । ଉଭୟଙ୍କର ଭୂମିକା ବିଷୟରେ ସେମାନେ ଜାଣିଥିବାରୁ ପରସ୍ପରର କାର୍ଯ୍ୟକଳାପକୁ ବୁଝିପାରନ୍ତି ଓ ଅନୁମାନ ମଧ କରିପାରନ୍ତି । ସଂସ୍କୃତିର ଏକ ଅଂଶ ହିସାବରେ ଭୂମିକା ଏକ ବ୍ୟବସ୍ଥିତ ସମାଜ ପାଇଁ ନିର୍ଦ୍ଦେଶାବଳୀ ପ୍ରଦାନ କରିଥାଏ ।

## ୯.୪.୨ ଭୂମିକାର ପ୍ରକାର (Types of Role)

ଏକ ଭୂମିକା-ଧାରା (Role-pattern) 'କାର୍ଯ୍ୟ-ସଂପାଦନ' (Performance) ଉପରେ ଗୁରୁତ୍ୱ ଦିଏ । ଏହା ସେତେବେଳେ ହୁଏ, ଯେତେବେଳେ ଜଣେ ବ୍ୟକ୍ତି, ଭୂମିକାଧାରକ ତା'ର ବୟସ, ଲିଙ୍ଗ ଓ ସମୂହ ସଦସ୍ୟତା ଉର୍ଦ୍ଧ୍ୱରେ ରହି କ'ଣ କରିପାରିବ ଓ କେତେ ଭଲ ଭାବରେ କରିପାରିବ, ଏହିସବୁ କଥା ଉପରେ



ଟୀପ୍ପଣୀ

ଧ୍ୟାନକେନ୍ଦ୍ରିତ କରେ । ଲିଣ୍ଟନ 'ଅର୍ଜିତ' (ascribed) ଓ 'ଆହରଣ ଲବ୍ଧ' (achieved) ଭୂମିକା ମଧ୍ୟରେ ପ୍ରଭେଦ କରିଛନ୍ତି । ଯଦି କୌଣସି ବ୍ୟକ୍ତି ବା ଭୂମିକା ଧାରକ, ଭୂମିକାକୁ କିଛି ବିଶେଷ ଗୁଣ ଆଧାରରେ ଧାରଣ କରେ ଓ ଏହା ତା' ନିଜର ନିୟନ୍ତ୍ରଣରେ ନ ଥାଏ ଓ ଏହା ତାକୁ ଆପେ ଆପେ ମିଳେ, ତାହାହେଲେ ସେହି ଭୂମିକାକୁ ଅର୍ଜିତ (ascribed) ଭୂମିକା କୁହାଯିବ । ଅର୍ଜିତ ଭୂମିକାର ମୁଖ୍ୟ ଆଧାର ହେଲା- କୌଣସି ନିର୍ଦ୍ଦିଷ୍ଟ ପରିବାରର ଜନ୍ମ ନେବା, ଜନ୍ମ କ୍ରମ, ଲିଙ୍ଗ ଓ ବୟସ ଇତ୍ୟାଦି ।

**ଅର୍ଜିତ ଭୂମିକା (Ascribed Role) :** ଜନ୍ମ ସମୟରେ ଆପେ ଆପେ ବ୍ୟକ୍ତିକୁ ମିଳୁଥିବା ଭୂମିକା ବା ଏକ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିବା ପରେ ମିଳୁଥିବା ଭୂମିକା । ସବୁଠାରୁ ସର୍ବବ୍ୟାପୀ ଅର୍ଜିତ ଭୂମିକା ହେଲା ଜଣଙ୍କର ଲିଙ୍ଗ ଭୂମିକା, ପୁରୁଷ ବା ନାରୀ ଭିନ୍ନ ଭିନ୍ନ ବୟସ ସ୍ତର, ଭିନ୍ନ ଭିନ୍ନ ବାଞ୍ଛନୀୟ ବ୍ୟବହାର ସହିତ ଜଡ଼ିତ ଥା'ନ୍ତି । ନିର୍ଦ୍ଦିଷ୍ଟ ପ୍ରଜାତି, ଜାତି ଓ ଧର୍ମର ସଦସ୍ୟ ହୋଇ ଜନ୍ମ ହେବା ସହିତ ଯେଉଁ ଭୂମିକା ଜଡ଼ିତ ଥାଏ, ତାହା ମଧ୍ୟ ଅର୍ଜିତ ଭୂମିକା ଅଟେ । ଏଣୁ ଏହି ସବୁ ଭୂମିକାରେ ଜନ୍ମର ପ୍ରଭାବ ସବୁଠାରୁ ବେଶୀ । ଉଦାହରଣ ସ୍ୱରୂପ ଏକ ନିର୍ଦ୍ଦିଷ୍ଟ ଜାତିରେ ଜନ୍ମ ହେବାର ଅର୍ଥ କିଛି ନିର୍ଦ୍ଦିଷ୍ଟ ଭୂମିକା ସମ୍ବନ୍ଧୀୟ ଆଚରଣ କରିବା, ଯେପରିକି ଜଣେ ପୁରୋହିତଙ୍କର ପୁଅ ପୁରୋହିତ ହୋଇ ପୂଜାପାଠ କରିବାର ତାଲିମ ନିଏ ।

ବୈଷୟିକ ଭାବେ ଯଦି ଏକ ଭୂମିକା ଅର୍ଜିତ ନୁହେଁ, ତାହାହେଲେ ଏହା ଆହରଣ ଲବ୍ଧ ହେବ ।

**ଆହରଣ ଲବ୍ଧ ଭୂମିକା (Achieved Role)** : ଏହି ଭୂମିକାକୁ ବ୍ୟକ୍ତି ବାଛିଥାଏ ବା ଉଦ୍ୟମ ବଳରେ ହାସଲ କରିଥାଏ । ତେଣୁ, ବ୍ୟକ୍ତିଗତ ଉଦ୍ୟମ ବଳରେ ହାସଲ କରାଯାଇଥିବା ଭୂମିକାକୁ ଆହରଣ ଲବ୍ଧ ଭୂମିକା କୁହାଯାଏ । ଯଥା : ଆର୍ମି ଜେନେରାଲ, ଡାକ୍ତର, ଇଂଜିନିୟର ଇତ୍ୟାଦି ।

## ପାଠ୍ୟଗତ ପ୍ରଶ୍ନାବଳୀ ୯.୨

**ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

୧. ______ ହେଉଛି ପ୍ରସ୍ଥିତିର ପରିବର୍ତ୍ତନଶୀଳ ଦିଗ ।

୨. ଏକ ନିର୍ଦ୍ଦିଷ୍ଟ ପ୍ରସ୍ଥିତି ସହିତ ଜଡ଼ିତ ଭିନ୍ନ ଭିନ୍ନ ଭୂମିକା ମାନଙ୍କର ଏକ ସଂଗ୍ରହକୁ ______ କୁହାଯାଏ ।

୩. ଭୂମିକାକୁ ପ୍ରସ୍ଥିତି ଠାରୁ ______ କରାଯାଇ ପାରିବ ନାହିଁ ।

୪. ______ ହେଉଛି ଭୂମିକାର ପ୍ରତିମାନୀୟ ଦିଗ ।

୫. ଦୁଇ ପ୍ରକାରର ଭୂମିକା ହେଲା ______ ଓ ______ ।

## କ'ଣ ଶିଖିଲେ -

- ଆମେ ପ୍ରସ୍ଥିତିର ଗୁରୁତ୍ୱ ସମ୍ପର୍କୀୟ ସୂଚନା ସହିତ ଏହି ଅଧ୍ୟାୟ ଆରମ୍ଭ କରିଥିଲୁ ତଥା କହିଥିଲୁ ଯେ ଅନେକ ସାମାଜିକ ସ୍ଥିତିର ମୋଟାମୋଟି ଅର୍ଥ ଏହା ସହିତ ସମ୍ବନ୍ଧିତ ପ୍ରସ୍ଥିତି ଉପରେ ନିର୍ଭର କରେ ।
- ଏହା ସହିତ ଆମେ ଗୁରୁତ୍ୱ ଦେଇ ଆହୁରି କହିଛୁ ଯେ ଏକ ଜଟିଳ ସମାଜ ବ୍ୟବସ୍ଥାରେ, ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ସାମାଜିକ ସମ୍ପର୍କ ଗୁଡ଼ିକୁ, ପ୍ରସ୍ଥିତି-ସମ୍ପର୍କ କୁହାଯାଏ ।



ଟୀପ୍‌ପଣୀ

- ଆମେ ପ୍ରସ୍ଥିତି ଓ ଭୂମିକା ମଧ୍ୟରେ ପାର୍ଥକ୍ୟ ମଧ୍ୟ କରିଛୁ । ପ୍ରସ୍ଥିତି ହେଉଛି ଏକ ଢାଞ୍ଚାଗତ ଘଟଣା ଓ ଭୂମିକା ହେଉଛି ଏକ ପ୍ରୟୋଗାତ୍ମକ ବା ବ୍ୟାବହାରିକ ଘଟଣା । ପ୍ରସ୍ଥିତି, ସମାଜ ବିଜ୍ଞାନର ଧାରଣା ଓ ଭୂମିକା ହେଉଛି ମନୋବିଜ୍ଞାନର ଧାରଣା ।
- ଭୂମିକା ବ୍ୟକ୍ତିତ୍ୱ ଓ ବ୍ୟକ୍ତିର ସାମର୍ଥ୍ୟ ଉପରେ ନିର୍ଭର କରୁଥିବା ବେଳେ, ପ୍ରସ୍ଥିତି ସାମାଜିକ ସଂରଚନା ଉପରେ ନିର୍ଭର କରିଥାଏ ।
- ପ୍ରସ୍ଥିତି ଓ ଭୂମିକା ସାଧାରଣ ଭାବେ ଏକାଠି ଦେଖାଗଲେ ମଧ୍ୟ ସେମାନଙ୍କୁ ପରସ୍ପର ଠାରୁ ଅଲଗା କରି ପରିସ୍ଥିତିର କଳ୍ପନା କରିହେବ ନାହିଁ ।
- ଲୋକମାନେ ପ୍ରସ୍ଥିତି ଧାରଣ କରନ୍ତି, କିନ୍ତୁ ଭୂମିକା ନିର୍ବାହ କରନ୍ତି ।
- ପ୍ରସ୍ଥିତି ସହ ପ୍ରତିମାନ ଜଡ଼ିତ, ପ୍ରତିମାନରେ ଯେହେତୁ ପରିବର୍ତ୍ତନ ହେଉଛି, ପ୍ରସ୍ଥିତିରେ ମଧ୍ୟ ତାହା ଘଟୁଛି ।
- ପ୍ରସ୍ଥିତି ଓ ଭୂମିକା ପରସ୍ପର ଉପରେ ନିର୍ଭରଶୀଳତାକୁ ନେଇ ପରିବର୍ତ୍ତିତ ହୋଇପାରନ୍ତି । ସମାଜରେ ନୂତନ ପ୍ରସ୍ଥିତି ଜନ୍ମ ନିଅନ୍ତି ଓ ପୁରୁଣା ଅପସରି ଯା'ନ୍ତି ।
- ବୃତ୍ତିଗତ ପ୍ରସ୍ଥିତିରେ ଦକ୍ଷ ଓ ସମର୍ଥ ଧାରକ ମାନେ ଦାୟିତ୍ୱ ବୋଧ ଓ ସୁବିଧା ସୁଯୋଗର କ୍ଷେତ୍ରକୁ ସଂପ୍ରସାରିତ କରିପାରନ୍ତି ଓ ଏହା ସହିତ ଅଯୋଗ୍ୟ ଓ ଅସମର୍ଥ ଲୋକମାନେ ଏହାର ବିପରୀତ ପରିସ୍ଥିତି ସୃଷ୍ଟି କରନ୍ତି ।
- ଆମେମାନେ ମଧ୍ୟ 'ଅର୍ଜିତ ପ୍ରସ୍ଥିତି' ଓ 'ଆହରଣ ଲବ୍ଧ ପ୍ରସ୍ଥିତି', 'ଅର୍ଜିତ ଭୂମିକା' ଓ 'ଆହରଣ ଲବ୍ଧ ଭୂମିକା' ବିଷୟରେ ଆଲୋଚନା କଲେ ।

## ପାଠ୍ୟଗତ ପ୍ରଶ୍ନାବଳୀ ୯.୩

୧- ପ୍ରମୁଖ ପ୍ରସ୍ଥିତି କାହାକୁ କୁହାଯାଏ ?

୨- ସମ୍ବନ୍ଧ ସୃଷ୍ଟିକାରୀ ଓ ସହଭାଗିତା ପ୍ରସ୍ଥିତି କାହାକୁ କୁହନ୍ତି ?

୩- ଭୂମିକାର ଯେ କୌଣସି ଚାରିଟି ଲକ୍ଷଣ ଉଲ୍ଲେଖ କର ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧- ସାମାଜିକ ସ୍ଥିତିର ସଂଜ୍ଞା ଦିଅ ।

୨- ସାମାଜିକ ପ୍ରସ୍ଥିତିର ସଂଜ୍ଞା ଦିଅ ଓ ସାମାଜିକ ପ୍ରସ୍ଥିତି ଓ ଭୂମିକା ମଧ୍ୟରେ ଥିବା ଆନ୍ତଃ-ସମ୍ପର୍କ ଆଲୋଚନା କର ।

୩- ଅର୍ଜିତ ଓ ଆହରଣ ଲବ୍ଧ-ପ୍ରସ୍ଥିତି ମଧ୍ୟରେ କ'ଣ ମୌଳିକ ପାର୍ଥକ୍ୟ ରହିଛି । ପ୍ରତ୍ୟେକକୁ ଆଲୋଚନା କର ।

୪- ପ୍ରସ୍ଥିତି ଓ ଭୂମିକାର ସଂଜ୍ଞା ଦିଅ ଓ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।



ଟୀପ୍ପଣୀ

୫- ଭୂମିକା କ'ଣ ? ଭୂମିକାର ଭିନ୍ନ ଭିନ୍ନ ପ୍ରକାର ସମ୍ପର୍କରେ ଆଲୋଚନା କର ।

୬- ପ୍ରସ୍ଥିତିକୁ ଧାରଣ / ଅକ୍ତିଆର କରାଯାଏ, କିନ୍ତୁ ଭୂମିକାକୁ ନିର୍ବାହ କରାଯାଏ । ନିଜ ଭାଷାରେ ଏହି ବକ୍ତବ୍ୟ ଉପରେ ମନ୍ତବ୍ୟ ଦିଅ ।

୭- ଭୂମିକା ସଂଘର୍ଷ କ'ଣ ? ଏହାକୁ କି କି ଉପାୟରେ ଏଡ଼ାଇ ଦିଆଯାଏ ? ବର୍ଣ୍ଣନା କର ।

୮- ନିମ୍ନୋକ୍ତ ପ୍ରତ୍ୟେକ ବିଷୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(କ) ପ୍ରସ୍ଥିତି-ସମୂହ (ଖ) ଭୂମିକା ଗୁଚ୍ଛ (ଗ) ଅର୍ଜିତ ଓ ଆହରଣ ଲବ୍ଧ ପ୍ରସ୍ଥିତି (ଘ) ଅର୍ଜିତ ଓ ଆହରଣ ଲବ୍ଧ ଭୂମିକା (ଙ) ଭୂମିକା ଉତ୍ତେଜନା ଓ ଭୂମିକା ସଂଘର୍ଷ (ଚ) ଭୂମିକା-ଦୂରତା

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

### ୯.୧

୧- ସାମାଜିକ ସ୍ଥିତି, ୨- ଭୂମିକା ଓ ପ୍ରସ୍ଥିତି, ୩- ପ୍ରସ୍ଥିତି, ଭୂମିକା, ୪- ଅର୍ଜିତ ଓ ଆହରଣ ଲବ୍ଧ, ୫- ବ୍ରାହ୍ମଣ, ପୁରୁଷ, ନାରୀ, ୬- ଇଂଜିନିୟର, ଡାକ୍ତର, ଶିକ୍ଷକ

### ୯.୨

୧- ଭୂମିକା, ୨- ଭୂମିକା-ଗୁଚ୍ଛ, ୩- ଅଲଗା, ୪- ସଂସ୍କୃତି, ୫- ଅର୍ଜିତ ଓ ଆହରଣ ଲବ୍ଧ

### ୯.୩

୧- ୯.୨ ବିଭାଗ ଦେଖନ୍ତୁ

୨- ୯.୩ ବିଭାଗ ଦେଖନ୍ତୁ

୩- ୯.୪ ବିଭାଗ ଦେଖନ୍ତୁ

## ସହାୟକ ପୁସ୍ତକମାଳା (Book References)

Bierstedt, Robert, (1970) : The Social Order, New Delhi, Tata MC Graw - Hill
Davis, K, (1949) : Human Society, Mac Milan
Giddens, Anthony (1993), Sociology, Chicago; University of Chicago Press
Johnson, H.M, (1960), Sociology, New Delhi : Allied Publishers Pvt. Ltd
Linton, Ralph, (1936), The Study of Man, Appleton-Century-Crofts, Inc.



ଟୀପ୍ପଣୀ

# ୧୦

# ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ
# (Cooperation, Competition and Conflict)

**ବ**ର୍ତ୍ତମାନ ସୁଦ୍ଧା ଆପଣ ସମାଜବିଜ୍ଞାନ ରେ ବ୍ୟବହୃତ ହେଉଥିବା ମୌଳିକ ଧାରଣା, ଯଥା ସମାଜ, ସମୁଦାୟ, ବ୍ୟକ୍ତି ଓ ସଂଘ ଇତ୍ୟାଦି ସହିତ ପରିଚିତ ହୋଇଛନ୍ତି । ବାସ୍ତବ ରେ ସେମାନେ ସମାଜର ମୌଳିକ ସଂରଚନା କୁ ଦର୍ଶାନ୍ତି । ସମାଜ ସ୍ଥିର ନୁହେଁ, !" ଏଥିରେ ପ୍ରତିକ୍ଷଣ ପରିବର୍ତ୍ତନ ହେଉଛି ସମାଜର ସଦସ୍ୟ ମାନଙ୍କ ର ଆନ୍ତଃ କ୍ରିୟା ଦ୍ୱାରା ପରିବର୍ତ୍ତନ ହେଉଛି । ସଂପର୍କ ଓ ଭାବ ବିନିମୟ ଦ୍ୱାରା ଲୋକମାନଙ୍କ କାର୍ଯ୍ୟକଳାପରେ ଏହି ସାମାଜିକ ଆନ୍ତଃ କ୍ରିୟା ପ୍ରତିବିମ୍ବିତ ହେଉଛି । ଏହି ପରିପ୍ରେକ୍ଷୀରେ ବ୍ୟକ୍ତିମାନେ ଓ ସମୁହମାନେ ସେମାନଙ୍କର ଆବଶ୍ୟକତା ଅନୁସାରେ କାର୍ଯ୍ୟ କରିବାର ପ୍ରଣାଳୀ କୁ ସାମାଜିକ ପ୍ରକ୍ରିୟା କୁହାଯାଏ । ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ ହେଉଛନ୍ତି, ବ୍ୟକ୍ତିମାନଙ୍କ ଦ୍ୱାରା ଏକ ନିର୍ଦ୍ଧିଷ୍ଟ ସାମାଜିକ ପରିପ୍ରେକ୍ଷୀରେ କରାଯାଉଥିବା କାର୍ଯ୍ୟ କଳାପ ର ମୌଳିକ ସିଦ୍ଧାନ୍ତ ।

ଆପଣ କେବେ ଅନୁଭବ କରିଛନ୍ତି ଯେ ଆପଣ ସମାଜକୁ ଦେଖି ପାରିବେ ନାହିଁ । ଆପଣ କେବଳ ବ୍ୟକ୍ତିମାନଙ୍କୁ ପରସ୍ପର ସହ ଆନ୍ତଃ-କ୍ରିୟା କରୁଥିବାର ଦେଖି ପାରିବେ । ଏହି ସବୁ ଆନ୍ତଃ-କ୍ରିୟା ପଛରେ ଏକ ଅର୍ଥ ଓ ଉଦ୍ଦେଶ୍ୟ ଥାଏ । ଏହିସବୁ ଅର୍ଥ ଓ ଉଦ୍ଦେଶ୍ୟ, ବିଭିନ୍ନ ପ୍ରକାରର ଅନ୍ତ-ର୍ସମ୍ବନ୍ଧ, (ଯାହାକି ବନ୍ଧୁ, ପରିବାର ସଦସ୍ୟ, ପଡୋଶୀ ଚିହ୍ନାଜଣା ତଥା ଅପରିଚିତ ମାନଙ୍କ ମଧ୍ୟରେ ଘଟିଥାଏ) ମଧ୍ୟମରେ ପ୍ରକାଶିତ ହୋଇଥାଏ ଓ ଏହାକୁ ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ କୁହାଯାଏ ।

## ଉଦ୍ଦେଶ୍ୟ :

**ଏହି ଅଧ୍ୟାୟ ପଢିବା ପରେ -**

- ସାମାଜିକ ପ୍ରକ୍ରିୟା ର ଧାରଣା ର ବ୍ୟାଖ୍ୟା କରିପାରିବେ ;
- ବ୍ୟକ୍ତି ଓ ସମୁହ, ସେମାନଙ୍କର କାର୍ଯ୍ୟକଳାପ କୁ ଆଗେଇ ନେବାର ମାଧ୍ୟମ କୁ ଚିହ୍ନଟ କରିପାରିବେ ;
- ସାମାଜିକ ଆନ୍ତଃ-କ୍ରିୟାର ପ୍ରକୃତି ଓ ପ୍ରକାର କୁ ବର୍ଣ୍ଣନା କରିପାରିବେ ;
- ସହଯୋଗିତା ଓ ଏହାର ପ୍ରକୃତି କୁ ସ୍ପଷ୍ଟ କରିପାରିବେ ;
- ପ୍ରତିଯୋଗିତା ଓ ଏହାର ପ୍ରକୃତିକୁ ବ୍ୟାଖ୍ୟା କରିପାରିବେ ;
- ସଂଘର୍ଷ ଓ ଏହାର ପ୍ରକୃତିକୁ ବର୍ଣ୍ଣନା କରିପାରିବେ; ଏବଂ
- ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ କୁ ଏକ ସାମାଜିକ ନିରନ୍ତରତା ଭାବରେ ବୁଝାଇ ପାରିବେ ।

ଟୀପ୍ପଣୀ

## ୧୦.୧ ସାମାଜିକ ପ୍ରକ୍ରିୟା ଓ ସାମାଜିକ ଆନ୍ତଃ-କ୍ରିୟା

ସାମାଜିକ ପ୍ରକ୍ରିୟାର ଏକ ବ୍ୟାପକ ଅର୍ଥ ରହିଛି । ଏହା ମଧ୍ୟରେ ଅତୀତରେ ଘଟିଥିବା ଘଟଣାବଳୀ ସାମିଲ ଥାଏ । ଏହା ମଧ୍ୟ ପରଂପରା, ଲୋକାଚାର, ନୈତିକତା ଓ ମୌଳିକ ପ୍ରବୃତ୍ତି ଉପରେ ପର୍ଯ୍ୟବସିତ ହୋଇଥାଏ । ଏହିସବୁ ଅମୂର୍ତ୍ତ ଓ ଅଚୈତିନିକ ହୋଇପାରେ, କିନ୍ତୁ ସାମାଜିକ ଆନ୍ତଃ-କ୍ରିୟା ହେଉଛି ମୂର୍ତ୍ତ, ପାରସ୍ପାରିକତା ଆଧାରିତ ତଥା ବାସ୍ତବ ସାମାଜିକ ସଂସ୍ପର୍ଶ ପରିସ୍ଥିତି ସହ ଜଡ଼ିତ ।

ସାମାଜିକ ପ୍ରକ୍ରିୟା ସମୁହ ଜୀବନର ବିଭିନ୍ନ ପରିବର୍ତ୍ତନ ସହ ସଂପୃକ୍ତ ଥାଏ । ଏହା ଆନ୍ତଃ-କ୍ରିୟାର ସ୍ୱରୂପ ଉପରେ ନିର୍ଭର କରିଥାଏ, ଯାହା ମଧ୍ୟରେ ଐତିହାସିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ, ଧାର୍ମିକ ଓ ସାମାଜିକ ଦିଗ ମାନ ସାମିଲ ଥାଏ । ଆନ୍ତଃ କ୍ରିୟା ର ଅର୍ଥ ହେଲା କ୍ରିୟାର ଜବାବ ରେ ପ୍ରତିକ୍ରିୟା । ଏହି ଆନ୍ତଃ କ୍ରିୟା ବାରମ୍ବାର ଘଟିଲେ, ସାମାଜିକ ପ୍ରକ୍ରିୟା ର ରୂପ ନିଏ । ଯେତେବେଳେ ଗୋଟିଏ ଦମ୍ପତି, ଅର୍ଥାତ୍ ସ୍ୱାମୀ ଓ ସ୍ତ୍ରୀ ପରସ୍ପର, ସ୍ନେହ, ଘନିଷ୍ଠତା ଓ ସମବେଦନା ଆଧାରରେ ସହଯୋଗ କରନ୍ତି, ଏହା ସହଯୋଗିତାର ର ରୂପ ନିଏ ଓ ଏକ ସାମାଜିକ ପ୍ରକ୍ରିୟାରେ ପରିବର୍ତ୍ତିତ ହୁଏ ।

> ସାମାଜିକ ଆନ୍ତଃ-କ୍ରିୟା ଓ ସାମାଜିକ ପ୍ରକ୍ରିୟା ପରସ୍ପର ସହ ଘନିଷ୍ଠ ଭାବରେ ସଂପୃକ୍ତ । କେହି କାହାରି ଠାରୁ ଅଲଗା ରହି ପାରିବେ ନାହିଁ ।

ତେଣୁ "ସାମାଜିକ ପ୍ରକ୍ରିୟା ହେଉଛି ବ୍ୟକ୍ତି ଓ ସମୁହ ମାନଙ୍କ ମଧ୍ୟରେ ଘଟୁଥିବା ଭିନ୍ନ ଭିନ୍ନ ପ୍ରକାରର ଆନ୍ତଃ କ୍ରିୟା, ଯାହା ମଧ୍ୟରେ ସହଯୋଗିତା ଓ ସଂଘର୍ଷ, ସାମାଜିକ ବିଭାଗୀକରଣ ଓ ସଂହତି, ବିକାଶ, ବନ୍ଧନ ଓ ଅବନତି ସାମିଲ ଥାଏ" । ଅନ୍ୟ ଭାଷାରେ କହିଲେ, "ସାମାଜିକ ପ୍ରକ୍ରିୟା ହେଉଛି ଏକ ମାଧ୍ୟମ ଯେଉଁ ଥିରେ ସମୁହର ସଦସ୍ୟ ମାନଙ୍କର ସମ୍ବନ୍ଧ ସବୁ କୁ ଏକାଠି କରାଗଲେ, ଏକ ବିଶେଷ ଭିନ୍ନ ପରିଚୟ ଧାରଣା କରେ ।"


ସାମାଜିକ ପ୍ରକ୍ରିୟା ତୁଳନାରେ ସାମାଜିକ ଆନ୍ତଃ-କ୍ରିୟା ହେଉଛି ମୂର୍ତ୍ତ, ବାସ୍ତବ ଓ ଏହା ଭାବ ବିନିମୟ, ସାମାଜିକ ସଂପର୍କ ତଥା ପାରସ୍ପାରିକ ଆନ୍ତ-ର୍ସମ୍ବନ୍ଧ ଉପରେ ଆଧାରିତ । ପରସ୍ପର କୁ ପ୍ରଭାବିତ କରୁଥିବା ଏକ ବ୍ୟବସ୍ଥା ଦ୍ୱାରା ବାନ୍ଧି ହୋଇ ଥିବା ସମାଜର ସଦସ୍ୟ ମାନଙ୍କର ଆନ୍ତଃ-କ୍ରିୟା କୁ ସମାଜିକ ଆନ୍ତଃ କ୍ରିୟା କୁହାଯାଏ । ଅଧିକାଂଶ ଭାବରେ ଏହା ସମକଳୀନ ସାମାଜିକ ସ୍ଥିତି କୁ ଦର୍ଶାଏ, ଓ ଏଥିପାଇଁ ଏହାକୁ ମୂର୍ତ୍ତ ଓ ବାସ୍ତବ କୁହାଯାଏ । ଏଣୁ, ସାମାଜିକ ଆନ୍ତଃ କ୍ରିୟା ଏକ ଜଟିଳ ପ୍ରକ୍ରିୟା ତଥା ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ, - ଏହି ତିନିଟି ମୁଖ୍ୟ ଆନ୍ତଃକ୍ରିୟାର ସ୍ୱରୂପ କୁ ନିଜ ମଧ୍ୟରେ ସାମିଲ କରିଥାଏ ।

## ୧୦. ୨ ସହଯୋଗିତା (Cooperation)

ସାଧାରଣ ଭାବରେ ସହଯୋଗିତା ହେଉଛି ଏକ ସାଧାରଣ ଲକ୍ଷ୍ୟ ହାସଲ ପାଇଁ ଏକତ୍ର କାର୍ଯ୍ୟ କରିବା । ସାମୁଦାୟିକ ପର୍ବପର୍ବାଣୀ ଯେପରିକି ଖ୍ରୀଷ୍ଟମାସ, ଦୂର୍ଗାପୂଜା, ଗୁରୁପର୍ବ, ଇଦ, ଜନ୍ମାଷ୍ଟମୀ, ରାମ ଲୀଳା ଇତ୍ୟାଦି ରେ ଆପଣ କ'ଣ କେବେ ଆପଣ ଙ୍କ ଗାଁ କିମ୍ବା ଆଖପାଖ ର ଲୋକ ମାନଙ୍କ ବ୍ୟବହାର କୁ ଲକ୍ଷ୍ୟ କରିଛନ୍ତି ? କିଛି ସ୍ୱେଚ୍ଛାସେବୀ ଘର ଘର, ଦୋକାନ ଦୋକାନ ବୁଲି ନିଜ ଗାଁ ସମୁଦାୟ ତଥା ଆଖପାଖ ର ଲୋକ ମାନଙ୍କ ଠାରୁ ଚାନ୍ଦା ଆଦାୟ କରନ୍ତି । ଏହି ଚାନ୍ଦାକୁ ଏକାଠି କରି, ଉତ୍ସବ ପାଳନ କରୁଥିବା ସମୁହ ର ସଦସ୍ୟ ମାନେ ଖର୍ଚ୍ଚ କରିବାର ଢାଞ୍ଚା ବାହାର କରନ୍ତି । ସଦସ୍ୟ ମାନଙ୍କର ପରସ୍ପର ସହ ସହଯୋଗ ବିନା ଏହିସବୁ ଉତ୍ସବ ପାଳନ ସମ୍ଭବ ନୁହେଁ । ଉତ୍ସବ ସ୍ଥାନ କୁ ସଜେଇବା, ରୀତିନୀତି ସହିତ ଉତ୍ସବ ପାଳନ କରିବା ହେଉଛି ସହଯୋଗିତାର ଉଦାହରଣ । ଏହି ସହଯୋଗିତା ପ୍ରତିବର୍ଷ

ଟୀପ୍ପଣୀ

ନିୟମିତ ଭାବରେ ଘଟିଥାଏ । ସ୍ୱେଚ୍ଛାସେବୀ ଓ ଆୟୋଜକ ମାନେ ବର୍ଷକୁ ବର୍ଷ ବଦଳିଲେ ମଧ୍ୟ ଉତ୍ସବ ର କାର୍ଯ୍ୟକଳାପ ଅବ୍ୟାହତ ରହେ ।



**ବିଭିନ୍ନ ସାମାଜିକ କାର୍ଯ୍ୟପାଇଁ ପାଣ୍ଠି ସଂଗ୍ରହ**

## ୧୦. ୨.୧ ସହଯୋଗିତା ର ପ୍ରକାର :

ସହଯୋଗିତା ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରକାର ର ହୋଇପାରେ ଯେତେବେଳେ ବ୍ୟକ୍ତିମାନେ ଏକାଠି ହୋଇ ଏକାଭଳି କାର୍ଯ୍ୟ କରନ୍ତି - ଏକାଠି ଖେଳିବା, ଏକାଠି ଉପାସନା କରିବା, କୃଷି କାର୍ଯ୍ୟ କରିବା, ପଥର ଉଠାଇବା, କାଦୁଅ ରୁ ପଥର ଉଠାଇବା ଇତ୍ୟାଦି ପ୍ରତ୍ୟକ୍ଷ ସହଯୋଗିତାର ଉଦାହରଣ । ଅନ୍ୟ ପକ୍ଷରେ ପରୋକ୍ଷ ସହଯୋଗିତା ସେତେବେଳେ ହୋଇଥାଏ, ଯେତେବେଳେ ଲୋକ ମାନେ ଏକ ସାଧାରଣ ଲକ୍ଷ୍ୟ ହାସଲ ଦିଗରେ ଭିନ୍ନ ଭିନ୍ନ କାର୍ଯ୍ୟ କରନ୍ତି । ଏଥିରେ ପ୍ରତ୍ୟେକ, ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରନ୍ତି । ଉଦାହରଣ ସ୍ୱରୂପ ବଢେଇ, ପାଣିକଳ ମିସ୍ତ୍ରୀ, ରାଜମିସ୍ତ୍ରୀ, ସ୍ଥପତି ଓ ଅଣ କୁଶଳୀ ଶ୍ରମିକ ମାନେ, ଗୃହ ନିର୍ମାଣ କରିବା ରେ ଏକାଠି କାମ କରନ୍ତି, କିନ୍ତୁ ସେମାନଙ୍କର ନିଜର ସ୍ୱତନ୍ତ୍ର କାର୍ଯ୍ୟ (ଯାହାକି ଅନ୍ୟ ଠାରୁ ଭିନ୍ନ) କରନ୍ତି ।

ଆଧୁନିକ ସମାଜରେ, ଯାନ୍ତ୍ରିକ ବିକାଶ ଉଦ୍ଦେଶ୍ୟରେ କରାଯାଉଥିବା ଅନେକ ସହଯୋଗିତା, ଭୂମିକା ବିଶେଷୀ କରଣ (Role Specialization) ଉପରେ ପର୍ଯ୍ୟବସିତ ।

ସହଯୋଗିତା କୁ ତିନି ଶ୍ରେଣୀ ରେ ବିଭକ୍ତ କରାଯାଇପାରେ : ୧ - ପ୍ରାଥମିକ ସହଯୋଗିତା, ୨- ଗୌଣ ସହଯୋଗିତା, ଓ ୩ - ଆଂଶିକ ସହଯୋଗିତା । ପ୍ରାଥମିକ ସମୁହ ଯଥା ପରିବାର, ସାଙ୍ଗସାଥୀ ସମୁହ ରେ ଦେଖାଯାଉଥିବା ସହଯୋଗିତା କୁ ପ୍ରାଥମିକ ସହଯୋଗିତା କୁହାଯାଏ । ଏଥିରେ ଲୋକମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ, ମୁହାଁମୁହିଁ ସଂପର୍କ ଥାଏ ଓ ସମୁହ ସ୍ୱାର୍ଥ ରେ ବ୍ୟକ୍ତିଗତ ସ୍ୱାର୍ଥ ସାମିଲ ଥାଏ । ଗୌଣ ସହଯୋଗିତା, ଗୌଣ ସମୁହ, ଯଥା - ସରକାର, ଶିଳ୍ପ ସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଟ୍ରେଡ୍ ୟୁନିୟନ ଇତ୍ୟାଦି ରେ ଦେଖାଯାଏ । ଯେଉଁଠାରେ ଲୋକ ମାନେ ସ୍ୱାର୍ଥ ହାସଲ ପାଇଁ ସହଯୋଗ କରିଥା'ନ୍ତି । ପରସ୍ପର ବିରୋଧି ବ୍ୟକ୍ତି ଓ ସମୁହ ଯେତେବେଳେ କୌଣସି କାରଣରୁ କୌଣସି ନିର୍ଦ୍ଦିଷ୍ଟ ସ୍ୱାର୍ଥ ପୂରଣ ପାଇଁ ଏକାଠି ହୋଇ ସହଯୋଗ କରନ୍ତି, ତାହାକୁ ଆଂଶିକ ସହଯୋଗିତା (Tertiary Co-operation) କୁହାଯାଏ । ଉଦାହରଣ ସ୍ୱରୂପ ପରସ୍ପର ବିରୋଧି ଆଦର୍ଶ ରେ ବିଶ୍ୱାସ ରଖୁଥିବା ରାଜନୈତିକ ଦଳ ମାନେ, ନିର୍ବାଚନରେ ସେମାନଙ୍କର ବିଜୟ କୁ ନିଶ୍ଚିତ କରିବା ପାଇଁ ସାମୟିକ ଭାବରେ ମେଣ୍ଟ କରିବାକୁ ଆଂଶିକ ସହଯୋଗିତା କୁହାଯାଇପାରିବ ।

ସାମାଜିକ ପ୍ରକ୍ରିୟାର ନିରନ୍ତରତା ବଜାୟ ରଖିବା ପାଇଁ ସହଯୋଗିତା ପ୍ରକ୍ରିୟା ନିହାତି ଆବଶ୍ୟକ । ତେଣୁ ସହଯୋଗିତାକୁ ଏକ ସମ୍ବନ୍ଧକାରୀ ସାମାଜିକ ପ୍ରକ୍ରିୟା କୁହାଯାଏ ଓ ଏହା ଏକ ସର୍ବବ୍ୟାପୀ ଓ ସାର୍ବଜନୀନ



ଟୀପ୍ପଣୀ

ଘଟଣା ଅଟେ । ସହଯୋଗିତା ବିନା ଆମେ ମାନେ ସମାଜର ସଦସ୍ୟ ହିସାବରେ ବଞ୍ଚିପାରିବୁ ନାହିଁ । ସହଯୋଗିତା ଏକ ଉଦ୍ଦେଶ୍ୟ କେନ୍ଦ୍ରିତ ଓ ସଚୈତନିକ ସାମାଜିକ ଆନ୍ତଃ-କ୍ରିୟା । ଏହାର ଦୁଇଟି ଉପାଦାନ ରହିଛି - ୧. ସାଧାରଣ ଲକ୍ଷ୍ୟ ଓ ୨. ସଂଗଠିତ ଉଦ୍ୟମ । ସମସ୍ତ ବ୍ୟକ୍ତିଗତ ସଦସ୍ୟ ଙ୍କର ଏକ ସାଧାରଣ ଲକ୍ଷ୍ୟ ଥାଏ, ଯଥା- ଉତ୍ସବ ପାଳନ । କିନ୍ତୁ ଏହା ସେମାନେ ହାସଲ ସେତେବେଳେ କରିପାରିବେ, ଯେତେବେଳେ ସମସ୍ତ ସଦସ୍ୟ ସଂଗଠିତ ଭାବରେ ପରସ୍ପର ସହିତ ସହଯୋଗ କରିବେ । ଏହି ସହଯୋଗିତାର ଉଦାହରଣ ପରିବାର, ସମୁଦାୟ ଓ ଦେଶ ବା ରାଷ୍ଟ୍ର ସ୍ତରରେ ଦେଖାଯାଏ । ପରିବାର ର ସଦସ୍ୟ ମାନେ ଆର୍ଥିକ, ଆବେଗାତ୍ମକ, ଓ ସାମାଜିକ ଆବଶ୍ୟକତା ରେ ଭାଗୀଦାର ହୋଇ ପରସ୍ପର ସହ ସହଯୋଗ କରନ୍ତି । ଯଦି ପରିବାରର କୌଣସି ସଦସ୍ୟ ଅସୁସ୍ଥ ହୋଇପଡ଼େ ବା କୌଣସି କାରଣ ରୁ ମାନସିକ ଚାପ ମଧ୍ୟରେ ରହେ, ତାହାହେଲେ, ପରିବାର ର ଅନ୍ୟ ସଦସ୍ୟ ମାନେ ସେମାନଙ୍କର ନିୟମିତ କାର୍ଯ୍ୟ ଛାଡ଼ି, ଅସୁସ୍ଥ ସଦସ୍ୟ ର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେଇଥା'ନ୍ତି । ଯଦି ଜଣେ ଡାକ୍ତର ଡାକିଲା ତ ଆଉଜଣେ ଔଷଧ ଆଣିଦିଏ ତ ଆଉକିଏ ଅସୁସ୍ଥ ସଦସ୍ୟ ପାଇଁ ପଥ୍ୟ ପ୍ରସ୍ତୁତ କରେ, ତା'ର ନିୟମିତ ଆବଶ୍ୟକତା କୁ ପୂରଣ କରିବା ପାଇଁ ତା' ପାଖରେ ଜଗିରହେ ଇତ୍ୟାଦି । ପରିବାର ସଦସ୍ୟଙ୍କର ସହଯୋଗିତା ପାଇଁ ଅସୁସ୍ଥ, ତଥା ମାନସିକ ଚାପ ଗ୍ରସ୍ତ ବ୍ୟକ୍ତି ମାନେ କଷ୍ଟକର ପରିସ୍ଥିତି ସହ ଖାପ ଖୁଆଇ ଚଳିଯା'ନ୍ତି ।

କେବଳ ଯେ ସଂକଟ ସମୟରେ ପରିବାର ସଦସ୍ୟ ମାନଙ୍କ ମଧ୍ୟରେ ସହଯୋଗିତା ହୁଏ, ତା ନୁହେଁ, ଆମର ଦୈନିନ୍ଦିନ ଜୀବନ ରେ ଘରର ଦୈନିକ ଆବଶ୍ୟକତା ପୂରଣ କରିବାରେ ସଦସ୍ୟ ମାନେ ସହଯୋଗ କରିଥା'ନ୍ତି । ଜାଳେଣୀ କାଠ ତଥା ଇନ୍ଧନ ର ଅନ୍ୟ ମାଧ୍ୟମ ସଂଗ୍ରହ କରିବା, ଅଟା ପେସିବା, ପରିବା ସଉଦା, ଆଣିବା ରୋଷେଇ କରିବା, ସନ୍ତାନ ମାନଙ୍କର ଯତ୍ନ ନେବା, ଗୃହପାଳିତ ପଶୁମାନଙ୍କର ଦେଖାଶୁଣା କରିବା, ଗଛରେ ପାଣି ଦେବା, ପିଇବା ପାଣି ସଂଗ୍ରହ କରିବା ଇତ୍ୟାଦି କେବଳ ପରିବାର ର ସଦସ୍ୟ ମାନଙ୍କର ସହଯୋଗ ପାଇଁ ସହଜରେ ସମ୍ଭବ ହୋଇଥାଏ । ଏହି ସବୁ କାର୍ଯ୍ୟ ଅନ୍ତରାଳ ରେ ନିହିତ ଥିବା ଶ୍ରମ-ବିଭାଜନ ଯୋଗୁଁ ଏହି ପ୍ରକାର ସହଯୋଗିତା ସମ୍ଭବ ହୁଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୦.୧

ନିମ୍ନୋକ୍ତ ପ୍ରତି ପ୍ରଶ୍ନ ପାଇଁ ଦିଆଯାଇଥିବା ବିକଳ୍ପ ମାନଙ୍କ ମଧ୍ୟରୁ ସଠିକ ଉତ୍ତର ବାଛି, ଶୂନ୍ୟସ୍ଥାନ ପୂରଣ କରନ୍ତୁ । ଆବଶ୍ୟକ ସ୍ଥଳେ ଠିକ୍ (✓) ଚିହ୍ନ ଦିଅନ୍ତୁ ।

୧. ସହଯୋଗିତା ହେଉଛି -
   (କ) ସାଧାରଣ ଓ ସଂଗଠିତ ଉଦ୍ୟମ
   (ଖ) ଭିନ୍ନ ଉଦ୍ଦେଶ୍ୟ ଥିବା ସଂଗଠିତ ଉଦ୍ୟମ
   (ଗ) ଦୁଇଟି ଲକ୍ଷ ଓ ଏକ କାର୍ଯ୍ୟ-ନୀତି (Strategy)
   (ଘ) ଉପରୋକ୍ତ କେହି ନୁହେଁ

୨. ________ ର କାର୍ଯ୍ୟକଳାପ ସହଯୋଗିତାର ଲକ୍ଷଣ ପ୍ରକାଶ କରିବଥାଏ ।
   (କ) ତର୍କରେ ଭାଗନେବା
   (ଖ) ଗୃହ ନିର୍ମାଣ କରିବା
   (ଗ) ପରୀକ୍ଷା ଦେବା
   (ଘ) ନିର୍ବାଚନ ଲଢ଼ିବା



ଟୀପ୍ପଣୀ

୩. ଦଶହରା, ଇଦ୍ ବା ଜନ୍ମାଷ୍ଟମୀ ଉତ୍ସବ ପାଳନ, ସାମୁହିକ ଉଦ୍ୟମ ଆବଶ୍ୟକ କରେ, ଯାହା __________ କୁ ପ୍ରତିଫଳିତ କରେ ।

(କ) ପ୍ରତିଯୋଗିତା, (ଖ) ସଂଘର୍ଷ, (ଗ) ସହଯୋଗିତା

୪. ସମାଜବିଜ୍ଞାନୀ ସହଯୋଗିତାର ଶ୍ରେଣୀ ବିଭାଗ __________ ହିସାବରେ କରିଛନ୍ତି ।

(କ) ପ୍ରତ୍ୟକ୍ଷ ଓ ପରୋକ୍ଷ

(ଖ) ପ୍ରାଥମିକ, ଗୌଣ ଓ ଆଂଶିକ

(ଗ) ଉଭୟ (କ) ଓ (ଖ)

(ଘ) ଉପରୋକ୍ତ କେହି ନୁହେଁ

୫. ସହଯୋଗିତା ହେଉଛି __________ ପ୍ରକାରର ସାମାଜିକ ଆନ୍ତଃ କ୍ରିୟା ।

(କ) ଅସମ୍ମିଳିତ, (ଖ)ଲକ୍ଷ୍ୟ କେନ୍ଦ୍ରିତ, (ଗ) ସଂସ୍କୃତି- ନିର୍ଦ୍ଧିଷ୍ଟ

୬. ଆଧୁନିକ ସମାଜରେ ବ୍ୟକ୍ତି କୁ ବିଶେଷ କରି __________ ପ୍ରକାର ର ସହଯୋଗିତା ର ସାମ୍ନା କରିବାକୁ ପଡ଼େ ।

(କ) ପରୋକ୍ଷ, (ଖ) ସ୍ପଷ୍ଟ (ଗ) ପ୍ରତ୍ୟକ୍ଷ

୭. ଶ୍ରମ ବିଭାଜନ ର ସିଦ୍ଧାନ୍ତ ସେହି ସ୍ଥିତି କୁ ଦର୍ଶାଏ ଯେତେବେଳେ -

(କ) ପ୍ରତ୍ୟେକ ବ୍ୟକ୍ତି ବା ସମୁହ ନିଜର ସ୍ୱତନ୍ତ୍ର ଭୂମିକା ନିର୍ବାହ କରନ୍ତି ।

(ଖ) ସମସ୍ତ ବ୍ୟକ୍ତି ଓ ସମୁହ ଏକାପରି କାର୍ଯ୍ୟ କରନ୍ତି ।

(ଗ) ଉଭୟ (କ) ଓ (ଖ)

(ଘ) ଉପରୋକ୍ତ କେହି ନୁହେଁ ।

## ୧୦. ୩ ପ୍ରତିଯୋଗିତା (Competition)

ପ୍ରତିଯୋଗିତା ମଧ୍ୟ ଏକ ପ୍ରକାରର ଆନ୍ତଃ-କ୍ରିୟା ।ଏହା ହେଉଛି ପାରସ୍ପାରିକ ସାନ୍ନିଧ୍ୟ ତଥା ଯୋଗାଯୋଗ ନ ଥିବା ବ୍ୟକ୍ତି ଓ ସମୁହ ମାନଙ୍କ ମଧ୍ୟରେ ହେଉଥିବା ସଂଗ୍ରାମ । ବ୍ୟକ୍ତି ଓ ସମୁହ ମାନଙ୍କର ମଧ୍ୟରେ ଘଟୁଥିବା ସେହିସବୁ ନିରନ୍ତର, ଅବୟୋକ୍ତିକ ଓ ଅଚୈତନିକ ସଂଗ୍ରାମ, ଯାହାକି ସେମାନଙ୍କର ଅସୀମିତ ଇଚ୍ଛା ସବୁର ପୂରଣ ପାଇଁ ଉଦ୍ଦିଷ୍ଟ, ପ୍ରତିଯୋଗିତା ନାମରେ ପରିଚିତ । ଏହି ଇଚ୍ଛା ସବୁର ସମସ୍ତଙ୍କର ପାଇଁ ଗୁରୁତ୍ୱ ଥାଏ, କିନ୍ତୁ ସୀମିତ ଥିବା ଦ୍ରବ୍ୟ ପୁରସ୍କାର, ବସ୍ତୁ ସମସ୍ତଙ୍କୁ ମିଳିନଥାଏ । ସେଥିପାଇଁ ସଭ୍ୟ ସମାଜରେ ପ୍ରତିଯୋଗିତା ର ସାହାଯ୍ୟ ନିଆଯାଏ । କାରଣ "ଜୋର ଯାହାର ମୁଲକ ତାହାର" (Might is Right) ନ୍ୟାୟରେ ସଭ୍ୟ ସମାଜ ବିଶ୍ୱାସ କରେ ନାହିଁ ।

ପ୍ରତିଯୋଗିତା ଆର୍ଥିକ ପ୍ରସ୍ଥିତି ପାଇବା ଲକ୍ଷ୍ୟରେ, ସାମାଜିକ ସ୍ଥାନ ହାସଲ କରିବା ପାଇଁ ଏକ ସଂଗ୍ରାମ । ସମାଜ ବ୍ୟବସ୍ଥାରେ ବ୍ୟକ୍ତି ବା ବ୍ୟକ୍ତିମାନଙ୍କର ସମୁହର ସ୍ଥିତି ନିରୂପଣ କରିବା ପାଇଁ ବିଭିନ୍ନ ମାପ କାଠି, ଯଥା- ଆୟ, ଧନ, ସାମାଜିକ ପ୍ରତିଷ୍ଠା, ରାଜନୈତିକ କ୍ଷମତା, ଶିକ୍ଷା ଇତ୍ୟାଦି ର ସାହାଯ୍ୟ ନିଆଯାଏ । ଆବଶ୍ୟକ ମାତ୍ରାରେ ଉପଲବ୍ଧ ନଥିବା ବସ୍ତୁ, ପ୍ରତିଷ୍ଠା, ସମ୍ମାନ ଇତ୍ୟାଦି ପାଇବା ପାଇଁ ହେଉଥିବା ଲଢେଇକୁ ପ୍ରତିଯୋଗିତାର ପରିଭାଷା ଦିଆଯାଇଛି ।

ଯେଉଁ ପ୍ରକ୍ରିୟା ମାଧ୍ୟମରେ ବ୍ୟକ୍ତି ଓ ସମୁହ ମାନେ ଅଳ୍ପମାତ୍ରାରେ ଉପଲବ୍ଧ ଥିବା ବସ୍ତୁ, ଦ୍ରବ୍ୟ, ସେବା, ସାମାଜିକ ସ୍ଥାନ, ରାଜନୈତିକ କ୍ଷମତା, ଆର୍ଥିକ ଓ ବୃତ୍ତିଗତ ସୁବିଧା ସୁଯୋଗ ଇତ୍ୟାଦି ପାଇବା କୁ ଚେଷ୍ଟା



ଟୀପ୍ପଣୀ

କରିଥାନ୍ତି, ତାହାକୁ ପ୍ରତିଯୋଗିତା କୁହାଯାଏ । ଏହିସବୁ ବସ୍ତୁର ଅନେକ ଗ୍ରାହକ ଥା'ନ୍ତି । ପ୍ରତ୍ୟେକ ବ୍ୟକ୍ତି ଏହା ପାଇବା କୁ ଇଚ୍ଛାକରେ କିନ୍ତୁ ଏସବୁ ବସ୍ତୁ କମ୍ ମାତ୍ରାରେ ଉପଲବ୍ଧ ଥିବା ହେତୁରୁ ସମସ୍ତେ ପାଇ ପାରନ୍ତି ନାହିଁ । କିନ୍ତୁ ସମାଜ ଏହି ସବୁ ଜିନିଷ ପାଇବାକୁ ସବୁ ଲୋକଙ୍କୁ ସମାନ ସୁଯୋଗ ଦେଇଥାଏ ।

ଏକ ସାମାଜିକ ପ୍ରକ୍ରିୟା ହିସାବରେ ପ୍ରତିଯୋଗିତା ଔପଚାରିକ ଆନୁଷ୍ଠାନିକ ପରିବେଶ ରେ ଘଟୁଥିବା ଆନ୍ତଃକ୍ରିୟା ପ୍ରକ୍ରିୟା ର ଲକ୍ଷଣ ବହନ କରିଥାଏ । ଉଦାହରଣ ସ୍ୱରୂପ, ସ୍କୁଲ ଓ କଲେଜ ମାନଙ୍କରେ ସର୍ବୋଚ୍ଚ ନମ୍ବର ତଥା ଉଚ୍ଚତମ ସ୍ଥାନ ପାଇବା ପାଇଁ ଛାତ୍ର ଛାତ୍ରୀ ପରସ୍ପର ସହିତ ପ୍ରତିଯୋଗିତା କରନ୍ତି । ସେମାନେ ମଧ୍ୟ ଖେଳକୁଦ, ବିତର୍କ ସାର୍ବଜନିକ ଭାଷଣ, ରଚନା ଲିଖନ, ଡ୍ରାମା, ଚିତ୍ରାଙ୍କନ, ପେଣ୍ଟିଙ୍ଗ ତଥା ପ୍ରଦର୍ଶନୀ ଓ ଅନ୍ୟ ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା କରନ୍ତି । ଏହି ସବୁ ପ୍ରତିଯୋଗିତା ନିର୍ଦ୍ଦିଷ୍ଟ ନିୟମ, କାନୁନ ଅନୁସାରେ ହୋଇଥାଏ, ଯେଉଁ ବ୍ୟକ୍ତି, ଏହି ସବୁ ନିୟମ କାନୁନ ଅନୁସାରେ ସବୁଠାରୁ ଭଲ ପ୍ରଦର୍ଶନ କରେ, ସେ ବିଜୟୀ ହୁଏ ଓ ପୁରସ୍କାର ଲାଭ କରେ । ଦୁଇଟି ଉଦାହରଣ ସହିତ ଏକ ସଂକ୍ଷିପ୍ତ ଆଲୋଚନା ଆମ କାର୍ଯ୍ୟକୁ ଅତି ସହଜ କରିଦେବ । ଆପଣ କ'ଣ କେବେ ଚାକିରୀ ରେ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷା ଦେବା କଥା ଭାବିଛନ୍ତି ? ଯଥା – ଭାରତୀୟ ଲୋକ ସେବା ଆୟୋଗ ବ୍ୟାଙ୍କ, ରେଳବାଇ, ସେନାବାହିନୀ ଇତ୍ୟାଦି । ଏହି ସବୁ ଚାକିରୀ କମ୍ ମାତ୍ରା ରେ କେବଳ ଉପଲବ୍ଧ ତା' ନୁହେଁ, ଏହା ସହିତ ଅନେକ ପ୍ରତିଷ୍ଠା ଓ ସମ୍ମାନ ଜଡିତ । ନିଯୁକ୍ତି ପ୍ରକ୍ରିୟା ର ଏକ କାର୍ଯ୍ୟ-ପ୍ରଣାଳୀ ଥାଏ ଯାହା ଚୟନ ଓ ଅପସାରଣ କାର୍ଯ୍ୟ କରିଥାଏ । ଉଦାହରଣ ସ୍ୱରୂପ, କେନ୍ଦ୍ରିୟ ଲୋକ ସେବା ଆୟୋଗ, ଭାରତୀୟ ପ୍ରଶାସନିକ ସେବା ଓ ସମ୍ବନ୍ଧିତ ସେବାମାନଙ୍କ ପାଇଁ ପରୀକ୍ଷା ଆୟୋଜନ କରିଥାଏ । ଏହି ପରୀକ୍ଷାର ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରାରମ୍ଭିକ ପରୀକ୍ଷାରେ ଏକ ବୃହତ୍ ସଂଖ୍ୟକ ପରୀକ୍ଷାର୍ଥୀ ଙ୍କର ଅପସାରଣ ତଥା କମ୍ ସଂଖ୍ୟକ ପରୀକ୍ଷାର୍ଥୀଙ୍କର ମୁଖ୍ୟ ପରୀକ୍ଷା ପାଇଁ ଚୟନ । ଏହିସବୁ ପରୀକ୍ଷାରେ ବସିବା ପାଇଁ ନିର୍ଦ୍ଦିଷ୍ଟ ନୀତିନିୟମ ସବୁ ରହିଛି । ଯେପରିକି - ସର୍ବନିମ୍ନ ଯୋଗ୍ୟତା, ବୟସ ସୀମା, ଶିକ୍ଷାଗତ ଯୋଗ୍ୟତା, ବିଷୟ ସମୁହ ର ଚୟନ, ବିକଳ୍ପ ବିଷୟ ମାନ, ପରୀକ୍ଷା ର ଭାଷା, ପରୀକ୍ଷା ପାଇଁ ଉଦ୍ୟମ ର ସଂଖ୍ୟା ଇତ୍ୟାଦି । ଏହି ପରୀକ୍ଷା ଦେଉଥିବା ପ୍ରାର୍ଥୀମାନେ, ପରୀକ୍ଷା ସମ୍ବନ୍ଧିତ ସବୁ ନିୟମ ମାନିବାକୁ ବାଧ୍ୟ ହୋଇଥା'ନ୍ତି । ଅନ୍ୟ ଭାଷାରେ କହିଲେ ସେମାନଙ୍କୁ ନିୟମ ର ସୀମାରେଖା ମଧ୍ୟରେ ରହି ପ୍ରତିଯୋଗିତା କରିବାକୁ ପଡ଼େ । ଏହି ପ୍ରତିଯୋଗିତା ମାଧ୍ୟମରେ ସମାଜର ପ୍ରତିଷ୍ଠିତ ଓ ସମ୍ମାନ ଜନକ ସ୍ଥାନ / ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ମାନଙ୍କର ଚୟନ ହୋଇଥାଏ ।

ମ୍ୟୁନିସିପାଲିଟି, ରାଜ୍ୟବିଧାନ ସଭା ତଥା ରାଷ୍ଟ୍ରିୟ ସଂସଦ ପାଇଁ ହେଉଥିବା ନିର୍ବାଚନ ମଧ୍ୟ ପ୍ରତିଯୋଗିତାର ଲକ୍ଷଣ ବହନ କରିଥାଏ । ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ନିୟମ ସବୁ ଥାଏ, ଯଥା- ପ୍ରାର୍ଥୀ ପତ୍ର ଦାଖଲ, ପ୍ରତ୍ୟାହାର, ନିର୍ବାଚନ ପ୍ରଚାର ର ଆଚରଣ ବିଧି ତଥା ଅନ୍ୟାନ୍ୟ ନିୟମ । ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ନିୟମ ଅଧିନ ରେ କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ନିୟମ ଅଧିନ ରେ ରହି କାର୍ଯ୍ୟ କରିଥା'ନ୍ତି, ଅନ୍ୟଥା ସେମାନଙ୍କର ପ୍ରାର୍ଥୀତ୍ୱ କୁ ଆସିଦ୍ଧ ଘୋଷଣା କରିଦିଆଯାଏ ।

ପ୍ରତିଯୋଗିତା ହେଉଛି ସେହି ମୌଳିକ ସାମାଜିକ ସଂଗ୍ରାମ, ଯାହା, ଆବଶ୍ୟକତା ଅନୁଯାୟୀ ଉପଲବ୍ଧତା କମିଯିବା ସ୍ଥିତିରେ ଉତ୍ପନ୍ନ ହୁଏ । ପ୍ରତିଯୋଗିତାର ମୌଳିକ ସିଦ୍ଧାନ୍ତ ହେଉଛି – "ଜନତା ଙ୍କର ଅପୂରଣୀୟ



ଟୀପ୍ପଣୀ

ଆବଶ୍ୟକତା ଓ ପର୍ଯ୍ୟାପ୍ତ ସମ୍ବଳ ନଥିବା ଏକ ପୃଥିବୀ" । ଆମ ସମାଜରେ ସାଧାରଣତଃ ଉପଲବ୍ଧ ଥିବା ଚାକିରୀ ଠାରୁ ଚାକିରୀ ଆଶାୟୀ ଙ୍କ ସଂଖ୍ୟା ବହୁ ଅଧିକ ଥାଏ । ତେଣୁ ଉପଲବ୍ଧ ଥିବା ଚାକିରୀ ମାନଙ୍କ ପାଇଁ ପ୍ରତିଯୋଗିତା ହୋଇଥାଏ । ଯେଉଁ ମାନେ ପୂର୍ବରୁ ଚାକିରୀ ରେ ଅଛନ୍ତି, ସେମାନେ ପଦୋନ୍ନତି ଓ ଉଚ୍ଚସ୍ଥାନ ପାଇଁ ପ୍ରତିଯୋଗିତା କରନ୍ତି । କେବଳ ଯେ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ପ୍ରତିଯୋଗିତା ହୁଏ, ତା ନୁହେଁ, ବିଳାସ ବ୍ୟସନ, କ୍ଷମତା, ସାମାଜିକ ସ୍ଥିତି, ସୁନାମ ତଥା ଯଶ ଓ ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରତିଯୋଗିତା ହୋଇଥାଏ ।

## ୧୦.୩.୧ ପ୍ରତିଯୋଗିତା ର ଲକ୍ଷଣ :

୧. ପ୍ରତିଯୋଗିତା ଏକ ଅବୟୋକ୍ତିକ ସଂଗ୍ରାମ- ପ୍ରତିଯୋଗିତା କେବେ ହେଲେ ବ୍ୟକ୍ତିକୈନ୍ଦ୍ରିକ ହୋଇନଥାଏ । କେତେକ ସମାଜବିଜ୍ଞାନୀ ପ୍ରତିଯୋଗିତା କୁ "ସାମାଜିକ ସଂପର୍କ / ସାନ୍ନିଧ ନଥିବା ଏକ ଆନ୍ତଃ କ୍ରିୟା" ବୋଲି କହିଛନ୍ତି । ଏହା ସାଧାରଣତଃ ନିର୍ଦ୍ଦିଷ୍ଟ ଭାବରେ କୌଣସି ବ୍ୟକ୍ତି ଓ ସମୁହ ବିରୁଦ୍ଧରେ କରାଯାଏ ନାହିଁ ।

୨. ପ୍ରତିଯୋଗିତା ମୁଖ୍ୟତଃ ଏକ ଅଚୈତନିକ କାର୍ଯ୍ୟ, କିନ୍ତୁ ବେଳେବେଳେ ଏହା ସଚୈତନିକ ରୂପ ନେଇଥାଏ । ଯେତେବେଳେ ଏହି ପ୍ରକ୍ରିୟାରେ ପ୍ରତିଯୋଗିତା ର ଲକ୍ଷ୍ୟ ବସ୍ତୁ ଠାରୁ ପ୍ରତିଯୋଗି ମାନଙ୍କ ଆଡ଼କୁ ଧ୍ୟାନ ଚାଲିଯାଏ ସେତେବେଳେ ଏହା ପାରସ୍ପାରିକ ଦ୍ୱନ୍ଦ୍ୱ ବା ବ୍ୟକ୍ତିଗତ ପ୍ରତିଯୋଗିତା ହୋଇଯାଏ । ବ୍ୟକ୍ତି ଗତ ଦ୍ୱନ୍ଦ୍ୱ ହେଉଛି ଏକ ସଚୈତନିକ କାର୍ଯ୍ୟ ।

୩. ପ୍ରତିଯୋଗିତା ଏକ ସର୍ବବ୍ୟାପୀ ପ୍ରକ୍ରିୟା । କୌଣସି ବି ସମାଜ ପ୍ରତିଯୋଗିତା କୁ ଛାଡ଼ି ରହିପାରିବେ ନାହିଁ । କିନ୍ତୁ ପ୍ରତିଯୋଗିତାର ବ୍ୟାପକତା ଓ ମାତ୍ରା ଭିନ୍ନ ଭିନ୍ନ ସମାଜରେ ଦେଖାଯାଏ । ସମସ୍ତ ଜ୍ଞାତ ମାନବ ସମାଜ ଓ ସଂସ୍କୃତିରେ ପ୍ରତିଯୋଗିତା ଦେଖାଯାଏ ।

୪. ପ୍ରତିଯୋଗିତା ବିକାଶ ପାଇଁ ଉପଯୁକ୍ତ, ଉଚିତ ତଥା ନ୍ୟାୟପୂର୍ଣ୍ଣ ନୀତିନିୟମ ଯୁକ୍ତ ପ୍ରତିଯୋଗିତା ସାମାଜିକ-ଆର୍ଥିକ ପ୍ରଗତି ତଥା ଜନମଙ୍ଗଳ କରିଥାଏ । ଏହା ମାଧ୍ୟମରେ ବ୍ୟକ୍ତି ଓ ସମୁହ ମାନେ ସେମାନଙ୍କର ସର୍ବୋତ୍ତମ ଉଦ୍ୟମ କରିଥା'ନ୍ତି । ବିକାଶ ବା ପ୍ରଗତି ସହିତ ପ୍ରତିଯୋଗିତାର ସ୍ପଷ୍ଟ ସଂପର୍କ କୁ କିଛି ସମାଜ ବିଜ୍ଞାନୀ ଆଧୁନିକ ସଭ୍ୟତାର ଲକ୍ଷଣ ଉଦ୍ରେକକାରୀ ବୋଲି କହିଛନ୍ତି । ପ୍ରତିଯୋଗିତା ବ୍ୟକ୍ତିମାନଙ୍କର, ସାମାଜିକ ସ୍ୱୀକୃତି ଓ ନୂଆ ଅନୁଭବର ଇଚ୍ଛା ର ପରିପୂରଣ ପାଇଁ ଉପଯୁକ୍ତ ସୁଯୋଗ ପ୍ରଦାନ କରିଥାଏ ।

୫. କେବେକେବେ, ବ୍ୟକ୍ତି ଓ ସମୁହ ମାନଙ୍କ ପାଇଁ ତ୍ରୁଟିପୂର୍ଣ୍ଣ ହୋଇ ଆବେଗାତ୍ମକ ଅଶାନ୍ତି ସୃଷ୍ଟି କରିଥାଏ । ଅନୁଚିତ ପ୍ରତିଯୋଗିତା ର ପ୍ରଭାବ ସମାଜର ସଂହତି ବିପନ୍ନ କରିଥାଏ । ସହଯୋଗିତା ଓ ପ୍ରତିଯୋଗିତା ଉଭୟ ଦୈନନ୍ଦିନ ଜୀବନର ଅଧିକାଂଶ ଆନ୍ତଃ କ୍ରିୟା ର ନିର୍ଯ୍ୟାସ ଅଟନ୍ତି । କୌଣସି ବି ସମାଜ ସଂପୂର୍ଣ୍ଣ ଭାବେ ସହଯୋଗାତ୍ମକ ନୁହେଁ କି ପ୍ରତିସ୍ପର୍ଧାତ୍ମକ ନୁହେଁ ।

୬. ପ୍ରତିଯୋଗିତା ସାମାଜିକ ପ୍ରକ୍ରିୟାର ଉଭୟ ଦିଗ ଯଥା- ସମ୍ବନ୍ଧକାରୀ ଓ ବିସମ୍ବନ୍ଧକାରୀ କୁ ଦର୍ଶାଏ ।



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୦.୨ ଓ ୧୦.୩

ନିମ୍ନୋକ୍ତ ପ୍ରତି ପ୍ରଶ୍ନ ପାଇଁ ଦିଆଯାଇଥିବା ବିକଳ୍ପ ମାନଙ୍କ ମଧ୍ୟ ରୁ ଉପଯୁକ୍ତ ଉତ୍ତର ବାଛି ଶୂନ୍ୟ ସ୍ଥାନ ପୂରଣ କରନ୍ତୁ ବା ଠିକ୍ ( ) ଚିହ୍ନ ଦିଅନ୍ତୁ ।

୧. କମ୍ ଉପଲବ୍ଧ ଥିବା ବସ୍ତୁମାନଙ୍କୁ ପାଇବା ପାଇଁ ଯେତେବେଳେ ବ୍ୟକ୍ତି ଓ ସମୁହ ମାନେ ଉଦ୍ୟମ କରନ୍ତି । ସେତେବେଳେ ସେମାନଙ୍କ ମନରେ ________ ଭାବନା ଜାଗ୍ରତ ହୁଏ ।

(କ) ସହଯୋଗୀ ବ୍ୟବହାର (ଖ) ପ୍ରତିଯୋଗୀ (ଗ) ସମଯୋଜନ (ଘ) ଶାନ୍ତି ପୂର୍ଣ୍ଣ ସହାବସ୍ଥାନ

୨. ଯେତେବେଳେ ପ୍ରତିଯୋଗିତା ର ବସ୍ତୁ ଉପରୁ ପ୍ରତିଯୋଗି ମାନଙ୍କ ର ଧ୍ୟାନ ଅପସରି ଯାଇ ପ୍ରତିଯୋଗୀ ମାନଙ୍କ ଉପରେ କେନ୍ଦ୍ରିତ ହୁଏ ତାହାକୁ ________ କୁହାଯାଏ ।

(କ) ଅପ୍ରତ୍ୟକ୍ଷ ପ୍ରତିଯୋଗିତା (ଖ) ବିଶ୍ୱାସ ଘାତକତା

(ଗ) ପାରସ୍ପରିକ ଶତ୍ରୁତା (ଘ) ସାମାଜିକ ସଂପର୍କ

୩. ସମାଜର ବହୁ ସଦସ୍ୟ ପରସ୍ପର ସହ ପ୍ରତିଯୋଗିତା କରନ୍ତି, ଯେତେବେଳେ ________ ।

(କ) ସୀମିତ ସଂଖ୍ୟକ ଚାକିରୀ ପାଇଁ ବହୁ ସଂଖ୍ୟକ ବ୍ୟକ୍ତି ଆବେଦନ କରନ୍ତି ।

(ଖ) ଅଧିକ ସୁଯୋଗ ପାଇଁ ଅଳ୍ପ ସଂଖ୍ୟକ ଆଶାୟୀ ଥା'ନ୍ତି ।

(ଗ) ଉଭୟ (କ) ଓ (ଖ)

(ଘ) ଉପରୋକ୍ତ କେହି ନୁହେଁ ।

୪. ପ୍ରତିଯୋଗିତା ପ୍ରଗତି ପାଇଁ ________ ଅଟେ ।

(କ) ପ୍ରତିବନ୍ଧକ (ଖ) ଉତ୍ତମ (ଗ) ଆବଦ୍ଧ (ଘ) ବିରୋଧି

୫. ପ୍ରତିଯୋଗିତା ହେଉଛି ________ ସ୍ତରରେ କରାଯାଉଥିବା ଏକ ସଂଗ୍ରାମ ।

(କ) ବ୍ୟକ୍ତିଗତ (ଖ) ସଚୈତନିକ (ଗ) ଅବୟୋକ୍ତିକ (ଘ) ଉପରୋକ୍ତ କେହି ନୁହେଁ ।

୬. ସାମାଜିକ ସଂପର୍କ / ସାନିଧ୍ୟ ବିହୀନ ଆନ୍ତଃ କ୍ରିୟାକୁ ________ କୁହାଯାଏ ।

(କ) ସହଯୋଗିତା (ଖ) ପ୍ରତିଯୋଗିତା (ଗ) ସଂଘର୍ଷ (ଘ) ଉପରୋକ୍ତ କେହି ନୁହେଁ ।

୭. ଏକ ସାମାଜିକ ଆନ୍ତଃ କ୍ରିୟା ________ ର ଲକ୍ଷଣ ବହନ କରିଥାଏ ।

(କ) କେବଳ ସହଯୋଗିତା (ଖ) କେବଳ ପ୍ରତିଯୋଗିତା

(ଗ) ଉପରୋକ୍ତ (କ) ଓ (ଖ) (ଘ) ଉପରୋକ୍ତ କେହି ନୁହେଁ ।

## ୧୦.୪ ସଂଘର୍ଷ (Conflict)

ସଂଘର୍ଷ, ସମାଜିକ ଆନ୍ତଃ କ୍ରିୟା ର ଅନ୍ୟ ଏକ ସ୍ୱରୂପ ଅଟେ ତଥା ଏକ ବିରୋଧ ର ପ୍ରକ୍ରିୟା କୁ ଦର୍ଶାଏ । ଏହା ପ୍ରତ୍ୟେକ ସମାଜ ବା ସାମାଜିକ ବ୍ୟବସ୍ଥାରେ ନିହିତ ଥାଏ ଓ ମନୋଭାବ, ବ୍ୟବହାର, ଚିରାଚରିତ ପ୍ରକୃତି ଓ ସାମାଜିକ ଦ୍ୱନ୍ଦ୍ୱ ରେ ପ୍ରତିଫଳିତ ହୋଇଥାଏ । ଯେତେବେଳେ ସମାଜର ଏକ ସମୁହ ର ଆଦର୍ଶ ଓ ପ୍ରତିମାନ, ଅନ୍ୟ ଏକ ସମୁହର ଆଦର୍ଶ ଓ ପ୍ରତିମାନ ସହ ଲଢେଇ କରନ୍ତି ଓ ଅନ୍ୟ ପ୍ରକାରେ ଯେତେବେଳେ କୌଣସି ସମୁହ ନିଜର ମୂଲ୍ୟ ବୋଧ ଓ ପରିଚୟ କୁ ରକ୍ଷା କରିବାକୁ ସଂଗ୍ରାମ କରୁଥାଏ, ସେତେବେଳେ ସଂଘର୍ଷ ର ପ୍ରକ୍ରିୟା ଆରମ୍ଭ ହୋଇଥାଏ । ସଂଘର୍ଷ ସେତେବେଳେ ମଧ୍ୟ ସୃଷ୍ଟି ହୁଏ, ଯେତେବେଳେ ଜଣେ ବ୍ୟକ୍ତି କିମ୍ବା ସମୁହ, ଅନ୍ୟ ବ୍ୟକ୍ତି କିମ୍ବା ସମୁହର ଲକ୍ଷ୍ୟ ହାସଲ ରେ ବାଧା ସୃଷ୍ଟି କରୁଥିବା ନିଜର ଉଦ୍ଦେଶ୍ୟ ପୂରଣ କରିବାକୁ ଚେଷ୍ଟା କରନ୍ତି ।



ଟୀପ୍‌ପଣୀ

ସଂଘର୍ଷ ପ୍ରକ୍ରିୟାରେ ଘୃଣା, ଶତ୍ରୁତା, ପରସ୍ପର ବିରୋଧୀ ମନୋଭାବ, ଅବଜ୍ଞା ଭାବ, ଦ୍ୱନ୍ଦ୍ୱ ଓ ଉତ୍ତେଜନା ଇତ୍ୟାଦି ସାମିଲ ଥାଏ । ଏହିସବୁ, ଚିରାଚରିତ ବକ୍ତବ୍ୟ ଓ ସେହିପରି କାର୍ଯ୍ୟ ଯଥା- ସାମାଜିକ ଦୂରତ୍ୱ ରକ୍ଷା, ଖାଇବା ପିଇବାର କଟକଣା, ମିଳାମିଶାରେ ବୈରଭାବ ଇତ୍ୟାଦିରେ ଅଭିବ୍ୟକ୍ତ ହୋଇଥାଏ । ଏହା ବ୍ୟତିତ ସଂଘର୍ଷ ରେ ପ୍ରତ୍ୟକ୍ଷ ଝଗଡ଼ା, ମାରପିଟ, କଳହ, ଶତ୍ରୁତା, ଅସହମତି, ମାଲିମୋକଦ୍ଦମା ଇତ୍ୟାଦି ଘଟିଥାଏ । ଏହି କାରଣରୁ ସମାଜବିଜ୍ଞାନୀମାନେ ଓ ସଂଘର୍ଷ କୁ ଏକ ବିସମ୍ବନ୍ଧ କାରୀ ପ୍ରକ୍ରିୟା ହିସାବରେ ଅଭିହିତ କରିଛନ୍ତି ।

ପ୍ରତିଯୋଗିତା ରେ ନୀତି ନିୟମର ପାଳନ ହେଉଥିଲା ବେଳେ, ସଂଘର୍ଷରେ ମୁଖ୍ୟତଃ କିଛି ନିୟମ ନଥାଏ । ଯେତେବେଳେ ଆନ୍ତଃ କ୍ରିୟା ରେ ସଂପୃକ୍ତି ଥିବା ବ୍ୟକ୍ତି କିମ୍ୱା ସମୁହ ମାନଙ୍କର ସ୍ୱାର୍ଥ ପରସ୍ପର ବିରୋଧୀ ହୋଇଯା'ନ୍ତି । ସେତେବେଳେ ସଂଘର୍ଷ ଜନକ ପରିସ୍ଥିତି ଉପୁଜେ । ଦୈନିକ ଜୀବନରେ ଦେଖାଯାଉଥିବା ଅତି ସାଧାରଣ ସଂଘର୍ଷ ର ଏକ ଉଦାହରଣ ମାନ ହେଲା ଭାଇ ଭାଇ ଙ୍କ ମଧ୍ୟରେ ପୈତୃକ ସଂପତ୍ତି କୁ ଭାଗ ବଣ୍ଟା କରିବା ନେଇ ସଂଘର୍ଷ, ଗାଁ ରେ ଭିନ୍ନ ଭିନ୍ନ ଜାତିଙ୍କ ମଧ୍ୟରେ ହେଉଥିବା ସଂଘର୍ଷ, ସ୍ଥାନୀୟ ରାଜନୈତିକ ଦଳ ମାନଙ୍କ ମଧ୍ୟରେ ଘଟୁଥିବା ସଂଘର୍ଷ ଇତ୍ୟାଦି ।

ସଂଘର୍ଷ ହେଉଛି ଅନ୍ୟର ଇଚ୍ଛାକୁ ବଳପୂର୍ବକ ବାଧା ଦେବା, ବିରୋଧ କରିବା ର ଏକ ପ୍ରକ୍ରିୟା । ଏକ ପ୍ରକ୍ରିୟା ହିସାବରେ ଏହା ସହଯୋଗିତାର ବିପରୀତ ଅଟେ ।

## ୧୦.୪.୧ ସଂଘର୍ଷ ର ଲକ୍ଷଣ :

୧. ସଂଘର୍ଷ ର ପ୍ରକୃତି ଭିନ୍ନ ଭିନ୍ନ ହୋଇଥିଲେ ହେଁ ଏହା ସବୁ ସମାଜରେ ଦେଖିବାକୁ ମିଳେ । ତେଣୁ ସଂଘର୍ଷ ହେଉଛି ସର୍ବ ବ୍ୟାପୀ । ଏମିତି କୌଣସି ବି ସମାଜ ନାହିଁ ଯାହା ସ୍ୱତନ୍ତ୍ର ଭାବରେ ସଂଘର୍ଷ ର ଲକ୍ଷଣ ବହନ କରି ନାହିଁ ।

୨. ସଂଘର୍ଷ ଏକ ସଚୈତନିକ କ୍ରିୟା ଅଟେ । ଏଥିରେ ସଂପୃକ୍ତ ଥିବା ବ୍ୟକ୍ତି / ସମୁହ ମାନେ ନିଜର ଲକ୍ଷ୍ୟ ହାସଲ ପାଇଁ ଅନ୍ୟର ଇଚ୍ଛାକୁ ଜାଣିଶୁଣି ବିରୋଧ କରନ୍ତି ।

୩. ମୁଖ୍ୟତଃ ସଂଘର୍ଷ ଏକ ବ୍ୟକ୍ତିଗତ-କ୍ରିୟା ଅଟେ, ବେଳେ ବେଳେ ଏହା ବହୁ ସଂଖକ ଲୋକ ଙ୍କୁ ନେଇ ଅତି ତୀବ୍ର ରୂପ ନିଏ । ଏହି ସବୁ କ୍ଷେତ୍ରରେ ଏହା ନିର୍ଦ୍ଦିଷ୍ଟ ସାମାଜିକ ସମୁହ ସ୍ତରରେ ଦେଖାଦିଏ ଅଥବା ଏହା ସଂପୂର୍ଣ୍ଣ ସମାଜ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳେ ।

୪. ସଂଘର୍ଷ ଏକ ସାମାଜିକ ପ୍ରକ୍ରିୟା ଯାହା ସମୟେ ସମୟେ ଦେଖାଯାଏ । ଏହା ଏକ ନିରନ୍ତର ପ୍ରକ୍ରିୟା ନୁହେଁ, ଉଦାହରଣ ସ୍ୱରୂପ, ଏକ ଗାଁ ରେ ରହୁଥିବା ଦୁଇ ବିରୋଧୀ ସମୁହ ମଧ୍ୟରେ ସଂପର୍କ ଧୀରେ ଧୀରେ ହିଂସାତ୍ମକ ରୂପ ନିଏ ଓ ପୁନଶ୍ଚ ସଂଘର୍ଷ ପ୍ରାରମ୍ଭ ହେବା ଆଗରୁ ଏକ ଶାନ୍ତି ପ୍ରତିଷ୍ଠା ହୋଇଥାଏ । ତେଣୁ ସଂଘର୍ଷରେ ଧାରାବାହିକତା ନଥାଏ ।

୫. ସଂଘର୍ଷ ସାମାଜିକ ପରିବର୍ତ୍ତନ ର ବାହକ । ସଂଘର୍ଷ ପୂର୍ଣ୍ଣ ଧାରଣା ଓ ପରସ୍ପର ବିରୋଧି ମତାମତ ଇତ୍ୟାଦି ସାମାଜିକ ପରିବର୍ତ୍ତନର ସଂକେତ । ସମାଜର ସ୍ଥିରତା କୁ ବୁଝି ହେବ ନାହିଁ, ଯେ ପର୍ଯ୍ୟନ୍ତ ଏହି ସ୍ଥିରତା ଭଙ୍ଗ ନ ହୋଇଛି ଓ ସେ ପର୍ଯ୍ୟନ୍ତ ସାମାଜିକ ପରିବର୍ତ୍ତନ ଘଟେ ନାହିଁ । ତେଣୁ ସଂଘର୍ଷ, ସାମାଜିକ ପରିବର୍ତ୍ତନ ଓ ଅସନ୍ତୁଳନ ର ଏକ ଅଭିବ୍ୟକ୍ତି ଅଟେ ।

ସମାଜବିଜ୍ଞାନୀ ଙ୍କ ମତରେ ସମାଜର ସଦସ୍ୟ, ବ୍ୟକ୍ତି ଓ ବ୍ୟକ୍ତିମାନଙ୍କ ର ସମୁହ ମାନଙ୍କ ମଧ୍ୟରେ ଘଟୁଥିବା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମ୍ବନ୍ଧ ରୁ ସଂଘର୍ଷ ର ସୃଷ୍ଟି । ଏହି ସବୁ ସମ୍ବନ୍ଧ



ଟୀପ୍‌ପଣୀ



ଏମାନଙ୍କ ମଧ୍ୟରେ ନିହିତ ଥିବା ଅସମାନତା କୁ ଦର୍ଶାଏ । ତେଣୁ ଅସମାନତା ସାମାଜିକ ସଂଘର୍ଷର ମୂଳ ଭିତ୍ତି । ବ୍ୟକ୍ତି ଓ ସମୁହ ସ୍ତରରେ ବ୍ୟାପ୍ତ ଥିବା ବଂଚିତ ହେବାର ଭାବନା ସଂଘର୍ଷ ଉତ୍ପତ୍ତି ର ଏକ ମୁଖ୍ୟ କାରକ । ସଂଘର୍ଷ ପ୍ରକ୍ରିୟା ରେ ସଂଘର୍ଷରତ ପକ୍ଷ ମାନେ ସଂଘର୍ଷ କରୁଥିବା ବିଷୟରେ ସଚେତନ ଥା'ନ୍ତି ଏବଂ ଏହି ସଚେତନତା ସଂଘର୍ଷ ର ସ୍ଥିତି ରକ୍ଷା ପାଇଁ ଅତି ଆବଶ୍ୟକ । ମନୁଷ୍ୟ ମଧ୍ୟରେ ନିହିତ ଥିବା ଜୈବିକ ପ୍ରକୃତି, ସଂଘର୍ଷ ର ଏକ ପ୍ରମୁଖ ସ୍ରୋତ ବୋଲି ସମାଜବିଜ୍ଞାନୀ ସ୍ୱୀକାର କରନ୍ତି ନାହିଁ । ଅନ୍ୟ ପକ୍ଷରେ ସମାଜବିଜ୍ଞାନୀ ସଂଘର୍ଷ ର ମୂଳ କାରଣ ଭାବରେ ସାମାଜିକ, ରାଜନୈତିକ ଓ ଆର୍ଥିକ ସଂପର୍କ ମାନଙ୍କର ବୈଷମ୍ୟ କୁ ଗୁରୁତ୍ୱ ଦିଅନ୍ତି । ଏହି ସବୁ ସମ୍ବନ୍ଧ ମାନେ ମଧ୍ୟ ଆପେକ୍ଷିକ ବଂଚିତ ହେବାର ଭାବନା ସହିତ ସଂପୃକ୍ତ ।

## ୧୦.୪.୨ ସଂଘର୍ଷର ପ୍ରକାର (Types of Conflict)

ବିଭିନ୍ନ ପ୍ରକାର ର ସଂଘର୍ଷ ରହିଛି । ସେମାନେ ହେଲେ ୧. ଯୁଦ୍ଧ, ୨. ଗୋଷ୍ଠୀ ବିବାଦ / ପାରିବାରିକ କଳହ, ୩. ମକଦମା, ୪. ଅବୈୟୋକ୍ତିକ ଆଦର୍ଶର ସଂଘର୍ଷ । ଯୁଦ୍ଧ ହେଉଛି ଏକ ପ୍ରକାର ସାମୁହିକ ସଂଘର୍ଷ, ଯାହା ଆମେ ସମସ୍ତେ ଜାଣିଛୁ । ମନୁଷ୍ୟ ମନରେ ଥିବା ଆବେଗ ଓ ଗଭୀର ବିରୋଧି ପ୍ରବୃତ୍ତି ଯୁଦ୍ଧକୁ ଜନ୍ମ ଦିଏ । ଗୋଷ୍ଠୀ ବିବାଦ ହେଉଛି ଏକ ପ୍ରକାର ଆନ୍ତର୍ସମୁହ ର ଯୁଦ୍ଧ, ଯାହା ଏକ ସମୁହ ର ଅନ୍ୟ ସମୁହ ପ୍ରତି କରାଯାଇଥିବା ଅନ୍ୟାୟ କାରଣ ରୁ ସୃଷ୍ଟି ହୋଇଥାଏ । ମକଦ୍ଦମା ହେଉଛି ସଂଘର୍ଷ ର ଏକ ଆଇନଗତ ସ୍ୱରୂପ, ମକଦ୍ଦମାର ସବୁଠାରୁ ଉପଯୁକ୍ତ ଉଦାହରଣ ହେଉଛି କୋର୍ଟ କେସ୍ । ବ୍ୟକ୍ତି ମାନଙ୍କ ଦ୍ୱାରା କରାଯାଇଥିବା ଆଦର୍ଶ ପାଇଁ ସଂଘର୍ଷ କୁ ଅବୈୟୋକ୍ତିକ ଆଦର୍ଶର ସଂଘର୍ଷ କୁହାଯାଏ ।

କିଛି ସମାଜ ବିଜ୍ଞାନୀ ସଂଘର୍ଷର ବିଭିନ୍ନ ଶ୍ରେଣୀ ବିଭାଗ କରିଛନ୍ତି । ଆମେ ସେମାନଙ୍କ ମଧ୍ୟରୁ କିଛି ଗୁରୁତ୍ୱ ପୂର୍ଣ୍ଣ ଶ୍ରେଣୀ ର ଆଲୋଚନା କରିବା ।

୧. ସଂଘର୍ଷ (କ) ପ୍ରକାଶ୍ୟ, (ଖ) ଉହ୍ୟ, ଏହି ଦୁଇ ପ୍ରକାରର ହୋଇଥାଏ । ପ୍ରକାଶ୍ୟ ସଂଘର୍ଷ କୁ ପର୍ଯ୍ୟବେକ୍ଷଣ କରିହେବ, କିନ୍ତୁ ଉହ୍ୟ ସଂଘର୍ଷ ମୁଖ୍ୟତଃ ଦେଖାଯାଇ ପାରିବନାହିଁ ।

୨. ସଂଘର୍ଷ (କ) ସଂଗଠିତ ବା (ଖ) ବ୍ୟକ୍ତିଗତ ମଧ୍ୟ ହୋଇପାରେ । ସଂଗଠିତ ସଂଘର୍ଷ କୌଣସି ଏକ ସମାଜର ସମୁହ ମାନଙ୍କ ମଧ୍ୟରେ ହୋଇଥାଏ କିମ୍ବା ଦୁଇଟି ସମାଜ ମଧ୍ୟରେ ହୋଇଥାଏ । ସାଂପ୍ରଦାୟିକ ଦଙ୍ଗା ରାଷ୍ଟ୍ର, ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ଔଦ୍ୟୋଗିକ ଶ୍ରମିକ ମାନଙ୍କର ହରତାଳ ଇତ୍ୟାଦି ସଂଗଠିତ ସଂଘର୍ଷ ର ଉଦାହରଣ । ଅନ୍ୟ ପକ୍ଷରେ, ବ୍ୟକ୍ତିଗତ ସଂଘର୍ଷ ସମୁହ ମଧ୍ୟରେ, ଈର୍ଷା, ଶତ୍ରୁତା, ବୈମନସ୍ୟ ଓ ବିଶ୍ୱାସ ଘାତକତା ପାଇଁ ଘଟିଥାଏ ।

୩. ସଂଘର୍ଷ ଶୁଦ୍ଧ ରୂପରେ ଅସ୍ଥାୟୀ (ଅଳ୍ପ ସମୟ ପାଇଁ) କିମ୍ବା ଦୀର୍ଘ ସମୟ ପାଇଁ ହୋଇପାରେ । ରାସ୍ତା କଡ଼ରେ ଲୋକମାନଙ୍କ ମଧ୍ୟରେ ଗାଁର ଦୋକାନ, ସହର ର ବସ ମଧ୍ୟରେ ଛୋଟ ଛୋଟ କାରଣ ରୁ ହେଉଥିବା ସଂଘର୍ଷ ଅଳ୍ପ ସମୟ ପାଇଁ ହୋଇଥାଏ । ଲୋକମାନେ ପ୍ରାୟ ଏସବୁ କୁ ଭୁଲିଯା'ନ୍ତି ଓ ନିୟମିତ ଜୀବନଚର୍ଯ୍ୟା ରେ ବ୍ୟସ୍ତ ହୋଇଯା'ନ୍ତି । ଅନ୍ୟ ପକ୍ଷରେ ଗାଁ ର ଦୁଇ ବିରୋଧି ଗୋଷ୍ଠୀ ମଧ୍ୟରେ, ତଥା ଜନଜାତି ମାନଙ୍କର ପରସ୍ପର ବିରୋଧି ବଂଶଜଙ୍କ ମଧ୍ୟରେ ଘଟୁଥିବା ସଂଘର୍ଷକୁ ଦୀର୍ଘ କାଳିକ ସଂଘର୍ଷ କୁହାଯାଏ । ଏହି କ୍ଷେତ୍ରରେ ସଂଘର୍ଷ ନିରନ୍ତର ନ ହେଲେ ମଧ୍ୟ ବହୁ ସମୟ ଧରି ଲାଗି ରହେ ଓ ସମୟେ ସମୟେ ଏହା ପିଢ଼ି ପିଢ଼ି ଧରି ଲାଗି ରହେ ।



ଟୀପ୍ପଣୀ

## ୧୦.୫ ସାମାଜିକ ନିରନ୍ତରତା ଦୃଷ୍ଟିକୋଣରୁ ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ

ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ ଭଳି ସାମାଜିକ ପ୍ରକ୍ରିୟା ମାନେ ସମସ୍ତ ପ୍ରକାର ଆନ୍ତଃ କ୍ରିୟା ର ମୌଳିକ ଭିତ୍ତି ଅଟନ୍ତି । ତେବେ ଲୋକମାନେ ପରିସ୍ଥିତି ଅନୁଯାୟୀ ସହଯୋଗ କିମ୍ବା ସଂଘର୍ଷ କରିଥାନ୍ତି । ଉଦାହରଣ ସ୍ୱରୂପ ଚାକିରୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ, ପାଠ୍ୟ ଉପକରଣ ବଦଳ କରି, ଏକତ୍ର ଆଲୋଚନା କରି ସେଥିପାଇଁ ପ୍ରସ୍ତୁତି କରିପାରନ୍ତି ବା ଇର୍ଷା ପରାୟଣ ହୋଇ ଏପରି କିଛି ଅନୁଚିତ ମାଧ୍ୟମ ର ସାହାଯ୍ୟ ନେଇପାରନ୍ତି ଯାହା ଯୋଗୁଁ ହିଂସା ସୃଷ୍ଟି ହୋଇ ପାରେ ବା ଅନ୍ୟ ପରୀକ୍ଷାର୍ଥୀ ମାନଙ୍କୁ ପରୀକ୍ଷାରୁ ବଂଚିତ କରିପାରେ । ଏହି ତିନି ମୁଖ୍ୟ ପ୍ରକ୍ରିୟା ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ ପୃଥିବୀର ସମସ୍ତ ସମାଜରେ ଦେଖିବାକୁ ମିଳନ୍ତି । ସେମାନେ ପରସ୍ପର ସହ ଏତେ ଘନିଷ୍ଠ ଭାବରେ ଜଡ଼ିତ ଯେ ସେମାନଙ୍କୁ ପୃଥକ କରିବା କଷ୍ଟକର ହୋଇ ଥାଏ । ଭିନ୍ନ ଭିନ୍ନ ସାମାଜିକ, ସ୍ଥାନୀୟ, ସାଂସ୍କୃତିକ ପରିସ୍ଥିତି କାରଣରୁ ସେମାନଙ୍କର ପ୍ରକୃତି ଓ ବ୍ୟାପକତା ଅଲଗା ଅଲଗା ହୋଇପାରେ କିନ୍ତୁ ସେମାନଙ୍କର ଉପସ୍ଥିତି ସର୍ବବ୍ୟାପୀ ଓ ସାମାଜିକ ନିରନ୍ତରତାର ପ୍ରତୀକ ଅଟେ ।

### ପାଠ୍ୟଗତ ପ୍ରଶ୍ନାବଳୀ ୧୦.୪ ଓ ୧୦.୫

ନିମ୍ନୋକ୍ତ ପ୍ରତି ବକ୍ତବ୍ୟ ପାଇଁ ଠିକ୍ କିମ୍ବା ଭୁଲ ଲେଖ ।

(କ) ସଂଘର୍ଷ ସେତେବେଳେ ସୃଷ୍ଟି ହୁଏ, ଯେତେବେଳେ କୌଣସି ସମୁହ ର ପ୍ରତିମାନ ଓ ମୂଲ୍ୟ ବୋଧ ପରସ୍ପର ବିରୋଧୀ ହୋଇ ପଡ଼ନ୍ତି କିମ୍ବା ପରସ୍ପର ବିରୋଧରେ ଅସ୍ତିତ୍ୱ ରକ୍ଷାର ସଂଘର୍ଷ କରନ୍ତି ।

(ଖ) ପ୍ରତିଯୋଗିତାରେ ନୀତିନିୟମ ପାଳନ କରାଯାଏ କିନ୍ତୁ ସଂଘର୍ଷରେ କିଛି ନିୟମ ନ ଥାଏ ।

(ଗ) ସଂଘର୍ଷରେ କଦାପି ହିଂସା ତଥା ଶାନ୍ତି ଭଙ୍ଗ ହୁଏ ନାହିଁ ।

(ଘ) ସଂଘର୍ଷ କେବେ ହେଲେ - ସାମାଜିକ ପରିବର୍ତ୍ତନ ଆଣେ ନାହିଁ ।

(ଙ) ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ ଆଦି ପ୍ରକ୍ରିୟାମାନ ସାମାଜିକ ଆନ୍ତଃ କ୍ରିୟାର ମୂଳଭିତ୍ତି ।

### କ'ଣ ଶିଖିଲେ :

➪ ଏକ ନିର୍ଦ୍ଦିଷ୍ଟ ସାମାଜିକ ପରିପ୍ରେକ୍ଷୀରେ ଲୋକମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ କଳାପର ମୂଳ ଭିତ୍ତି ହେଉଛନ୍ତି ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ ।

➪ ସହଯୋଗିତା ସାଧାରଣ ଭାବରେ, ଏକ ସାଧାରଣ ଲକ୍ଷ୍ୟ ହାସଲ ପାଇଁ ଏକାଠି କାର୍ଯ୍ୟ କରିବାକୁ ବୁଝାଏ ।

➪ ସହଯୋଗିତାର ଶ୍ରେଣୀ ବିଭାଗ ହେଲା ୧. ପ୍ରାଥମିକ ସହଯୋଗିତା, ୨. ଗୌଣ ସହଯୋଗିତା ଓ ୩. ଆଂଶିକ ସହଯୋଗିତା ।

➪ ସାମାଜିକ ଆନ୍ତଃକ୍ରିୟାର ଏକ ଲକ୍ଷ୍ୟ କେନ୍ଦ୍ରିକ ଓ ସଚେତନ ସ୍ୱରୂପ ହେଉଛି ସହଯୋଗିତା । ଏହାର ଦୁଇଟି ଉପାଦାନ ରହିଛି । ଯଥା ସାଧାରଣ ଲକ୍ଷ୍ୟ ଓ ସଂଗଠିତ ଉଦ୍ୟମ ।

➪ ପ୍ରତିଯୋଗିତା ହେଉଛି ଆର୍ଥିକ ପ୍ରସ୍ଥିତି ହାସଲ କରିବା ପାଇଁ ଏକ ସଂଗ୍ରାମ ।

➪ ଯେତେବେଳେ ଆବଶ୍ୟକତା ଅନୁଯାୟୀ ଉପଲବ୍ଧତା କମିଯାଏ, ସେତେବେଳେ ସାମାଜିକ ସଂଗ୍ରାମ ର ମୌଳିକ ସ୍ୱରୂପ - ପ୍ରତିଯୋଗିତା ସୃଷ୍ଟି ହୁଏ ।



ଟୀପ୍‌ପଣୀ

- ➪ ପ୍ରତିଯୋଗିତା ସମସ୍ତ ଜ୍ଞାତ ସମାଜ ଓ ସଂସ୍କୃତିରେ ଦେଖିବାକୁ ମିଳେ ।
- ➪ ପ୍ରତିଯୋଗିତା ଉଭୟ ବ୍ୟକ୍ତି ଓ ସମୂହ ପାଇଁ ବେଳେବେଳେ ତ୍ରୁଟି ପୂର୍ଣ୍ଣ ହୋଇ ଆବେଗାତ୍ମକ ବାଧାବିଘ୍ନ ସୃଷ୍ଟି କରେ ।
- ➪ ସଂଘର୍ଷ, ସମାଜିକ ଆନ୍ତଃ କ୍ରିୟାର ଅନ୍ୟ ଏକ ସ୍ୱରୂପ, ଯାହାକୁ ଏକ ବିରୋଧ ର ପ୍ରକ୍ରିୟା ମଧ୍ୟ କୁହାଯାଏ ।
- ➪ ସଂଘର୍ଷ ହେଉଛି ସହଯୋଗିତାର ବିପରୀତ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସାମାଜିକ ପ୍ରକ୍ରିୟାର ଧାରଣା ଓ ଅର୍ଥ ବ୍ୟାଖ୍ୟା କର ।
୨. ପ୍ରତିଯୋଗିତାର ଲକ୍ଷଣ ମାନ ବର୍ଣ୍ଣନା କର ।
୩. କ୍ଷୁଦ୍ର ଟିପ୍ପଣୀ ଲେଖ -
   (କ) ସାମାଜିକ ଆନ୍ତଃ କ୍ରିୟା
   (ଖ) ପ୍ରାଥମିକ ଓ ଗୌଣ ସହଯୋଗିତା
୪. ସଂଗଠିତ ଓ ଲକ୍ଷ୍ୟ କେନ୍ଦ୍ରିକ ସହଯୋଗିତା କହିଲେ କ'ଣ ବୁଝ ? ବ୍ୟାଖ୍ୟା କର ।
୫. ଭିନ୍ନ ଭିନ୍ନ ସଂଘର୍ଷ ସମ୍ବନ୍ଧରେ ବୁଝାଅ ।

## ପାଠ୍ୟଗତ ପ୍ରଶ୍ନାବଳୀ ମାନଙ୍କର ଉତ୍ତର

୧୦.୧

୧. କ, ୨. ଖ, ୩. ଗ, ୪. ଖ, ୫. ଖ, ୬. କ, ୭. କ

୧୦.୨ ଓ ୧୦.୩

୧. ଖ, ୨. ଗ, ୩. କ, ୪. ଖ, ୫. ଗ, ୬. ଖ, ୭. ଗ

୧୦.୪ ଓ ୧୦.୫

(କ) - ଠିକ୍, (ଖ) - ଠିକ୍, (ଗ) ଭୁଲ୍, (ଘ) ଭୁଲ, (ଙ) ଠିକ୍

## ସହାୟକ ପୁସ୍ତକମାଳା (Book References)

Lestie, G. R. et al : Introductory Sociology (1980)
Mac Iver, R.M. and C. H. Page : Sociology (1985)
Gillin and Gillin : An Introduction to Sociology (1949)
Fichter, Joseph H. : Sociology (1957)



ଟୀପ୍ପଣୀ

# ୧୧

# ଅନ୍ୟ ସଂସ୍କୃତି କରଣ, ଆତ୍ମୀକରଣ ଓ ସଂହତି /ଏକୀକରଣ

## (Acculturation, Assimilation and Integration)

**ସା**ମାଜିକ ଆନ୍ତଃ କ୍ରିୟାରେ ପ୍ରତିଭାତ ହୋଇଥିବା କେତେକ ସାମାଜିକ ପ୍ରକ୍ରିୟା ବିଷୟରେ ଆମେ ପୂର୍ବ ଅଧ୍ୟାୟରେ ଆଲୋଚନା କରିଛୁ । ଆପଣ ଏକ ପରିସ୍ଥିତିରେ ଅନୁମାନ କରନ୍ତୁ, ଯେଉଁ ଥିରେ ବ୍ୟକ୍ତିମାନେ ପରସ୍ପର ସହ ସହଯୋଗିତା, ପ୍ରତିଯୋଗିତା କରନ୍ତି ତଥା ସଂଘର୍ଷରେ ମଧ୍ୟ ଲିପ୍ତ ରହନ୍ତି । ଆମେ କହିପାରିବା ଯେ ସହଯୋଗିତା, ପ୍ରତିଯୋଗିତା ଓ ସଂଘର୍ଷ ହେଉଛନ୍ତି ସେହି ସବୁ ସାମାଜିକ ପ୍ରକ୍ରିୟା ଯେଉଁ ମାନେ ବ୍ୟକ୍ତି ଓ ସମୁହ ମାନଙ୍କ ମଧ୍ୟରେ ଘଟୁଥିବା ସାମାଜିକ ଆନ୍ତଃ-କ୍ରିୟାର ପ୍ରକୃତି ସହ ସଂପୃକ୍ତ । ତେବେ ଏସବୁ ବ୍ୟତୀତ ସମାଜରେ ଅନ୍ୟ ପ୍ରକାର ର ସାମାଜିକ ପ୍ରକ୍ରିୟା ମାନ ମଧ୍ୟ ଅଛନ୍ତି । ସେମାନେ ହେଲେ ଅନ୍ୟ ସଂସ୍କୃତି କରଣ (Acculturation), ଆତ୍ମୀକରଣ (Assimilation) ଓ ଏକୀକରଣ ବା ସଂହତି (Integration) । ଏହି ପ୍ରକ୍ରିୟାମାନେ ନିର୍ଦ୍ଦିଷ୍ଟ ସାମାଜିକ ପରିପ୍ରେକ୍ଷୀରେ ବ୍ୟକ୍ତିମାନଙ୍କର ଆନ୍ତଃକ୍ରିୟା ର ସ୍ୱଭାବ କୁ ଦର୍ଶାଇ ନଥା'ନ୍ତି । ଅନ୍ୟ ପକ୍ଷରେ, ସେମାନେ ସମାଜ ଓ ସଂସ୍କୃତି ସ୍ତରରେ ଏହି ସବୁ ପ୍ରକ୍ରିୟାମାନଙ୍କର ପରିଣାମ ଉପରେ ଆଲୋକପାତ କରନ୍ତି । ତେଣୁ ସଂକ୍ଷେପରେ ଆମେ କହିପାରିବା ଯେ ପୂର୍ବୋକ୍ତ ଅଧ୍ୟାୟରେ ଆମେ ବ୍ୟକ୍ତି ଓ ସମୁହ ସ୍ତରରେ ଘଟୁଥିବା ଆନ୍ତଃକ୍ରିୟା ମାନଙ୍କର ସ୍ୱଭାବ କୁ ବର୍ଣ୍ଣନା କରିଥିଲା ବେଳେ, ଏହି ଅଧ୍ୟାୟରେ ସମାଜ ଉପରେ ସେହି ସବୁ ଆନ୍ତଃ କ୍ରିୟାର ପ୍ରକ୍ରିୟାମାନଙ୍କର ପ୍ରଭାବ କୁ ଆଲୋଚନା କରିଛୁ । ସେଥିପାଇଁ, ଏହି ଅଧ୍ୟାୟ, ସେହିସବୁ ସାମାଜିକ ଓ ସାଂସ୍କୃତିକ ପ୍ରକ୍ରିୟା ମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବା ।

ସବୁ ସମାଜର ଅଧିକାଂଶ ସାଂସ୍କୃତିକ ଗୁଣ ପ୍ରାୟତଃ ସମାନ ହୋଇଥା'ନ୍ତି । ଯଥା - ପ୍ରେମ ଓ ଘୃଣା, ଗର୍ବ ଓ ପୂର୍ବାଗ୍ରହ, ଯୌନ ସମ୍ବନ୍ଧିତ ବିଷୟ ଓ ଉତ୍ସବ ଅନୁଷ୍ଠାନ ଇତ୍ୟାଦି । ସାଂସ୍କୃତିକ ଭିନ୍ନତା ସବୁ, ଭୌଗୋଳିକ ସ୍ଥିତି, ମାନବୀୟ କୌଶଳ, ବୈଷୟିକ ଜ୍ଞାନ, ଶିକ୍ଷା, ସ୍ୱାର୍ଥ ର ସଂଘର୍ଷ, ପାରଂପାରିକ ତଥା ଉତ୍ତରାଧିକାର ସୂତ୍ରରେ ମିଳିଥିବା ବିଚାର ଧାରା, ଇତ୍ୟାଦିରେ ପ୍ରତିଫଳିତ ହୋଇଥାଏ । ଏହି ଅଧ୍ୟାୟ ସାମାଜିକ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ବନ୍ଧିତ ପ୍ରସଙ୍ଗ ଓ ଚିନ୍ତା ସବୁ ର କାରଣ ଓ କାର୍ଯ୍ୟ ପ୍ରଣାଳୀ କୁ ଉନ୍ମୋଚନ କରିବ । କାରଣ ସମୁହରେ ରହୁଥିବା ବ୍ୟକ୍ତି ମାନଙ୍କର ସାମାଜିକ ଆନ୍ତଃ ସଂପର୍କର ଅଧ୍ୟୟନ ହେଉଛି ଆଜିର ସମାଜର ମୁଖ୍ୟ ଲକ୍ଷ୍ୟ ।



ଟୀପ୍ପଣୀ

**ଉଦ୍ଦେଶ୍ୟ :**

**ଏହି ଅଧ୍ୟାୟ ପଢିବା ପରେ ଆପଣ :**

- ଅନ୍ୟ ସଂସ୍କୃତିକରଣ, ଆତ୍ମୀକରଣ ଓ ଏକୀକରଣ ପ୍ରଭୃତି କୁ ସାଂସ୍କୃତିକ ପରିବର୍ତ୍ତନ, ତଥା ସଂସ୍କୃତି ସଂପର୍କ ର ପ୍ରକ୍ରିୟା ହିସାବରେ ବ୍ୟାଖ୍ୟା କରିପାରିବେ ;
- ଏହି ତିନିଟି ପ୍ରକ୍ରିୟାର ସ୍ୱଭାବ ଓ କାରକ ମାନଙ୍କୁ ବୁଝାଇ ପାରିବେ ;
- ଏହି ତିନିପ୍ରକ୍ରିୟା ମାନଙ୍କ ମଧ୍ୟରେ ଘଟୁଥିବା ଅନ୍ତର୍ସମ୍ବନ୍ଧ ଓ ପରିବର୍ତ୍ତନ କୁ ପରସ୍ପର ସହ ଯୋଡ଼ି, ବୁଝାଇ ପାରିବେ ; ଏବଂ
- ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସମୁହରେ ଏହିସବୁ ସାମାଜିକ ପ୍ରକ୍ରିୟା ମାନଙ୍କ ଗ୍ରହଣୀୟତା ର ମାଧ୍ୟମ ଓ ଉପାୟ ସବୁକୁ ଦର୍ଶାଇ ପାରିବେ ।

## ୧୧.୧ ଅନ୍ୟ ସଂସ୍କୃତି କରଣ (Acculturation)

ଅନ୍ୟ ସଂସ୍କୃତି କରଣ କହିଲେ ଏକ ସାମାଜିକ ସମୁହରୁ ଅନ୍ୟ ଏକ ସମୁହକୁ ସାଂସ୍କୃତିକ ଉପାଦାନ ମାନଙ୍କର ସଂପ୍ରେଷଣ (transmission) କୁ ବୁଝାଏ । ଅନ୍ୟ ସଂସ୍କୃତି କରଣ ହେଉଛି ସାଂସ୍କୃତିକ ପରିବର୍ତ୍ତନର ଏକ ପ୍ରକ୍ରିୟା, ଯାହା, ବିଭିନ୍ନ ସାଂସ୍କୃତିକ ସମୁଦାୟ ମାନଙ୍କର ସଂପର୍କ ରୁ ସୃଷ୍ଟି ହୋଇଥାଏ । ଏହି ପ୍ରକ୍ରିୟାରେ ବିଭିନ୍ନ ସଂସ୍କୃତି ମାନଙ୍କର ସାଂସ୍କୃତିକ ଗୁଣର ଆଦାନ ପ୍ରଦାନ ଘଟୁଥିବାରୁ ସେମାନେ ପରସ୍ପର କୁ ପ୍ରଭାବିତ କରନ୍ତି ଓ ଉଭୟ ସଂସ୍କୃତି ଏହି ସବୁ ଗୁଣକୁ ଗ୍ରହଣ କରନ୍ତି । ସବୁ ସମାଜ ଓ ସମୁହରେ ସାଂସ୍କୃତିକ ସଂପର୍କ ହୋଇଥାଏ । ଏହା ସେତେବେଳେ ସମ୍ଭବ ହୋଇଥାଏ, ଯେତେବେଳେ ଲୋକମାନେ ନୂତନ ଗୁଣକୁ ଆହରଣ କରିବା କୁ ଇଚ୍ଛା କରନ୍ତି ଓ ଏହା ସହିତ ପୁରାତନ ଗୁଣ କୁ ନିରନ୍ତର ଭାବରେ ଅନୁସରଣ କରନ୍ତି ।

ସଂସ୍କୃତି ଜନ୍ମଗତ ଗୁଣ ନୁହେଁ । ବ୍ୟକ୍ତି ଜନ୍ମ ହେବା ପରେ, ସାମାଜିକ ତଥା ଭୌତିକ ବାତାବରଣରେ ବଢିଲା ବେଳେ, ସାସ୍କୃତିକ ମୂଲ୍ୟ ବୋଧ, ପରଂପରା, ଚଳଣୀ ଓ ପ୍ରତିମାନ ଭଳି ଗୁଣ ସବୁ କୁ ଶିକ୍ଷା କରିଥାଏ । ଅନ୍ୟ ପକ୍ଷରେ, ‘ଶୁଦ୍ଧ’, ‘ପ୍ରାଚୀନ’ ଓ ‘ଆଦିମ’ ସଂସ୍କୃତି ବୋଲି କିଛି କଥା ନାହିଁ । ସାଂସ୍କୃତିକ ପୃଥକତା ବା ବିଶୁଦ୍ଧତା ଏକ ଅସମ୍ଭବ କଥା । କୌଣସି ସଂସ୍କୃତି ପୃଥକ ରହି ନିଜର ଅସ୍ତିତ୍ୱ ରକ୍ଷା କରି ପାରିବ ନାହିଁ । ସାଂସ୍କୃତି ହେଉଛି ପ୍ରତିକ୍ଷଣ ବଦଳୁ ଥିବା ଏକ ପ୍ରକ୍ରିୟା ଯାହା ଉଭୟ ନିରନ୍ତରତା ଓ ପରିବର୍ତ୍ତନ ର ଲକ୍ଷଣ ବହନ କରିଥାଏ ।

ଆଧୁନିକ ପରିବହନ ଓ ଯୋଗାଯୋଗ ର ମାଧ୍ୟମ ମାନ ସାଂସ୍କୃତିକ ସଂପର୍କ କୁ ତ୍ୱରାନ୍ୱିତ କରିଥାଏ । ଦୁଇ ଭିନ୍ନ ସଂସ୍କୃତିର ସଦସ୍ୟ ମାନଙ୍କର ଏହି ସଂପର୍କ ଯୋଗୁଁ ସାଂସ୍କୃତିକ ଗୁଣ ଗୁଡ଼ିକରେ ଦିଆନିଆ ବା ଅଦଳ ବଦଳ ସମ୍ଭବ ହୋଇଥାଏ । ଉଦାହରଣ ସ୍ୱରୂପ, କଳା, କଳାତତ୍ତ୍ୱ କୌଶଳ, ପୋଷାକ ପରିଛଦ, ଖାଦ୍ୟଭ୍ୟାସ, ଭାଷା ଓ ସାହିତ୍ୟ, ରୀତିନୀତି ଚଳଣୀ, ଯାହାକି ଲୋକମାନଙ୍କର ସାମାଜିକ, ଧାର୍ମିକ ଓ ଅର୍ଥନୈତିକ ଜୀବନର ପ୍ରତିଛବି ଅଟନ୍ତି, ବିଶେଷ ଭାବରେ ପ୍ରଭାବିତ ହୋଇଥା’ନ୍ତି । ଏହି ସବୁ କ୍ଷେତ୍ରରେ ହେଉଥିବା ସାଂସ୍କୃତିକ ଆଦାନ ପ୍ରଦାନ ବିଶେଷ ଭାବରେ ଭୌତିକ ସଂସ୍କୃତି ଓ ମୂଲ୍ୟବୋଧ ରେ ପରିଲକ୍ଷିତ ହୋଇଥାଏ । ଅନ୍ୟ ସଂସ୍କୃତି କରଣ ପ୍ରକ୍ରିୟାରେ ହେଉଥିବା ସାଂସ୍କୃତିକ ଗୁଣର ଆଦାନ ପ୍ରଦାନ ସବୁ ପ୍ରଭୁତ୍ୱ ସଂପନ୍ନ ସଂସ୍କୃତି ର ପ୍ରଭାବ କୁ ଦର୍ଶାଏ । ଏହି ପ୍ରଭାବ ବିଶେଷ କରି ସଂଖ୍ୟାନ୍ୟୁନ,



ଟୀପ୍ପଣୀ

ନବାଗତ ତଥା ବିଦେଶାଗତ ସଂସ୍କୃତି ଉପରେ ପଡ଼ିଥାଏ । ଅନ୍ୟ ସଂସ୍କୃତି କରଣ କହିଲେ ଏକ ସାମାଜିକ ସମୁହ ଠାରୁ ଅନ୍ୟ ସାମାଜିକ ସମୁହ କୁ ସାଂସ୍କୃତିକ ଉପାଦାନ ମାନଙ୍କର ସ୍ଥାନାନ୍ତରଣ ବା ସଂପ୍ରେଷଣ କୁ ବୁଝାଏ ।

ଶିକ୍ଷା, ଅନ୍ୟ ସଂସ୍କୃତି କରଣ କୁ ପ୍ରଭାବିତ କରିବାର ଏକ ଦୃଢ କାରକ ଅଟେ, କାହିଁକି ନା ଏହା ସଂପ୍ରେଷିତ ହେଉଥିବା ବିଚାର ଓ ଉତ୍ସାହ ମାଧ୍ୟମରେ ସମୁଦାୟ କୁ ପ୍ରଭାବିତ କରେ । ଆଧୁନିକ ପରିବହନ ଓ ଯୋଗା ଯୋଗ ର ମାଧ୍ୟମ ମାନେ ମଧ୍ଯ ସମଭାବରେ ଅନ୍ୟ ସଂସ୍କୃତି କରଣ କୁ ପ୍ରଭାବିତ କରୁଥିବା କାରକ ଅଟନ୍ତି । ତେବେ ବି ସାଂସ୍କୃତିକ ଆଦାନ-ପ୍ରଦାନ ଏତେ ସହଜ ପ୍ରକ୍ରିୟା ନୁହେଁ । ଏହି ଆଦାନ, ଗ୍ରହଣ କରୁଥିବା ସଂସ୍କୃତି ର ଗ୍ରହଣ କରିବାର ସାମର୍ଥ୍ୟ ଓ ପରିବର୍ତ୍ତନ ସହ ନିଜର ସମଯୋଜନ (Adaptation) ଉପରେ ନିର୍ଭର କରିଥାଏ । ସଂସ୍କୃତି କୁ ସଂପୂର୍ଣ୍ଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ସଂସ୍କୃତିର ବ୍ୟାପକ ରୂପରେ ପୁନଃ ରୋପଣ ସମ୍ଭବ ହୁଏ ନାହିଁ ।

ଅନ୍ୟ ସଂସ୍କୃତି କରଣ ଏକ ସର୍ବ ବ୍ୟାପୀ ଓ ନିରନ୍ତର ପ୍ରକ୍ରିୟା ଅଟେ । ଅନ୍ୟ ସମୁହର ସାଂସ୍କୃତିକ ଗୁଣ ସବୁକୁ ଆଦାନ (ଗ୍ରହଣ) କରୁଥିବା ବ୍ୟକ୍ତି ଓ ସମୁହମାନେ ସମଯୋଜନ କରିଥାନ୍ତି । ଏହି ପ୍ରକ୍ରିୟା ବେଶ କିଛି ସମୟାବଧି ପାଇଁ ଲାଗି ରହେ । ନିରନ୍ତରତା ଓ ପରିବର୍ତ୍ତନ, ତଥା ଏକତା ଓ ସଂପ୍ରସାରଣ ସଂସ୍କୃତିର ଲକ୍ଷଣ ଅଟନ୍ତି । ତେବେ ଅନ୍ୟ ସଂସ୍କୃତି କରଣ ପ୍ରକ୍ରିୟା ରେ ଆଧୁନିକତା ଓ ପାରଂପାରିକ ସଂସ୍କୃତି ମଧ୍ୟରେ ହେଉଥିବା ସଂଘର୍ଷ, ବିଶେଷ ସମସ୍ୟା ସୃଷ୍ଟି କରନ୍ତି ନାହିଁ ।

## ୧୧.୧.୧ ଅନ୍ୟ ସଂସ୍କୃତି କରଣର ଲକ୍ଷଣ :

୧. ଅନ୍ୟ ସଂସ୍କୃତି କରଣ ଏକ ସଚେତନ ବା ଅଚେତନ ପ୍ରକ୍ରିୟା ହୋଇପାରେ । ଅନ୍ୟ ସମୁହ ମାନଙ୍କର ସାଂସ୍କୃତିକ ଗୁଣ ସବୁକୁ ଆହରଣ (ଗ୍ରହଣ) କରୁଥିବା ବ୍ୟକ୍ତି ଓ ସମୁହ ମାନେ ଏହି ପ୍ରକ୍ରିୟାରେ ଆହରଣ କରୁଥିବା ବିଷୟରେ ସଚେତନ କିମ୍ବା ଅଚେତନ ହୋଇପାରନ୍ତି ।

୨. ଯେତେବେଳେ ଭିନ୍ନ ଭିନ୍ନ ସଂସ୍କୃତିର ଦୁଇ କିମ୍ବା ଅଧିକ ସମୁଦାୟ ଏକାଠି ହୋଇ ପରସ୍ପର ର ସାଂସ୍କୃତିକ ଗୁଣକୁ ଗ୍ରହଣ କରିବା ଆରମ୍ଭ କରନ୍ତି, ସେତେବେଳେ ଅନ୍ୟ ସଂସ୍କୃତି କରଣ ସଂଘଟିତ ହୁଏ । ଏଣୁ ଏହା ଏକ ଦୁଇତରଫା ସାଂସ୍କୃତିକ ପରିବର୍ତ୍ତନ ଅଟେ । ଏଥିରେ ସଂପୃକ୍ତ ଥିବା ସମୁହ ମାନେ ପରିବର୍ତ୍ତିତ ହୋଇଥାନ୍ତି ।

୩. ଅନ୍ୟ ସଂସ୍କୃତିକରଣ ରାତାରାତି ଘଟେ ନାହିଁ । ଏଥିରେ ଏକ ସମୁହର ସଦସ୍ୟ ମାନେ ଅନ୍ୟ ସମୁହର ସାଂସ୍କୃତିକ ଗୁଣକୁ ଆହରଣ କରିବା ପାଇଁ ଦୀର୍ଘ ସମୟ ନେଇଥାନ୍ତି । କିନ୍ତୁ ଅନ୍ୟ ସଂସ୍କୃତିକରଣ ପାଇଁ ଦରକାର ହେଉଥିବା ସମୟ ଆତ୍ମୀକରଣ ପାଇଁ ଦରକାର ହେଉଥିବା ସମୟ ଠାରୁ କମ୍ ହୋଇଥାଏ । ତେଣୁ ଆତ୍ମୀକରଣ ତୁଳନା ରେ ଅନ୍ୟ ସଂସ୍କୃତିକରଣ କମ ସମୟ ନେଇଥାଏ ।

୪. ଅନ୍ୟ ସଂସ୍କୃତିକରଣ ପ୍ରତ୍ୟକ୍ଷ ଭାବରେ ଘଟିଥାଏ କିମ୍ବା ଦୂରରୁ ପରୋକ୍ଷ ସଂପର୍କ ମାଧ୍ୟମରେ ଯଥା - ରେଡ଼ିଓ, ଟି.ଭି., ସମ୍ବାଦ ପତ୍ର, ସାହିତ୍ୟ ଇତ୍ୟାଦି ମାଧ୍ୟମରେ ଘଟିଥାଏ ।

୫. ଆତ୍ମୀକରଣ ବା ଏକୀକରଣ ପାଇଁ ଅନ୍ୟ ସଂସ୍କୃତି କରଣ ଏକ ପ୍ରାକ୍ ଅବସ୍ଥା ଅଟେ । ଯେତେବେଳେ ସଂସ୍କୃତି ସଂପର୍କ ର ଅବସ୍ଥା ସୃଷ୍ଟି ହୁଏ, ସେତେବେଳେ ଏହା, ଆତ୍ମୀକରଣ କିମ୍ବା ଏକୀକରଣ (ସଂହତି) ର ପରିସ୍ଥିତି ର ରୂପ ନିଏ ।



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୧.୧

ଉପଯୁକ୍ତ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।

(କ) ଅନ୍ୟ ସଂସ୍କୃତି କରଣ ହେଉଛି ________ ର ଏକ ପ୍ରକ୍ରିୟା ।

(ଖ) ଅନ୍ୟ ସଂସ୍କୃତିକରଣ ହେଉଛି ________ ।

(ଗ) ଏହା ପାରସ୍ପରିକ ________ ଯୋଗୁଁ ସୃଷ୍ଟି ହୁଏ ।

(ଘ) ସାଂସ୍କୃତିକ ସଂପର୍କ ________ ଓ ________ ଦ୍ୱାରା ସୁଗମ ହୋଇଥାଏ ।

(ଙ) ଅନ୍ୟ ସଂସ୍କୃତିକରଣ ହେଉଛି, ଏକ ସମୁହ ରୁ ଅନ୍ୟ ସମୁହକୁ ସାଂସ୍କୃତିକ ଉପାଦାନ ମାନଙ୍କର ________ ।

(ଚ) ଅନ୍ୟ ସଂସ୍କୃତିକରଣ ହେଉଛି ________ ଓ ________ ର ପ୍ରକ୍ରିୟା ।

(ଛ) ଅନ୍ୟ ସଂସ୍କୃତିକରଣ ହେଉଛି ________ ଓ ________ ର ପୂର୍ବାବସ୍ଥା ।

## ୧୧.୨ ଆତ୍ମୀକରଣ (Assimilation)

ଆତ୍ମୀକରଣ ମଧ୍ୟ ସାଂସ୍କୃତିକ ସଂପର୍କର ଏକ ପରିଣାମ ଅଟେ । ଏହା ଏକ ସାଧାରଣ ବିଶ୍ୱାସ ଯେ ଲୋକ ମାନେ ଯେତେ ଭାବର ଆଦାନ ପ୍ରଦାନ କରିବେ, ସେମାନେ ସେତେ ନିକଟତର ହେବେ ଓ ପରସ୍ପରକୁ ପସନ୍ଦ କରିବେ, ତଥା ସେମାନଙ୍କ ମଧ୍ୟରେ ସାମ୍ୟ ତଥା ସାମଞ୍ଜସ୍ୟ ବଢ଼ିବ । ଏହା ମଧ୍ୟ ସାଧାରଣ ଭାବେ ବିଶ୍ୱାସ କରାଯାଏ ଯେ ଆମେ ଅନ୍ୟମାନଙ୍କ ବିଷୟରେ ଯେତେ ଅଧିକ ଜାଣିବା, ସେମାନଙ୍କୁ ସେତେ ଅଧିକ ପସନ୍ଦ କରିବା । ଆତ୍ମୀକରଣ ଏପରି ଏକ ପ୍ରକ୍ରିୟା, ଯେଉଁ ଥିରେ ବ୍ୟକ୍ତି ଓ ସମୁହ ଅନ୍ୟ ସମୁହର ମୂଲ୍ୟବୋଧକୁ ଏତେ ମାତ୍ରାରେ ଆହରଣ କରନ୍ତି ଯେ ସେମାନେ ନିଜର ପରିଚୟ ହରାନ୍ତି । ଏହି ପ୍ରକ୍ରିୟା ମାଧ୍ୟମରେ ଭିନ୍ନ ଭିନ୍ନ ଅସମାନ ସଂସ୍କୃତିର ଲୋକ ମାନଙ୍କର ଘନିଷ୍ଠ ସଂପର୍କ ରୁ ଏକ ସାଂସ୍କୃତିକ ଗୁଣାବଳୀର ମିଶ୍ରଣ ସୃଷ୍ଟି ହୁଏ ।

ଆତ୍ମୀକରଣ କୁ ଏକ ପ୍ରାକୃତିକ ଓ ସହାୟତା ବର୍ଜିତ ପ୍ରକ୍ରିୟା ଭାବରେ ମଧ୍ୟ ଗ୍ରହଣ କରାଯାଏ । ଏହାକୁ ମଧ୍ୟ ଏକ ସମାନ ମାନସିକତା ତତ୍ତ୍ୱ ସହିତ ତୁଳନା କରାଯାଏ । ଏହା ମଧ୍ୟ ଲୋକ ପ୍ରିୟ ଧାରଣା, "ସମାନତା ଓ ସମରୂପତା ଏକତା ସହିତ ସମାନ", ଉପରେ ପର୍ଯ୍ୟବସିତ । ଆତ୍ମୀକରଣ ର ଧାରଣା, ଏକା ଭଳି ଭାବିବା ଓ କାର୍ଯ୍ୟ କରିବାର ଅନୁଭବ ଉପରେ ମଧ୍ୟ ପର୍ଯ୍ୟବସିତ । ଆତ୍ମୀକରଣ ର ଅନ୍ୟ ଏକ ଅର୍ଥ ହେଲା, ବିଦେଶାଗତ ବା ନବାଗତ ମାନଙ୍କର ଅତୀତ ରେ ଅବଦାନ ରହିଛି ଓ ସେମାନେ ମଧ୍ୟ ଭବିଷ୍ୟତ ରେ ନିଜର ସ୍ୱଭାବ, ସଂସ୍କୃତି ଓ ଦର୍ଶନ ର ଅନୁଭବ ରୁ କିଛି ଅବଦାନ ଦେବେ । ବିବିଧତାର ଏହି ଅନୁପମ ସ୍ୱୀକୃତି, ସାଂସ୍କୃତିକ ମିଶ୍ରଣ ପ୍ରକ୍ରିୟା କୁ ତ୍ୱରାନ୍ୱିତ କରେ । ଏହି ସବୁ କାରଣରୁ ଏହା କହିବା ଉଚିତ ହେବ ଯେ ଆତ୍ମୀକରଣ ସମାନତା ସହିତ ଭିନ୍ନତା ର ଉପାଦାନ କୁ ମଧ୍ୟ ନିଜ ମଧ୍ୟ ରେ ସାମିଲ କରିଥାଏ ।

ଆତ୍ମୀକରଣ ହେଉଛି ମିଶ୍ରଣ ଓ ଆନ୍ତର୍ଭେଦନୀୟତା ର ଏକ ପ୍ରକ୍ରିୟା ଓ ଏଥିରେ ବ୍ୟକ୍ତି ଓ ସମୁହ ମାନେ ଅନ୍ୟ ବ୍ୟକ୍ତି ଓ ସମୁହ ମାନଙ୍କର ସ୍ମୃତି, ମନୋବୃତ୍ତି ତଥା ଭାବନା ସବୁ କୁ ଅଭିଜ୍ଞତା ର ଆଦାନ ପ୍ରଦାନ ମାଧ୍ୟମରେ ଆହରଣ କରିଥା'ନ୍ତି । ଏହି ସବୁ ଆହରିତ ଗୁଣାବଳୀ ସେମାନଙ୍କର ମିଶ୍ରିତ ସାଂସ୍କୃତିକ ଜୀବନ ରେ ସମ୍ମିଳିତ ହୋଇ ଥାଏ । ଆତ୍ମୀକରଣ ଏହି ଐତିହାସିକ ପ୍ରକ୍ରିୟାରେ ଏକ ମୁଖ୍ୟ ଭୂମିକା



ଟୀପ୍ପଣୀ

ଗ୍ରହଣ କରି ସାଧାରଣ ପରଂପରା ଓ ଅନୁଭୂତି ରେ ଭାଗୀଦାର ହୋଇଥାଏ ।

ଆତ୍ମୀକରଣ ପ୍ରକ୍ରିୟାରେ ବ୍ୟକ୍ତି ଓ ସମୁହ ର ମନୋବୃତ୍ତି ର ପରିବର୍ତ୍ତନ ଧୀରେ ଧୀରେ ଓ ସଂଯତ ଭାବରେ ହୋଇଥାଏ, ଯଦ୍ୟପି ଏହାର ବାହ୍ୟ ସ୍ୱରୂପ ଏକ ସ୍ଥାୟୀ ଓ ଅନମନୀୟ ଦେଖାଯାଏ ।

## ୧୧.୨.୧ ଆତ୍ମୀକରଣ ର ଲକ୍ଷଣ :

୧. ଆତ୍ମୀକରଣ, ସାମାଜିକ ପ୍ରକ୍ରିୟାରେ ସଂପୃକ୍ତ ଥିବା ସମୁହ ମାନଙ୍କର ବିନା ସଚୈତନିକ ଉଦ୍ୟମରେ ସଂଘଟିତ ହୁଏ । ଏଣୁ ଆତ୍ମୀକରଣ ଏକ ଅଚେତନ ପ୍ରକ୍ରିୟା ଅଟେ ।

୨. ସାମାନ୍ୟତଃ, ଆତ୍ମୀକରଣ ବାସ୍ତବିକ ରୂପ ନେବା ପାଇଁ ବହୁ ସମୟ ନେଇଥାଏ । ଦୁଇଟି ସଂସ୍କୃତି ପରସ୍ପର ର ସଂପର୍କ ରେ ଆସି ପରସ୍ପର ମଧ୍ୟରେ ବିଲୟ ହେବା ପାଇଁ ବହୁ ସମୟ ନେଇଥା'ନ୍ତି । ଏଣୁ ଆତ୍ମୀକରଣ ଏକ ମନ୍ଥର ପ୍ରକ୍ରିୟା ।

୩. ଆତ୍ମୀକରଣ ସେତେବେଳେ ସଂଘଟିତ ହୁଏ, ଯେତେବେଳେ ସାମାଜିକ ପ୍ରକ୍ରିୟାରେ ସଂପୃକ୍ତ ଥିବା ସମୁହ ମାନଙ୍କ ମଧ୍ୟରେ ଅସମାନତା ଥାଏ । ତେଣୁ ସେମାନେ ଏକ ପ୍ରକାର ର ଶ୍ରେଣୀ ବଦ୍ଧ ହୋଇଥାନ୍ତି । ଗୋଟିଏ ପ୍ରଭୁତ୍ୱ ଥିବା ସଂସ୍କୃତି ଓ ଅନ୍ୟଟି ଅଧସ୍ତନ ସଂସ୍କୃତି । ସାମାନ୍ୟତଃ ପ୍ରଭୁତ୍ୱ ବା ଆଧିପତ୍ୟ ଥିବା ସଂସ୍କୃତି, ଅଧସ୍ତନ ସଂସ୍କୃତିକୁ ନିଜ ମଧ୍ୟରେ ମିଶ୍ରଣ କରିଥାଏ ଓ ଏହାମାଧ୍ୟମରେ ଆତ୍ମୀକରଣ ସଂଘଟିତ ହୁଏ ।

୪. ଆତ୍ମୀକରଣ ଏକ ଅସ୍ଥାୟୀ ଘଟଣା ନୁହେଁ । ଏହାର ପ୍ରଭାବ ସ୍ଥାୟୀ ହୋଇଥାଏ । ଆତ୍ମୀକରଣ ଯୋଗୁଁ ସଂସ୍କୃତିରେ ଘଟୁଥିବା ପରିବର୍ତ୍ତନ ସବୁ ଦୀର୍ଘ ସମୟ ଧରି ଅବ୍ୟାହତ ରୁହନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୧.୨

୧. ନିମ୍ନୋକ୍ତ ମଧ୍ୟରୁ କେଉଁ କଥନ ଟି ସତ୍ୟ ନୁହେଁ

(କ) ଆତ୍ମୀକରଣ ହେଉଛି ଅନ୍ୟ ସଂସ୍କୃତି କରଣର ଏକ ଅସ୍ଥାୟୀ ସ୍ୱରୂପ ।

(ଖ) ଆତ୍ମୀକରଣ ଏକ ମନ୍ଥର ପ୍ରକ୍ରିୟା ଅଟେ ।

(ଗ) ଆତ୍ମୀକରଣ ଏକ ଅଚେତନ ପ୍ରକ୍ରିୟା ।

(ଘ) ଆତ୍ମୀକରଣ, ଅନ୍ୟ ସଂସ୍କୃତିକରଣ ଦ୍ୱାରା ସୃଷ୍ଟି ହୋଇଥାଏ ।

୨. ନିମ୍ନୋକ୍ତ କେଉଁ କାରକ ଟି ଆତ୍ମୀକରଣର ବାଧକ ।

(କ) ଅନ୍ତର୍ଜାତୀୟ ବିବାହ

(ଖ) ଆର୍ଥିକ ସମାନତା ସହିତ ସାଂସ୍କୃତିକ ସମରୂପତା

(ଗ) ତୀବ୍ର ସାଂସ୍କୃତିକ ଭିନ୍ନତା ସହିତ ନାସ୍ତ୍ୟାତ୍ମକ ପାରସ୍ପାରିକତା

(ଘ) ଉପରୋକ୍ତ କେହି ନୁହେଁ ।

୩. ଆତ୍ମୀକରଣ ହେଉଛି ଏକ ________ ର ପ୍ରକ୍ରିୟା । (ମିଶ୍ରଣ, ବିଭାଜନ, ଏକୀକରଣ)

୪. ଆତ୍ମୀକରଣରେ, ________

(କ) ସଂପୃକ୍ତ ଥିବା ସଂସ୍କୃତି ମାନଙ୍କ ମଧ୍ୟରେ ସମାନତା ଥାଏ ।

(ଖ) ସଂପୃକ୍ତ ଥିବା ସଂସ୍କୃତି ମାନେ ସମରୂପୀ ସାମାଜିକ ସଂଗଠନ ମାନଙ୍କର ଲକ୍ଷଣ ବହନ କରିଥା'ନ୍ତି ।

(ଗ) ଏକ ସଂସ୍କୃତି ପ୍ରଭୁତ୍ୱ ସଂପନ୍ନ ଓ ଅନ୍ୟ ସଂସ୍କୃତି ଅଧସ୍ତନ ତଥା ସଂଖ୍ୟାନ୍ୟୁନ ହୋଇଥାଏ ।

(ଘ) ଉପରୋକ୍ତ ସମସ୍ତ ।

## ୧୧.୩ ଏକୀକରଣ (Integration)

ଏକୀକରଣ, ଅନେକ ଭିନ୍ନ ଭିନ୍ନ ଘଟକ (ଉପାଦାନ) ମାନଙ୍କର ଗୋଟିଏ ଏକକ ରେ ଏକତ୍ର ହେବାର ଏକ ପ୍ରକ୍ରିୟା ଅଟେ । ତେଣୁ ଏକୀକରଣ ସଦସ୍ୟ ମାନଙ୍କୁ ଏକାଠି କରିବା ସଙ୍ଗେ ସଙ୍ଗେ ଏକ ସମୂହରେ ରହିବା ପାଇଁ ବାଧ କରିଥାଏ । ତେଣୁ ଏକୀକରଣ ଏକ ସମୂହରେ ସ୍ଥିରତା ଆଣିବା ସଙ୍ଗେ ସଙ୍ଗେ ଏକ ସଂଗଠନାତ୍ମକ ପ୍ରକ୍ରିୟା ଭାବରେ କାର୍ଯ୍ୟ କରେ । ଏହା ସାମାଜିକ ପୃଥକୀ କରଣ କୁ ବିରୋଧ କରେ, ତଥା ଅଲଗା ରହିବା, ବିକ୍ଷିପ୍ତ ହେବା ମାନସିକତାର ବିରୋଧି । ସାମୁହିକ ଏକୀକରଣ, ସମୂହ ମାନଙ୍କର ପରସ୍ପର ଏକାଠି ରହିବା ବା ସମୁହିକ ଏକତା ବା ଅଖଣ୍ଡତାର ପ୍ରତୀକ ଅଟେ ।

ଏକୀକରଣ ଏକ ସାମୁହିକ ପ୍ରକ୍ରିୟା ଅଟେ । ଏହା ମୁଖ୍ୟତଃ ବ୍ୟକ୍ତିମାନଙ୍କ ସମୁହରେ ରହିବା ବା ଅନ୍ୟ ସମୁହ ମାନଙ୍କର ଉପସ୍ଥିତିରେ ରହିବା ବିଷୟ ସହିତ ସଂପୃକ୍ତ । ସେଥିପାଇଁ ସମୁହ ଗଠନର ଆବଶ୍ୟକତା ଓ ଉପାୟ ଜାଣିବା ଗୁରୁତ୍ୱପୂର୍ଣ୍ଣ । ଏହି ସଂପର୍କୀତ ଜ୍ଞାନ ସବୁ ଆମକୁ ସମୁହ ମାନଙ୍କରେ ଥିବା ଏକତା ଓ ଏକାତ୍ମବୋଧ ର ମାତ୍ରାକୁ ଜାଣିବାରେ ସାହାଯ୍ୟ କରିଥାଏ । ବ୍ୟକ୍ତି ଗତ ସଦସ୍ୟ ମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ସମୁହ ଗଠନ ହୋଇଥାଏ । ଏକ ସମୁହ ଏହାର ସଦସ୍ୟ କୁ ସଦସ୍ୟତା ଓ ସୁରକ୍ଷା ପ୍ରଦାନ କରି, ସମୁହରେ ରହିବାର ଭାବନା ଜାଗ୍ରତ କରିବାରେ ସାହାଯ୍ୟ କରିଥାଏ । ଏହାକୁ ଲୋକ ସଂଖ୍ୟା ସମ୍ବନ୍ଧିତ ବା ପରିସଂଖ୍ୟାନ ଶ୍ରେଣୀ ଭାବରେ ଦର୍ଶାଯାଏ । ଅନ୍ୟ ଏକ ସମୁହର ପ୍ରକାର ହେଲା ଏକ "ସାମାଜିକ ପ୍ରକାର" (Social Category) । ଏହା ସେହି ସବୁ ଲୋକ ମାନଙ୍କର ସମୁହ, ଯେଉଁମାନେ ସମାନ ପ୍ରସ୍ଥିତି ଧାରଣ କରିଥାନ୍ତି ଓ ସମାନ ଭୂମିକା ନିର୍ବାହ କରିଥାନ୍ତି । ଏକ ସାମାଜିକ ସମୁହ, ଏକ ଧାରା ଅନୁଯାୟୀ ଘଟୁଥିବା ଆନ୍ତଃ-କ୍ରିୟା, ଭାଗୀଦାରୀ ବିଶ୍ୱାସ ଓ ମୂଲ୍ୟବୋଧ ର ଲକ୍ଷଣ ବହନ କରିଥାଏ । ସାମାଜିକ ସମୁହର କେତେକ ଉଦାହରଣ ହେଲା ପରିବାର, ଜ୍ଞାତିସମୁହ, ଗ୍ରାମ ଓ ଜାତି ଇତ୍ୟାଦି ।

ସମୁହ ର ସଦସ୍ୟ ମାନଙ୍କୁ ଏକାଠି ରଖିବା ଉଦ୍ଦେଶ୍ୟ ରେ ଓ ସମୁହରେ ଏକତା ବଜାୟ ରଖିବା ପାଇଁ ଏକୀକରଣ ଏକ ଦୃଢ ଶକ୍ତି ଭାବରେ କାର୍ଯ୍ୟ କରେ । ଏକୀକରଣ ଉପରେ ସମୁହର ସ୍ଥିରତା ନିର୍ଭର କରେ । ଏହା ଏପରି ଏକ ପ୍ରକ୍ରିୟା, ଯାହା ସମୁହ ର ସଦସ୍ୟ ମାନଙ୍କୁ ସମୁହ ମଧ୍ୟରେ ଏକାଠି ରହିବାକୁ ବାଧ କରେ । ଏହା ମଧ୍ୟ ସମୁହ ସଦସ୍ୟ ମାନଙ୍କୁ ସଂଯୁକ୍ତ କରି ସେମାନଙ୍କୁ ଗୋଟିଏ ଏକକ କରି ଧରି ରଖିବାର ଏକ ପ୍ରକ୍ରିୟା ଅଟେ ।

ସମୁହ ସଦସ୍ୟ ମାନଙ୍କ ମଧ୍ୟରେ ହେଉଥିବା ସାମାଜିକ ସଂପର୍କ, (ଯାହା ଏକୀକରଣର ବିଭିନ୍ନ ସ୍ତରରେ ହୁଏ) କୁ ସାମୁହିକ ଏକୀକରଣ କୁହାଯାଏ । ଏହି ସାମାଜିକ ସମ୍ବନ୍ଧ ମାନଙ୍କର ତୀବ୍ରତା ଓ ମାତ୍ରା ଭିନ୍ନ ଭିନ୍ନ ହୋଇଥାଏ ଓ ଏମାନଙ୍କୁ ତୀବ୍ର ଭାବେ ଏକୀକୃତ, ମଧ୍ୟମ ଧରଣର ଏକୀକୃତ ବା ହାଲୁକା ଭାବରେ ଏକୀକୃତ ସଂପର୍କ - ଗୁଚ୍ଛ କୁହାଯାଏ । ବିଭିନ୍ନ ସମୁହ ର ଏକୀକରଣର ସ୍ତର ସବୁକୁ ପରିବାର, ବଂଶ, ଗ୍ରାମ, ସାଙ୍ଗସାଥୀ, ଜାତି, ଶ୍ରେଣୀ, ଅଞ୍ଚଳ, ଧର୍ମ, ରାଷ୍ଟ୍ର ଓ ଜାତି ସ୍ତରରେ ବିଭାଜିତ କରାଯାଇ ପାରେ । ଏହି ସମସ୍ତ ସ୍ତରରେ ପରିବାର ତୀବ୍ର ଭାବରେ ଏକୀକୃତ ହୋଇପାରେ, କିନ୍ତୁ ଏକୀକରଣର ସାମାଜିକ-ସାଂସ୍କୃତିକ ସ୍ତରରେ ଅନ୍ୟ ସମୁହ ମାନଙ୍କ ସହିତ ଏହା ହାଲୁକା ଭାବରେ ଏକୀକୃତ ହୋଇଥାଏ । ଏହା



ଟୀପ୍ପଣୀ

ଭିନ୍ନ ଭିନ୍ନ ସମୂହର ପରିସ୍ଥିତି ଓ ଆବଶ୍ୟକତା ଉପରେ ନିର୍ଭର କରିଥାଏ । ପ୍ରାକୃତିକ ବିପର୍ଯ୍ୟାୟ ଓ ବିଦେଶୀ ଆକ୍ରମଣ ସମୟରେ ଜାତୀୟ ସ୍ତରରେ ଏକୀକରଣ ତୀବ୍ର ହୋଇ, ଜାତୀୟ ସଂହତି ଓ ଏକତା କୁ ପ୍ରତିଫଳିତ କରିଥାଏ । ଏହା ସହିତ ଅଞ୍ଚଳ, ଧର୍ମ, ଜାତି ଓ ଅନ୍ୟ ସାମାଜିକ-ସାଂସ୍କୃତିକ ଏକୀକରଣ ର ସ୍ତରରେ ମଧ୍ୟ ଏହି ପରି ହୋଇଥାଏ ।

## ୧୧.୩.୧ ଏକୀକରଣକୁ ଗଠନ କରୁଥିବା ଉପାଦାନ (Components of Integration)

ଏକୀକରଣ ନିମ୍ନୋକ୍ତ ଉପାଦାନ ମାନଙ୍କୁ ନେଇ ଗଠିତ ହୋଇଥାଏ । -

୧. ଶ୍ରମ ବିଭାଜନ, ପାରସ୍ପରିକ ସଂପର୍କ ଓ ନିର୍ଭର ଶୀଳତା ରୁ ସୃଷ୍ଟି ହୋଇଥିବା ସାଧାରଣ ଲକ୍ଷଣମାନ ସମୁହ ର ଏକତା କୁ ସୁଗମ କରିଥାଏ ।

୨. ସମୁହ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ ପ୍ରତିମାନ ମାନଙ୍କର ସ୍ୱୀକୃତି ଓ ପାଳନ ହେଉଛି ଅନ୍ୟ ଏକ ଏକୀକରଣ ର କାରକ ।

୩. ସମୁହ ମଧ୍ୟରେ ସାମାଜିକ ନିୟନ୍ତ୍ରଣ କୁ ସୁଦୃଢ କରିବା ପାଇଁ ନିଜ ସଂସ୍କୃତିର ମହିମା ଗାନ ବା ଇଥ୍‌ନୋସେଣ୍ଟ୍ରିଜିମ୍ (Ethnocentrism) ସହାୟକ ହୋଇଥାଏ ।

୪. ସମୁହ ର ସଦସ୍ୟ ମାନଙ୍କର ଶୃଙ୍ଖଳା ମଧ୍ୟ ସମୁହକୁ ଏକାଠି କରିଥାଏ ।

ସମୁହର ଏକୀକରଣ କୁ ପ୍ରଭାବିତ କରୁଥିବା ମୁଖ୍ୟ କାରକ ମାନ ହେଲା - ପାରସ୍ପାରିକ ନିର୍ଭରଶୀଳ କାର୍ଯ୍ୟ କଳାପ, ସହମତି ଓ ନୈତିକବଳ । ସମୁହ ଦୃଢତା ଓ ଏକୀକରଣ କେବଳ ସାମାଜିକ ଆନ୍ତଃ କ୍ରିୟା ଦ୍ୱାରା ନ ହୋଇ ଆପେକ୍ଷ ସନ୍ତୋଷ ଦ୍ୱାରା ହୋଇଥାଏ ।

## ୧୧.୩.୨ ଏକୀକରଣ କୁ ପ୍ରଭାବିତ କରୁଥିବା କାରକ :-

୧. ସମୁହର ଆକାର : କ୍ଷୁଦ୍ର ଆକାରର ସମୁହ ମାନଙ୍କୁ ଏକତ୍ର କରିବା ସହଜ ହୋଇଥାଏ ।

୨. ପ୍ରାଥମିକ ସମୁହ ମାନଙ୍କରେ ଏକୀକରଣ ର ଅନେକ କ୍ଷମତା ଥାଏ ।

ଭୌତିକ ଚଳନ ଶୀଳତା ଓ ସାମୁହିକ ଏକତା ର ସଂପର୍କ କୁ ସମରୂପତା ଓ ଏକୀକରଣ ମଧ୍ୟରେ ଥିବା ସଂପର୍କର ସମସ୍ୟା ର ଏକ ଦିଗ ଭାବରେ ଗ୍ରହଣ କରାଯାଇପାରେ । ଚଳନଶୀଳତା ବା ବ୍ୟକ୍ତିଙ୍କର ଦ୍ୱାରା ହେଉଥିବା ମିଳାମିଶା, ସମୁହ ସହିତ ଏକ ଅଚିହ୍ନା ଆଗନ୍ତୁକ ର ଭେଟ କରାଏ, ତେବେ ଏଥିରେ ଏକ ସମସ୍ୟା ହେଉଛି ଯେ ସମୁହର ଦୃଢତା ବା ଏକତାର କ୍ଷତି ନ କରି, ନୂତନ ସଦସ୍ୟ ର ଆତ୍ମୀକରଣ କିପରି କରାଯିବ । ଏଠାରେ ଏକ ସାଧାରଣ ବିଶ୍ୱାସ ରହଛି, ଯେ ଆଗନ୍ତୁକ ସମୁହର ଆକାର ଯେତେ ବଡ଼ ହେବ, ପୂର୍ବରୁ ପ୍ରତିଷ୍ଠିତ ସମୁହ (ଯେଉଁ ସମୁହ ରେ ଆଗନ୍ତୁକ ସମୁହ ର ମିଶ୍ରଣ ହେବ) ର ପ୍ରତିରୋଧ ସେତେ ଅଧିକ ହେବ ।

## ୧୧.୩.୩ ଏକୀକରଣ ର ଲକ୍ଷଣ :-

୧. ଅନ୍ୟ ସଂସ୍କୃତିକରଣ, ଆତ୍ମୀକରଣ ତୁଳନାରେ ଏକୀକରଣ ଏକ ଜଟିଳ ପ୍ରକ୍ରିୟା ।

୨. ଏହା ଏକ ଜଟିଳ ପ୍ରକ୍ରିୟା, କାରଣ ଏଥିରେ ସଂପୃକ୍ତ ଥିବା ସମୁହ ମାନଙ୍କର ସଂରଚନାତ୍ମକ ସମଯୋଜନ (adjustment) ର ଆବଶ୍ୟକତା ପଡିଥାଏ ।



ଟୀପ୍‌ପଣୀ



୩. ଏହି ପ୍ରକ୍ରିୟାରେ ସଂପୃକ୍ତ ଥିବା ସମୁହ ର ସମୁଦାୟ ମାନଙ୍କର କେତେକ ଅନୁଷ୍ଠାନ ରେ ପରିବର୍ତ୍ତନ ହେଉଥିଲା ବେଳେ, ଅନ୍ୟ କେତେକ ଅନୁଷ୍ଠାନ ସେମାନଙ୍କର ପାରଂପାରିକ ଲକ୍ଷଣ ଓ ରୀତିନୀତିକୁ ବଜାୟ ରଖନ୍ତି ।

୪. ଏକୀକରଣ, ପ୍ରମୁଖ ସଂସ୍କୃତି ସହ ବିଭିନ୍ନ ସାଂସ୍କୃତିକ ଘଟକ ମାନଙ୍କର ଏକତ୍ରୀକରଣର ପ୍ରକ୍ରିୟା କୁ ଦର୍ଶାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୧.୩

ନିମ୍ନୋକ୍ତ ବକ୍ତବ୍ୟ ମାନଙ୍କ ମଧ୍ୟରୁ ଭୁଲ ବା ଠିକ୍ ଦର୍ଶାଅ ।

୧. ସମୁହ ର ଏକୀକରଣ, ଏକୀକରଣର ବିଭିନ୍ନ ସ୍ତରରେ ଘଟୁଥିବା (ସଦସ୍ୟ ମାନଙ୍କର) ସାମାଜିକ ସଂପର୍କ କୁ ଦର୍ଶାଏ । (ଭୁଲ / ଠିକ୍)

୨. ସମୁହ ଦ୍ୱାରା ନିର୍ଦ୍ଧାରିତ ପ୍ରତିମାନ-ମାନ ଙ୍କର ସ୍ୱୀକୃତି ଓ ସେମାନଙ୍କର ଅନୁପାଳନ ଏକ କାରକ ନୁହେଁ । (ଭୁଲ / ଠିକ୍)

୩. ଏକ ସମୁହର ଆକାର ତା'ର ଏକୀକରଣ କୁ ପ୍ରଭାବିତ କରିଥାଏ ।(ଭୁଲ / ଠିକ୍)

୪. ଏକୀକରଣ ହେବାପାଇଁ, ପ୍ରାଥମିକ ସମୁହ ତୁଳନା ରେ ଗୌଣ ସମୁହ ର ଅଧିକ ସାମର୍ଥ୍ୟ ଥାଏ । (ଭୁଲ / ଠିକ୍)

୫. ଏକୀକରଣକୁ ସଂଗଠନ ର ଏକ ପ୍ରକ୍ରିୟା ଭାବେ ଗ୍ରହଣ କରାଯାଏ । (ଭୁଲ / ଠିକ)

## ୧୧.୪ ଅନ୍ୟ ସଂସ୍କୃତି କରଣ, ଆତ୍ମୀକରଣ ଓ ଏକୀକରଣ

ଆପଣ ମାନେ ଅଧିକ ସ୍ପଷ୍ଟ ଭାବରେ ଅନ୍ୟ ସଂସ୍କୃତି କରଣ ଆତ୍ମୀକରଣ ଓ ଏକୀକରଣ ଭଳି ଧାରଣା ମାନଙ୍କୁ ବୁଝିପାରିବେ ।ଏଠାରେ ଏହି ଧାରଣା ମାନଙ୍କର ଏକ ତୁଳନାତ୍ମକ ଅଧ୍ୟୟନ ପ୍ରସ୍ତୁତ କରାଯାଉଛି ।

ଏହି ତିନି ପ୍ରକ୍ରିୟା ମାନଙ୍କର ସାଧାରଣ ଲକ୍ଷଣ ସହ ଭିନ୍ନତା ମଧ୍ୟ ରହିଛି ।

କେତେକ ସାଧାରଣ ଲକ୍ଷଣ ହେଲା -

୧. ଅନ୍ୟ ସଂସ୍କୃତି କରଣ, ଆତ୍ମୀକରଣ ଓ ଏକୀକରଣ ହେଉଛନ୍ତି ସାଂସ୍କୃତିକ ସଂପର୍କ ର ମୌଳିକ ସିଦ୍ଧାନ୍ତ ।

୨. ଏମାନେ ସାମାଜିକ ପ୍ରକ୍ରିୟାର ଅବିଚ୍ଛେଦ୍ୟ ଅଙ୍ଗ ଅଟନ୍ତି ।ଅନ୍ୟ ଭାଷାରେ କହିଲେ, ବିଭିନ୍ନ ସମାଜ ଓ ସଂସ୍କୃତି ର ସାମାଜିକ ପ୍ରକ୍ରିୟାରେ ଏହିସବୁ ନିହିତ ଥା'ନ୍ତି ।

୩. ଏହି ତିନି ପ୍ରକ୍ରିୟା ର ସାଧାରଣ ବୈଶିଷ୍ଟ୍ୟ ହେଲା ସାଂସ୍କୃତିକ ଗୁଣାବଳୀ ମାନଙ୍କର ଆଦାନ ବା ଆହରଣ ।

୪. ଭିନ୍ନ ତୀବ୍ରତା ଓ ବ୍ୟାପକତା ଥିବା ସାଂସ୍କୃତିକ ଗୁଣାବଳୀର ସ୍ୱୀକୃତି, ଗ୍ରହଣୀୟତା ଓ ଅନୁପାଳନ ଏହି ତିନି ପ୍ରକ୍ରିୟାର ସାଧାରଣ ଲକ୍ଷଣ ଅଟେ ।



ଟୀପ୍‌ପଣୀ

ଅନ୍ୟ ସଂସ୍କୃତି କରଣ

- ସାଂସ୍କୃତିକ ସଂପର୍କର ସ୍ଥିତି
- ଦୁଇ ସମୁଦାୟ ମଧ୍ୟରେ ସାଂସ୍କୃତିକ ଗୁଣାବଳୀ ର ବିନିମୟ
- ଏହା ପ୍ରତ୍ୟକ୍ଷ ସଂପର୍କ ଦ୍ୱାରା କିମ୍ବା ଦୂରରୁ ପରୋକ୍ଷ ସଂପର୍କ ଦ୍ୱାରା ସମ୍ଭବ ।
- ଅନ୍ୟ ସଂସ୍କୃତି କରଣ ଏକ ପ୍ରକ୍ରିୟା କିମ୍ବା ଉତ୍ପାଦ ହୋଇପାରେ ।

- ଯେତେବେଳେ ଏକ ସଂସ୍କୃତି ନିଜର ପରିଚୟ ହଜାଏ
- ଅନ୍ୟ ସଂସ୍କୃତି ସହିତ ସଂପୂର୍ଣ୍ଣ ବିଲୀନ ହୋଇଯାଇ

ଆତ୍ମୀକରଣ

- ଆତ୍ମୀକରଣ, ଏକ ଦୀର୍ଘ ସମୟ ଧରି ଚାଲୁଥିବା ସାଂସ୍କୃତିକ ପ୍ରକିୟୟାର ପରିଣାମ ଅଟେ ।

- ଯେତେବେଳେ ବିଭିନ୍ନ ସମୁଦାୟ ଏକତ୍ର ସହାବସ୍ଥାନ କରି ଏକ ପ୍ରମୁଖ ସଂସ୍କୃତିର ଗୁଣ ଆହରଣ କରନ୍ତି ।
- ସେମାନେ ନିଜର ପରିଚୟ ହରାନ୍ତି ନାହିଁ ।

ଏକୀକରଣ

- ଏକୀକରଣ ମଧ୍ୟ ଏକ ପ୍ରକ୍ରିୟା ବା ଉତ୍ପାଦ ହୋଇପାରେ ।

## ୧୧.୫ ଏହି ପ୍ରକ୍ରିୟା ମାନଙ୍କ ମଧ୍ୟରେ ଥିବା ପ୍ରଭେଦ :

୧. ଆତ୍ମୀକରଣ ସଂସ୍କୃତି ମାନଙ୍କର ମିଶ୍ରଣ କୁ ବୁଝାଉଥିଲା ବେଳେ ଅନ୍ୟ ସଂସ୍କୃତିକରଣ ବ୍ୟାପକ ସ୍ତରରେ ଓ ଏକ ବୃହତ୍ ଅଞ୍ଚଳ ମଧ୍ୟରେ ହେଉଥିବା ସାଂସ୍କୃତିକ ଉପାଦାନ ମାନଙ୍କର ସଂପ୍ରେଷଣ (transmission) କୁ ବୁଝାଏ । ଏକୀକରଣ ଅନ୍ୟ ପକ୍ଷରେ ସଦସ୍ୟମାନଙ୍କୁ ଏକାଠି କରି ସମୁହର ର ଦୃଢତା ଓ ଏକତା ବଜାୟ ରଖେ । ଏହା ମଧ୍ୟ ସମୁହରେ ସ୍ଥିରତା ଆଣିଥାଏ ।

୨. ଅନ୍ୟ ସଂସ୍କୃତି କରଣ ଏକ ନିରନ୍ତର ପ୍ରକ୍ରିୟା ହୋଇଥିଲା ବେଳେ ଏକୀକରଣ ସଂଗଠନ ର ଏକ ପ୍ରକ୍ରିୟା କୁ ବୁଝାଏ । ଏହି ଦୁଇ ପ୍ରକ୍ରିୟା ତୁଳନାରେ ଆତ୍ମୀକରଣ ସାମାଜିକ ସଂପର୍କ ରୁ ସୃଷ୍ଟି ହେଉଥିବା ଆନ୍ତଃ କ୍ରିୟାର ପରିଣାମ ଅଟେ ।

୩. ଆତ୍ମୀକରଣ ହେଉଛି ଭିନ୍ନ ଭିନ୍ନ ସାଂସ୍କୃତିକ ମୂଲ୍ୟବୋଧ ଓ ଆଦର୍ଶର ମିଶ୍ରଣ (fusion) ଏହାର ବିପରୀତ, ଏକୀକରଣ, ସାଂସ୍କୃତିକ ବହୁବାଦିତା, ସ୍ୱେଚ୍ଛାରେ ହେଉଥିବା ଆତ୍ମୀକରଣ କୁ ବୁଝାଏ ।



ଟୀପ୍ପଣୀ



ଏହା ଅତିକମ ସମୟ ମଧ୍ୟରେ ଘଟିଥାଏ । ଅନ୍ୟ ସଂସ୍କୃତିକରଣ ବେଳେବେଳେ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ଓ ତ୍ୱରିତ୍ ସାମାଜିକ ପରିବର୍ତ୍ତନ ଆଣିଥାଏ ।

୪. ଆତ୍ମୀକରଣ କୁ ଏକ ସ୍ୱାଭାବିକ ଓ ସହାୟତା ବର୍ଜିତ ପ୍ରକ୍ରିୟା କୁହାଗଲା ବେଳେ ଅନ୍ୟ ସଂସ୍କୃତି କରଣ ଓ ଏକୀକରଣ ହେଉଛନ୍ତି ସଂସ୍କୃତି-ସଂପର୍କ ଦ୍ୱାରା ତ୍ୱରାନ୍ୱିତ ହେଉଥିବା ପ୍ରକ୍ରିୟା ।

## କ'ଣ ଶିଖିଲେ :

- ଅନ୍ୟ ସଂସ୍କୃତି କରଣରେ ଏକ ସାମାଜିକ ସମୁହରୁ ଅନ୍ୟ ସମୁହକୁ ସାଂସ୍କୃତିକ ଉପାଦାନ ମାନଙ୍କର ସଂପ୍ରେଷଣ ହୋଇଥାଏ ।
- ସଂସ୍କୃତି ଜନ୍ମ ଗତ ହୋଇନଥାଏ । ଜନ୍ମ ନେବା ପରେ ବ୍ୟକ୍ତି ସାଂସ୍କୃତିକ ମୂଲ୍ୟବୋଧ, ବ୍ୟବହାର ରୀତିନୀତି, ପରଂପରା ଓ ପ୍ରତିମାନ ଇତ୍ୟାଦି ଶିଖି ଥାଏ ।
- ସାମାଜିକ ସଂପର୍କ, ଯେତେ କମ୍ ପରୋକ୍ଷ ହେଲେ ସୁଦ୍ଧା ସାଂସ୍କୃତିକ ଗୁଣ ମାନଙ୍କର ଏକ ସଂପ୍ରେଷଣ ସମ୍ଭବ ହୋଇଥାଏ ।
- ଏହି ସବୁ ସାଂସ୍କୃତିକ ସଂପର୍କ, ସଂଘର୍ଷ ଓ ଜାତୀୟ ତଥା ପ୍ରଜାତୀୟ ମିଶ୍ରଣ ଭାଷାରେ ଘଟୁଥିବା ପରିବର୍ତ୍ତନ ସବୁ କୁ ଦର୍ଶାଏ ଓ ତାହା ଆତ୍ମୀକରଣ ପ୍ରକ୍ରିୟାର ର ବର୍ଣ୍ଣନା ପାଇଁ ତଥ୍ୟ ପ୍ରଦାନ କରିଥାଏ । ଆଧୁନିକ ସମୟରେ ଛାପାଖାନା, ପୁସ୍ତକ ଓ ଖବର କାଗଜ ଇତ୍ୟାଦି ଭାଷାର ମାନକୀ କରଣ କରିଥାଏ । ପ୍ରେସ, ଅସମ୍ଭବ ଭାବରେ ଭାଷାର ପୁନର୍ଜାଗରଣ କରିଥିଲା, ଯାହାକି ରାଷ୍ଟ୍ରୀୟ ଆନ୍ଦୋନଳ କୁ ସୁଦୃଢ କରିଥିଲା ।
- ସାଂସ୍କୃତିକ ସଂପ୍ରେଷଣ ରେ ଭାଷା ଭଳି ଏକ ମାଧ୍ୟମ ର ଗୁରୁତ୍ୱ ଏକ ବୈଧ ସିଦ୍ଧାନ୍ତ ଉପରେ ଆଧାରିତ । କଥିତ ଭାଷାରେ ରଢିର ପ୍ରୟୋଗ ସମ୍ଭବତଃ ଇତିହାସ ଅପେକ୍ଷା ଲୋକମାନଙ୍କର ଐତିହାସିକ ଅନୁଭୂତିକୁ ପ୍ରତିଫଳିତ କରିଥାଏ । ଅଧିକାଂଶ ଐତିହାସିକ ଜନ ସମୁହ ର ଏକତା ର ଭିତ୍ତି ପ୍ରଜାତୀୟ ନ ହୋଇ ଭାଷାଗତ ହୋଇଥାଏ ।
- ଅଭୌତିକ ସାଂସ୍କୃତିକ ଗୁଣାବଳୀ ଯଥା - ଆଦର୍ଶ ପ୍ରତିମାନ ଓ ମୁଲ୍ୟବୋଧ ବ୍ୟବସ୍ଥା ତୁଳନାରେ ଭୌତିକ ଗୁଣାବଳୀ ଯୋଗାଯୋଗା ଯୋଗ ଓ ଯାତାୟତ ର ମାଧ୍ୟମ, ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ, କୋଠାବାଡ଼ି, ବାସନ, ଅଳଙ୍କାର ଇତ୍ୟାଦି କୁ ଲୋକ ମାନେ ଅତିବ୍ୟାପକ ସ୍ତରରେ ଓ କ୍ଷିପ୍ରଗତି ରେ ଆହରଣ କରିଥା'ନ୍ତି ।
- ଆତ୍ମୀକରଣର କ୍ଷିପ୍ରଗତି ଓ ସଂପୂର୍ଣ୍ଣତା ପ୍ରତ୍ୟକ୍ଷ ଭାବରେ ସାମାଜିକ ସଂପର୍କର ଘନିଷ୍ଠତା ଉପରେ ନିର୍ଭର କରିଥାଏ ।
- ଏକ କୌତୁହଳ ପୂର୍ଣ୍ଣ ବ୍ୟତିକ୍ରମ ହେଉଛି ଯେ ଔପଚାରିକ ଆନ୍ତଃ-ବିବାହ ବ୍ୟତୀତ, ଦାସତ୍ୱ, ବିଶେଷ କରି ଘରୋଇ ଦାସତ୍ୱ ଆତ୍ମୀକରଣ କୁ ତ୍ୱରାନ୍ୱିତ କରିବାର ଏକ ପ୍ରଭାବଶାଳୀ ମାଧ୍ୟମ ରହିଆସିଛି ।
- ଆଦିମ ଜନ ସମୁହ ମାନଙ୍କରେ ବା ପ୍ରାଚୀନ ଲୋକ ମାନେ ଉତ୍ସବ ଅନୁଷ୍ଠାନ ମାନଙ୍କ ଦ୍ୱାରା ତଥା ଅଚିହ୍ନା ଲୋକ ମାନଙ୍କୁ ନିଜ ସମୁହ ମଧ୍ୟରେ ଗ୍ରହଣ କରିଥାନ୍ତି ।



ଟୀପ୍ପଣୀ

- ଏକୀକରଣ ଭଳି ଆତ୍ମୀକରଣର ବ୍ୟାପକତାର ଏକ ସୀମା ରହିଛି ।
- ପ୍ରଜାତୀୟ ଆଗନ୍ତୁକ ସମୁହ ମାନେ ପ୍ରମୁଖ ସଂସ୍କୃତି କୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ନିଜର ସଂସ୍କୃତିର କିଛି ରୀତିନୀତି ଓ ଛାପ କୁ ବାଜାୟ ରଖନ୍ତି, ଫଳତଃ, ଏକ ସାଂସ୍କୃତିକ ବିବିଧତା ସୃଷ୍ଟି ହୁଏ । ସାଂସ୍କୃତିକ ବହୁ ବାଦିତା (Cultural Pluralism) ବେଳେବେଳେ ସ୍ୱେଚ୍ଛାକୃତ ତଥା ଅସଂପୂର୍ଣ୍ଣ ଆତ୍ମୀକରଣ କୁ ବହନ କରିଥାଏ ।
- ନବାଗତ, କ୍ଷୁଦ୍ର ବା ଅଚିହ୍ନା ସାଂସ୍କୃତିକ ସମୁହ ମାନେ ଆତ୍ମୀକରଣ ର ଦୁଇଟି ପର୍ଯ୍ୟାୟ ଥିବା କଥା ଦର୍ଶାଇଛନ୍ତି । ପ୍ରଥମ ଟି ହେଲା ମୂଳ ସଂସ୍କୃତିର ଦମନ, ଦ୍ୱିତିୟରେ ନୂତନ ଭାଷା ସହିତ ନୂତନ ସାଂସ୍କୃତିକ ଗୁଣାବଳୀ ର ଆହରଣ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧୦୦-୨୦୦ ଶବ୍ଦ ମଧ୍ୟରେ ଉତ୍ତର ଦିଅନ୍ତୁ ।

୧. ନିମ୍ନୋକ୍ତ ଧାରଣା ମାନଙ୍କର ବ୍ୟାଖ୍ୟା କରନ୍ତୁ ।
   (କ) ଅନ୍ୟ ସଂସ୍କୃତିକରଣ
   (ଖ) ଏକୀକରଣ ; ଏବଂ
   (ଗ) ଆତ୍ମୀକରଣ ।

୨. ଆତ୍ମୀକରଣ, ଅନ୍ୟ ସଂସ୍କୃତିକରଣ ତଥା ଏକୀକରଣ ର ଏକ ତୁଳନାତ୍ମକ ଅଧ୍ୟୟନ ପ୍ରସ୍ତୁତ କରନ୍ତୁ ।

୩. ଅନ୍ୟ ସଂସ୍କୃତି କରଣ, ଆତ୍ମୀକରଣ ଓ ଏକୀକରଣ ର ଲକ୍ଷଣ ମାନଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାନ୍ତୁ ।

## ପାରିଭାଷିକ ଶବ୍ଦାବଳୀ (Glossary)

| | | |
|---|---|---|
| Insulation | : | ପୃଥକ ବା ଅଲଗା କରିବା |
| Pristine | : | ବିଶୁଦ୍ଧ, ଅନାବିଳ, ପାରଂପାରିକ ଅର୍ଥରେ |
| Fusion | : | ବହୁ ସଂସ୍କୃତି ର ମିଳନ ଓ ମିଶ୍ରଣ |
| Incorporated | : | ସାମିଲ କରିବା |
| Interpenetration (ଆନ୍ତଃ ଭେଦନୀୟତା) | : | ଦୃଢ ଭାବେ ଭିତରକୁ ପ୍ରବେଶ କରିବା । |
| Patterned Interaction (ଆନ୍ତଃ କ୍ରିୟା ର ଧାରା) | : | ଆପୋଷ କାର୍ଯ୍ୟ - ନୀତି । |
| Group Solidarity | : | ସାମୁହିକ ଦୃଢତା |
| ଆନୋମି (Anomie) | : | ସାମାଜିକ ପ୍ରତିମାନ ହୀନତା ବା ବିପର୍ଯ୍ୟସ୍ତ ସାମାଜିକ ବ୍ୟବସ୍ଥା |
| Ethnocentrism (ଇଥନୋ ସେଣ୍ଟ୍ରିଜିମ୍) | : | ନିଜ ପରଂପରା ଓ ନିଜ ସମୁହ ପ୍ରତି ଏକ ଦୃଢ ଆପଣା ପଣ ତଥା ନିଜ ସଂସ୍କୃତି କୁ ଉତ୍କୃଷ୍ଟ ଦର୍ଶାଇବା । |



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ମାନଙ୍କର ଉତ୍ତର :

୧୧.୧

(କ) ସାଂସ୍କୃତିକ ପରିବର୍ତ୍ତନ

(ଖ) ପ୍ରକ୍ରିୟା

(ଗ) ସଂପର୍କ,

(ଘ) ଯାତାୟତ ଓ ଯୋଗା ଯୋଗ

(ଙ) ସଂପ୍ରେଷଣ (transmission)

(ଚ) ସର୍ବ ବ୍ୟାପୀ ଓ ନିରନ୍ତରତା

(ଛ) ଆତ୍ମୀକରଣ ଓ ଏକୀକରଣ

୧୧.୨

୧. (କ)

୨. (ଗ)

୩. ମିଶ୍ରଣ

୪. (ଗ)

୧୧.୩

୧. ଠିକ୍

୨. ଭୁଲ

୩. ଠିକ୍

୪. ଭୁଲ

୫. ଭୁଲ

**ସହାୟକ ପୁସ୍ତକମାଳା (Book Reference)**

1. Ogburn, W.F., M.F. Nimkoff (1958) : Sociology
2. Fitcher, H. H. (1957) : Sociology
3. Gillin, J. J. and J P Gillin (1998) : An Introduction of Sociology.
4. Lyhe, G. R. et al, (1980) : Sociology
5. Mac Iver, R.M., and G.H. Page (1985) : Society